READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524





ବର୍ଷ-୪ ସଂଖ୍ୟା-୪୭ ୦୭ - ୧୩ ଡିସେମ୍ବର, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-47 07th - 13th DECEMBER, 2020 BHUBANESWAR ₹ 5/- (8 Pages)


# ପରୀ ନିଆଁରେ ଜଳୁଛି ଯଦୁପୁର

## କଂଗ୍ରେସର ଜେରା, ନିର୍ଣ୍ଣାୟକ ଲଢ଼େଇ ପାଇଁ ପ୍ରସ୍ତୁତ ବିଜେପି

**ଭୁବନେଶ୍ୱର :** ପରୀ ହତ୍ୟାକାଣ୍ଡର ତଦନ୍ତ କରୁଛି ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି)। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏସ୍‌ଆଇଟିର ତଦନ୍ତ ଆଗକୁ ବଢୁଥିଲା ବେଳେ ଗତ ଶନିବାର କଂଗ୍ରେସ ନେତାମାନେ ନୟାଗଡ ସଦର ଥାନା ଅନ୍ତର୍ଗତ ଯଦୁପୁରରେ ପହଞ୍ଚି ପରୀର ପରିବାରକୁ ସମବେଦନା ଜଣାଇବାକୁ ଯାଇଥିଲେ। ଏଥିରେ ଥିଲେ କଂଗ୍ରେସ ପ୍ରଭାରୀ ଡ. ଏ ଚେଲ୍ଲା କୁମାରଙ୍କ ନେତୃତ୍ୱରେ ଏଆଇସିସି ସାଧାରଣ ସମ୍ପାଦକ ଭକ୍ତଚରଣ ଦାସ, ସହ ପ୍ରଭାରୀ ଜି.ରୁଦ୍ରରାଜୁ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି, ଜୟଦେବ ଜେନା ଓ ଜିଲ୍ଲା ପର୍ଯ୍ୟବେକ୍ଷକ ନିଶିକାନ୍ତ ମିଶ୍ର ପ୍ରମୁଖ। ପରୀ ହତ୍ୟା ଘଟଣାକୁ ମାମୁଲି ଘଟଣା କହିଥିବା ନିରଞ୍ଜନଙ୍କ ଟିମ୍ ଯଦୁପୁର ଯିବା ପଛରେ କେଉଁ କାରଣ ରହିଛି ବୋଲି ନୟାଗଡବାସୀ ପ୍ରଶ୍ନ ଉଠାଇଛନ୍ତି। କାରଣ ପରୀର ବାପା ଅଶୋକ ସାହୁ ଓ ମା' ସୌଦାମିନୀଙ୍କୁ ନରସିଂହ ମିଶ୍ର ଯେଉଁ ଢଙ୍ଗରେ ପ୍ରଶ୍ନବାଣରେ ଛନ୍ଦିବା ପାଇଁ ଚେଷ୍ଟା କଲେ ତାହା ପ୍ରତିପକ୍ଷ ଓକିଲଙ୍କ ଜେରାଠୁ କମ ନଥିଲା।



ଗୋଟିଏ ୫ ବର୍ଷର ଝିଅକୁ ଅକାଳରେ ହରାଇଥିବା ବାପା-ମା'ଙ୍କୁ କଂଗ୍ରେସ ସମବେଦନା ଜଣାଇବା ପରିବର୍ତ୍ତେ ଗୁଡେଇ ତୁଡେଇ ପ୍ରଶ୍ନ ପଚାରି କେଉଁ ତଥ୍ୟ ଆଦାୟ କରିବାକୁ ଚାହୁଁଥିଲେ ବୋଲି ସନ୍ଦେହ ଦେଖାଦେଇଛି। ପରୀ ଅପହୃତା ହେବା ପରେ ତାଙ୍କ ବାପା-ମା' ପୋଲିସକୁ ଖବର ଦେଇଥିଲେ। ହେଲେ ୧୦ଦିନ ପରେ ପରୀର ଗଳିତ ମୃତଦେହ ମିଳିଥିଲା। ବିଧାନସଭାରେ ମଧ୍ୟ ସରକାର ସ୍ପଷ୍ଟ କରିଥିଲେ ଯେ, ପରୀକୁ ହତ୍ୟା କରାଯାଇଛି। ହେଲେ ସନ୍ଦିଗ୍ଧ ଅପରାଧୀଙ୍କ ବିରୋଧରେ ନୟାଗଡ ପୋଲିସ ଯେଭଳି କାର୍ଯ୍ୟାନୁଷ୍ଠାନ ନେବା କଥା ତାହା ନହେବାରୁ ବାଧ୍ୟ ହୋଇ ପରୀର ବାପା-ମା' ବିଧାନସଭା ଚାଲିଥିଲା ବେଳେ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଦେବାକୁ ଉଦ୍ୟମ କରିଥିଲେ। ଯେଉଁଥିପାଇଁ ପରୀ ହତ୍ୟା ଘଟଣାକୁ ନେଇ କଂଗ୍ରେସ ଓ ବିଜେପି ବିଧାନସଭା ହୁଲସ୍ଥୁଲ କଲେ। ଆରମ୍ଭରୁ କଂଗ୍ରେସର ପରୀକୁ ନ୍ୟାୟ ଦେବା ଆଭିମୁଖ୍ୟ ଠିକ୍ ଥିଲେ ବି ପରେ ଏହା ବଦଳି ଯାଇଥିବା ଭଳି ମନେହେଉଛି। କଂଗ୍ରେସ ସବୁବେଳେ ଅଭିଯୋଗ କରୁଛି ବିଜେଡି-ବିଜେପି ଭାଇ ଭାଇ। ହେଲେ ଯଦୁପୁରରେ କଂଗ୍ରେସର ଜେରା ସରକାରଙ୍କୁ ବଞ୍ଚାଇବା ପାଇଁ ନା ପରୀକୁ ନ୍ୟାୟ ଦେବା ପାଇଁ? ପୂର୍ବରୁ ପରୀ ହତ୍ୟାକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ବିଜେପି ନିରବ କାହିଁକି ବୋଲି ପ୍ରଶ୍ନ ଉଠାଇଥିଲା କଂଗ୍ରେସ। ପରୀ ମାମଲାରେ ବିଜେପି ଅଯଥା ରାଜନୀତି କରୁଛି ବୋଲି କହିଛନ୍ତି ପିସିସି ସଭାପତି। ସେ କହିଛନ୍ତି ଯେ, ନୟାଗଡ ଜିଲ୍ଲା କଂଗ୍ରେସ ପରୀ ମାମଲାକୁ ନେଇ ଏସ୍‌ପି ଅଫିସ ଘେରାଉ ଠାରୁ ଆରମ୍ଭ କରି ରାଜ୍ୟ ମାନବାଧିକାର କମିଶନଙ୍କୁ ଭେଟିଛି। କଂଗ୍ରେସ ପରୀ ପରୀବାରକୁ ନ୍ୟାୟ ଦେବା ପାଇଁ ➤ ପୃ-୬

# ଚିନ୍ତାରେ ବିଜେପି, ପିପିଲିରେ ପୁଣି ବିଜେଡି !

**ଭୁବନେଶ୍ୱର:** ରାଜ୍ୟରେ ଦୁଇ ଗୋଟି ଉପନିର୍ବାଚନ ତିର୍ତ୍ତୋଲ ଓ ବାଲେଶ୍ୱର ସଦରରେ ବିଜେଡି ଶିବିର ହାତେଇ ନେଇଥିବା ବେଳେ ବିଜେପି ନିଜର ଅଣ୍ଟା ସଳଖିବାରେ ତ୍ରୁଟିଥିବାରୁ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀଟିକୁ ବିଜେଡି ବିଜେପି ହାତରୁ ଛଡାଇ ନେଇଛି। ଏହି ଦୁଇଗୋଟି ଉପ ନିର୍ବାଚନ ପରେ ତୃତୀୟ ପାଳି ଖୁବ ଶୀଘ୍ର ପଡିଯାଇପରେ ପିପିଲି ନିର୍ବାଚନ ମଣ୍ଡଳୀ ଉପରେ। କାରଣ ଦିର୍ଘ ବର୍ଷ ଧରି ବିଜେଡି ହାତରେ ଥିବା ଏହି ଆସନଟିର ବିଧାୟକ ଥିବା ପ୍ରଦୀପ ମହାରଥୀଙ୍କ ଦେହାନ୍ତ ପରେ ଏଠାରେ ବି ଏକ ଉପ ନିର୍ବାଚନ ଅନୁଷ୍ଠିତ ହେବ। ସ୍ୱର୍ଗତ ମହାରଥୀଙ୍କ ଗଡ ଭାବେ ବହୁ ଆଗରୁ ପରିଚିତ ଥିବା ଏହି ନିର୍ବାଚନ ମଣ୍ଡଳିଟିରେ ବିଜେପି କାହାକୁ ପ୍ରାର୍ଥୀ କରିବ ତାକୁ ନେଇ ମତାନ୍ତର ଚାଲିଥିବା ବେଳେ ଶେଷ ମୁହୂର୍ତ୍ତରେ ନିର୍ବାଚନ ମଇଦାନ କୁ କିଏ ଓହ୍ଲାଇବ ତାହା ନେଇ ପ୍ରଶ୍ନ ଉଠିଲାଣି। ଗତ ୨୦୧୯ ନିର୍ବାଚନରେ ବିଜେପି ତାହାର ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କୁ ମଇଦାନକୁ ଓହ୍ଲାଇଥିବା ବେଳେ ସେ ସ୍ୱର୍ଗତ ମହାରଥୀଙ୍କ ଠାରୁ ୧୫୭୮୭ ଭୋଟରେ ପରାଜିତ ହୋଇ ଦ୍ୱିତୀୟ ସ୍ଥାନରେ ଥିଲେ। ଏଥର ବିଜେପି ତାଙ୍କୁ ପ୍ରାର୍ଥୀ କରିବ କି ନାହିଁ ଠିକ ହୋଇ ନଥିବା ବେଳେ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ତଥା ପୁରୀ ଲୋକସଭା ପ୍ରାର୍ଥୀ ହୋଇଥିବା ସମ୍ବିତ ପାତ୍ରଙ୍କ ସହ ମିଶି ପିପିଲି ଭୋଟର ମାନଙ୍କ ନିକଟରେ ପହଞ୍ଚିବାର କସରତ ଆରମ୍ଭ କଲେଣି। ବାଲେଶ୍ୱର ସଦର ନିର୍ବାଚନ ଆସନଟି ବିଜେପି କବ୍ଜାରେ ଥିବାବେଳେ ଓ ବାପାଙ୍କ ଦେହାନ୍ତପରେ ବିଜେପି ଦଳ ତାଙ୍କ ପୁତ୍ରକୁ ପ୍ରାର୍ଥୀ ଭାବେ ଘୋଷଣା କରିଥିଲେ ବି ବିଜେପିର ଦଳୀୟ କନ୍ଦଳ ଯୋଗୁ ତାଙ୍କୁ ପରାଜିତ ହେବାକୁ ପଡିଲା। ବାଲେଶ୍ୱର ସାଂସଦ ଥିବା ବିଜେପିର ପ୍ରତାପ ଷଡଙ୍ଗୀ କେନ୍ଦ୍ରୀୟ ମନ୍ତ୍ରୀ ଥାଇ ଯୋରଦାର ପ୍ରଚାର କରିଥିଲେବି ଦୁଇ ମନ୍ତ୍ରୀଙ୍କ ➤ ପୃ-୬

# ଆକାଶ ଜାଲିଆତି ପଛରେ ଅଭୟକାନ୍ତ

## ଜେଲ୍ ଗଲେ ବାପ-ପୁଅ



**ଭୁବନେଶ୍ୱର :** ଟାଟା କମ୍ପାନୀର ଫେକ୍ ଏମ୍‌ଡି ଆକାଶ ପାଠକଙ୍କ କଳାସାମ୍ରାଜ୍ୟର ଧଳା ଠକେଇ ଧରିବାକୁ ବ୍ୟକ୍ତିଗତ ସହାୟକ(ପିଏ) ଡେଭିଡ୍ ପିଟରଙ୍କୁ ଝାଳବୁହା ଜେରାକରିଛି ଭିଜିଲାନ୍ସ। ପଚାରିଛି, ବାବୁଙ୍କ ବିଜ୍‌ନେସ୍ କ'ଣ? ସେ ପୁଳାପୁଳା ଟଙ୍କା କେଉଁଠୁ ପାଇଲେ। ଟଙ୍କା କେଉଁଠି କେଉଁଠି ଖଟାଇଛନ୍ତି। ତାଙ୍କ ସାଙ୍ଗରେ କିଏ କିଏ ଯୋଗାଯୋଗରେ ଥିଲେ? ମାରାଥନ ଜେରା ବେଳେ ସତ ଓଗାଳିଛି ଡେଭିଡ। ଆକାଶଙ୍କ ସହ ଡେଭିଡ୍‌ଙ୍କର ସମ୍ପର୍କ ପୁରୁଣା ନା ନୂଆ? ଆକାଶଙ୍କ ଟଙ୍କା କାରବାର, ଯାତାୟାତ ଏବଂ ଟାଟା କମ୍ପାନୀରେ ଚାକିରୀ କରାଇବା ସମ୍ବନ୍ଧରେ ଗୁଡ଼େଇ ତୁଡ଼େଇ ପଚାରିଛି ଭିଜିଲାନ୍ସ। ଅଧିକାଂଶ ସମୟରେ ଡେଭିଡ୍ ଆକାଶଙ୍କ ସହିତ ରହୁଥିଲେ। ତେଣୁ ଜାଲ୍ ଅଫିସ ଖୋଲି ଆକାଶ ନିଯୁକ୍ତି ଜାଲିଆତି, ଠକେଇ କରି କୋଟି କୋଟି ଟଙ୍କା ଲୁଟ୍ କରୁଥିଲେ। ଲୁଟ୍ ଟଙ୍କାରେ ରାଜ୍ୟ ଓ ରାଜ୍ୟ ବାହାରେ ଅମାପ ସମ୍ପତ୍ତି ଠୁଳ କରିଛନ୍ତି। ବ୍ୟାଙ୍କରେ ପୁଳା ପୁଳା ଟଙ୍କା ଜମା କରିବା ପଛର କାରଣ ➤ ପୃ-୬

## ବକ୍ରବାଣୀ



ମଉଜ କରିଲେ ଉଡି ଉଡିକା
ଆକାଶରେ ଧୂଆଁ ଛାଡ଼ି ଛାଡ଼ିକା
ଝୁଅ ବାହାଘର ହେଇଥାଆନ୍ତା
ଖିରୀ ଖେଚୁଡିରେ ଭାସିଥାଆନ୍ତା
ରାତିରେ ପହଞ୍ଚି ବବି ସାମନ୍ତ
ବୁଝେଇ ଆଇଲେ ଗୋଟି ଗୋଟିତ
ଝିଅର ଜୀବନ ବଞ୍ଚେଇ ଦେଲେ
ରାକ୍ଷସ ମୁହଁରୁ ଟାଣିଆଇଁଲେ
ନୋଇଲେ କଅଣ ହେଇଥାଆନ୍ତା
ସ୍ୱାମୀ ସାଙ୍ଗେ ଜେଲ ଯାଇଥାଆନ୍ତା।

—ଟୁଟୁ

# ପ୍ରଥମେ ସ୍ୱାସ୍ଥ୍ୟକର୍ମୀଙ୍କୁ କରୋନା ଟିକା

**ନୂଆଦିଲ୍ଲୀ :** କରୋନା ଟିକା ପ୍ରସ୍ତୁତ ହେବାପରେ ସ୍ୱାସ୍ଥ୍ୟସେବାରେ ନିୟୋଜିତ ଏକ କୋଟି ସ୍ୱାସ୍ଥ୍ୟକର୍ମୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକା ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଗତ ଶୁକ୍ରବାର ଏଠାରେ ଆୟୋଜିତ ସର୍ବଦଳୀୟ ବୈଠକରେ ଅଧକ୍ଷତା କରିବା ଅବସରରେ ମୋଦୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯିବାପରେ କରୋନା ଟିକାର ମୂଲ୍ୟ ଧାର୍ଯ୍ୟ କରାଯିବ। ସୂଚନାଯୋଗ୍ୟ କରୋନା ସ୍ଥିତି ସମ୍ପର୍କରେ ଆଲୋଚନା ପାଇଁ ମୋଦୀ ଦ୍ୱିତୀୟ ଥର ସର୍ବଦଳୀୟ ବୈଠକ ଡକାଇଛନ୍ତି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ସମେତ ଏକାଧିକ କେନ୍ଦ୍ରମନ୍ତ୍ରୀ ମଧ୍ୟ ଯୋଗଦେଇଥିଲେ। ଟିକାର ସହଜ ଉପଲବ୍ଧୀ ନିମନ୍ତେ ବୈଜ୍ଞାନିକମାନେ ଅହରାତ୍ର ପରିଶ୍ରମ



ଜାରି ରଖିଛନ୍ତି। ସେମାନଙ୍କ ନିକଟରୁ ସବୁଜ ସଙ୍କେତ ମିଳିବାପରେ ଦେଶରେ ଟିକାଦାନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ମୋଦୀ ବୈଠକରେ ସୂଚନା ଦେଇଛନ୍ତି। କୋଭିଡ୍ ଟିକା ପ୍ରସ୍ତୁତି ଓ ବଣ୍ଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଅନ୍ୟ ରାଷ୍ଟ୍ର ତୁଳନାରେ ଭାରତ ଆଗରେ ରହିଛି ବୋଲି ମୋଦୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ସୁଲଭ ମୂଲ୍ୟରେ କିପରି ବିଶ୍ୱସନୀୟ କୋଭିଡ୍ ଟିକା ମିଳିପାରିବ, ସେଥିପାଇଁ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡିକର ନଜର ଭାରତ ➤ ପୃ-୬

## ସତର୍କ କରାଇଥିଲା ଏନ୍‌ଜିଟି, ମାନିଲେନି କେହି

# ମାରାତ୍ମକ ରୋଗ ବ୍ୟାପିବା ଆଶଙ୍କା

**ଭୁବନେଶ୍ୱର :** ଓଡ଼ିଶାରେ ପ୍ରାୟ ଦୈନିକ ୨୫ ମେଟ୍ରିକ ଟନ କରୋନା ରୋଗୀଙ୍କ ବର୍ଜ୍ୟବସ୍ତୁ ବାହାରୁଛି। ସାରା ଦେଶରେ ବର୍ଜ୍ୟବସ୍ତୁକୁ ମିଶାଇଲେ ପ୍ରାୟ ୮୧୦ ଟନ୍ ହେବ। କରୋନା ମହାମାରୀ କାରଣରୁ ଏସବୁକୁ ନଷ୍ଟ କରିବା ଜରୁରୀ। ବାୟୋ ମେଡିକାଲ ବର୍ଜ୍ୟବସ୍ତୁର ବିଜ୍ଞାନସମ୍ମତ ପରିଚାଳନା କରାନଗଲେ କୋଭିଡ ସହ ବିବିଧ ମାରତ୍ମକ ରୋଗ ବ୍ୟାପିବାର ଆଶଙ୍କା ରହିଛି। ଏହାର ଭୟାବହତାକୁ ଦୃଷ୍ଟିରେ ରଖି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନଜିଟି) ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସତର୍କ କରିଦେଇଥିଲେ। ବିଶେଷକରି ବିଭିନ୍ନ ହସ୍ପିଟାଲଗୁଡ଼ିକ ସଠିକ ଭାବେ ବର୍ଜ୍ୟବସ୍ତୁ ନିଷ୍କାସନ କରୁଛନ୍ତି ନା' ନାହିଁ



ସେସବୁ ତଦାରଖ କରିବାକୁ ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଓଡ଼ିଶାରେ ଅଧିକାଂଶ ଜିଲ୍ଲା କୋଭିଡ ହସ୍ପିଟାଲରେ ତାହାକୁ 'ଫୁ' କରି ଉଡ଼ାଇ ଦେଲା ଭଳି ମନେ ହେଉଛି। ତେଣୁ ଆଗକୁ ଆଉ ଏକ ବଡ଼ ସମସ୍ୟା ଦେଖାଦେଇପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଗତ ଜୁଲାଇ ମାସରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ଏହି ନିର୍ଦ୍ଦେଶନାମା ଜାରି କରିଥିଲେ। ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ସଚିବଙ୍କ ସମେତ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିଚାଳନା, ସ୍ୱାସ୍ଥ୍ୟ, ଜଳଶକ୍ତି, ନଗର ଉନ୍ନୟନ ଓ ପରିବେଶ ମନ୍ତ୍ରଣାଳୟକୁ ନିର୍ଦ୍ଦେଶନାମାର ଏକକିତା ନକଲ ପଠାଇ ଦିଆଯାଇଥିଲା। ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ନେଇ କ'ଣ ସବୁ ପଦକ୍ଷେପ ନିଆଯାଉଛି ସେ ସଂକ୍ରାନ୍ତରେ ବିସ୍ତୃତ ରିପୋର୍ଟ ଏନ୍‌ଜିଟି ନିକଟରେ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦଶନାମାରେ କୁହାଯାଇଥିଲା। କାରଣ ଦେଶରେ ୨,୯୦୭ଟି ହସ୍ପିଟାଲ, ୨୦,୭୦୭ଟି କ୍ୱାରେଣ୍ଟାଇନ୍ ସେଣ୍ଟର, ୧୫୩୯ଟି ସାମ୍ପୁଲ କଲେକ୍ସନ ସେଣ୍ଟର ଓ ୨୬୪ଟି ➤ ପୃ-୬






# 'ଓଡ଼ିଶାବାସୀଙ୍କ ଭରସା ବଡ଼ମେଡିକାଲ'

**ଭୁବନେଶ୍ୱର :** ରାଜ୍ୟର ସର୍ବପୁରାତନ ଏବଂ ସମ୍ମାନଜନକ ଚିକିତ୍ସା ପ୍ରତିଷ୍ଠାନ ଶ୍ରୀ ରାମଚନ୍ଦ୍ରଭଞ୍ଜ ଭେଷଜ ମହାବିଦ୍ୟାଳୟର ବିଶ୍ୱସ୍ତରୀୟ ୱେବ୍‌ସାଇଟ୍, ପୁରାତନ ଛାତ୍ର ସଂଘ ଏବଂ ଏହାର ୱେବସାଇଟ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏସ୍‌ସିବି ମେଡିକାଲ କଲେଜର ଚିକିତ୍ସା କ୍ଷେତ୍ରରେ ଥିବା ସୁନାମ ଉପରେ ଆଲୋକପାତ କରି ଏହାକୁ ଏକ ବିଶ୍ୱସ୍ତରୀୟ ଚିକିତ୍ସା ପ୍ରତିଷ୍ଠାନ ଭାବରେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ସରକାରଙ୍କ ୫-ଟି ଇଣ୍ଟିଟିଏଟିଭ୍ ଅଧିନରେ ଏଥିନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଯାଇଛି।




ବଡ ମେଡିକାଲ ଭାବରେ ଜଣାଶୁଣା ଏସ୍‌ସିବି ମେଡିକାଲ କଲେଜକ ଓଡ଼ିଶାବାସୀଙ୍କ ଭରିସା ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଅନୁଷ୍ଠାନର ମାନବ ସେବା ହିଁ ତାକୁ ଏକ ପବିତ୍ର ଅନୁଷ୍ଠାନ ଭାବରେ ପରିଚୟ ଦେଇଛନ୍ତି। ଅନେକ ପ୍ରତିଭାର ଏକୁଡିଶାଳ ଏସ୍‌ସିବି ତାର ୭୬ ବର୍ଷର ଇତିହାସରେ ଅନେକ ଚିକିତ୍ସକ ସୃଷ୍ଟି କରିଛି ଏବଂ ଆଜି ସେମାନେ ଦେଶ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ପରିବାରରେ ସାମାନ୍ୟ କଥାକୁ ନେଇ କଳହ ହୋଇପାରେ। ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ବ୍ୟବସାୟୀମାନେ ଲାଭାବନ୍ ହେବେ।

**ବୃଷ** ଭାଗ୍ୟ ଉଜ୍ଜ୍ୱଳ ରହିବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ।

**ମିଥୁନ** ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ।

**କର୍କଟ** ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି।

**ସିଂହ** ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ।

**କନ୍ୟା** ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ।

**ତୁଳା** ଶାରୀରିକ ପୀଡା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ।

**ବିଛା** ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।

**ଧନୁ** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ।

**ମକର** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ।

**କୁମ୍ଭ** ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଆର୍ଥିକ ଅସୁବିଧା ଲାଗି ରହିବ। ଯାନବାହନ ପ୍ରତି ସତର୍କତା ଅବଲମ୍ବନ କରିବେ।

**ମୀନ** ପାରିବାରିକ ଅଶାନ୍ତି ଦୂର ହେବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ବିବାହ ଆଶାୟୀମାନଙ୍କ ଆଶା ପୂରଣ ହେବାର ସମ୍ଭାବନା ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ପ୍ରବାସୀ ଭାରତୀୟଙ୍କ ପାଇଁ ପୋଷ୍ଟାଲ ବାଲଟ୍ ବ୍ୟବସ୍ଥା

# ସଂଶୋଧିତ ଆଇନ ଆଣିବାକୁ ଇସିଙ୍କ ପ୍ରସ୍ତାବ

**ନୂଆଦିଲ୍ଲୀ :** ଆସନ୍ତାବର୍ଷ ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ପ୍ରଚଳିତ ପୋଷ୍ଟାଲ ବାଲଟ୍ ବ୍ୟବସ୍ଥା ଆଇନକୁ ସଂଶୋଧନ କରି ପ୍ରବାସୀ ଭାରତୀୟଙ୍କୁ ଭୋଟଦାନର ସୁବିଧା ପ୍ରଦାନ କରିବାକୁ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ସରକାରଙ୍କୁ ଲିଖିତଭାବେ ପ୍ରସ୍ତାବ ଦିଆଯାଇଛି। କେନ୍ଦ୍ର ଆଇନ ମନ୍ତ୍ରଣାଳୟକୁ ଲେଖାଯାଇଥିବା ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଇତିମଧ୍ୟରେ ଇସିଙ୍କ ଦ୍ୱାରା ପ୍ରଚଳିତ ଇଟିପିବିଏସ (ଇଲେକ୍ଟ୍ରୋନିକାଲି ଟ୍ରାନ୍ସମିଟେଡ୍ ପୋଷ୍ଟାଲ ବାଲଟ୍ ସିଷ୍ଟମ) ସୁଚାରୁରୂପେ କାର୍ଯ୍ୟକ୍ଷମ ହୋଇସାରିଛି। ତେଣୁ ପ୍ରବାସୀ ଭାରତୀୟ ଭୋଟରଙ୍କୁ ମଧ୍ୟ ଏହି ସୁବିଧା ପ୍ରଦାନ କରାଯାଇପାରିବ। ତେବେ ଏଥିପାଇଁ ପ୍ରଚଳିତ ଆଇନରେ ସରକାରଙ୍କୁ ଆଉ





ଏକ ସଂଶୋଧନ ଆଣିବା ଜରୁରୀ। ସୂଚନାଯୋଗ୍ୟ 'ନିର୍ବାଚନ ଆଇନ ୧୯୬୧ର ଧାରା ୨୩'କୁ ସଂଶୋଧନ କରାଯିବାପରେ ବର୍ତ୍ତମାନ ଇଟିପିବିଏସ ଅତ୍ୟନ୍ତ ସନ୍ତୋଷଜନକ ଓ ସୁରକ୍ଷିତଭାବେ କାର୍ଯ୍ୟ କରୁଥିବା ଇସିଙ୍କ ପକ୍ଷରୁ କୁହାଯାଇଛି। ସରକାରୀ ସୂଚନା ଅନୁଯାୟୀ ବର୍ତ୍ତମାନ ବିଶ୍ୱର ୨୦୦ଟି ରାଷ୍ଟ୍ରରେ ପ୍ରାୟ ୧ କୋଟି ୨୬ ଲକ୍ଷ ଭାରତୀୟ ପାସପୋର୍ଟଧାରୀ ବସବାସ କରୁଛନ୍ତି। ଏମାନେ ପ୍ରକ୍ସି ଜରିଆରେ ଭୋଟ ଦେଇପାରିବେ ବୋଲି ୨୦୧୮ ଅକ୍ଟୋବରରେ ଲୋକସଭାରେ ଏକ ବିଲ୍ ପାସ୍ ହୋଇଥିଲା। ତେବେ ରାଜ୍ୟସଭାର ଅନୁମୋଦନ ଲାଭ କରିବା ପୂର୍ବରୁ ଲୋକସଭା ଭଙ୍ଗ ହେବାରୁ ଏହା ଆଇନରେ ପରିଣତ ହୋଇପାରିନଥିଲା। ସେମାନଙ୍କୁ ପୋଷ୍ଟାଲ ବାଲଟ୍ ଜରିଆରେ ଭୋଟଦାନ ଅଧିକାର ପ୍ରଦାନ କରାଯାଉ ବୋଲି ଦାବି କରି ଇତିମଧ୍ୟରେ ଅଧିକାଂଶ ପ୍ରବାସୀ ଭାରତୀୟଙ୍କ ତରଫରୁ ଇସିଙ୍କ ନିକଟକୁ ସ୍ମାରକପତ୍ର ପଠାଯାଇଛି। ନିଜସ୍ୱ ନିର୍ବାଚନ ମଣ୍ଡଳୀକୁ ଆସି ଭୋଟ ଦେବା ସେମାନଙ୍କ ପକ୍ଷରେ ନିଶ୍ଚିତଭାବେ ବ୍ୟୟସାପେକ୍ଷ। ଏହାବ୍ୟତୀତ ଭୋଟ ଦେବାକୁ ସ୍ୱଦେଶ ଆସିବା ପାଇଁ ବିଦେଶରେ ଚାକିରୀ କରୁଥିବା ଭାରତୀୟଙ୍କୁ ଛୁଟି ମଧ୍ୟ ମିଳୁନାହିଁ। ପୁନଶ୍ଚ ସଂପ୍ରତି ବିଶ୍ୱରେ କୋଭିଡ୍ ପରିସ୍ଥିତି ଉଦ୍‌ବେଗଜନକ ହୋଇଥିବାରୁ ପ୍ରବାସୀ ଭାରତୀୟ ସ୍ୱଦେଶ ଆସି ଭୋଟଦାନ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡିଛି। ପ୍ରବାସୀ ଭାରତୀୟଙ୍କୁ ପୋଷ୍ଟାଲ ବାଲଟ୍ କିମ୍ବା ପ୍ରକ୍ସି ଜରିଆରେ ଭୋଟଦାନ ଅନୁମତି ଦେବାକୁ 'ଲୋକପ୍ରତିନିଧି ଆଇନର ଧାରା ୬୦'ରେ ସଂଶୋଧନ ପ୍ରସ୍ତାବକୁ ସମୀକ୍ଷା କରିବା ନିମନ୍ତେ ୨୦୧୪ରେ ସରକାରଙ୍କ ପକ୍ଷରୁ ଏକ ପ୍ୟାନେଲ ଗଠନ କରାଯାଇଥିଲା। ଏହି ପ୍ରସ୍ତାବ ଏବେ ମଧ୍ୟ ଆଇନ ମନ୍ତ୍ରଣାଳୟର ବିଚାରାଧୀନ ରହିଛି। ସଂସଦର ଅନୁମୋଦନ ପରେ ହିଁ ଏହା ଆଇନରେ ପରିବର୍ତ୍ତିତ ହେବ। ତେଣୁ ଯଥାଶୀଘ୍ର ଏହି ଆଇନରେ ସଂଶୋଧନ ଆଣିବାକୁ ଇସିଙ୍କ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି। ପ୍ରବାସୀ ଭାରତୀୟଙ୍କୁ ଭୋଟଦାନ ଅଧିକାର ପ୍ରଦାନ ଫଳରେ ଆନ୍ତର୍ଜାତିକସ୍ତରରେ ଭାରତର ଭାବମୂର୍ତ୍ତି ନିଶ୍ଚିତଭାବେ ବୃଦ୍ଧି ପାଇବ ବୋଲି ଇସିଙ୍କ ପକ୍ଷରୁ କୁହାଯାଇଛି।

## ଗୁଜରାଲଙ୍କ ନାମରେ ସ୍ମାରକୀ ଡାକ ଟିକେଟ

**ନୂଆଦିଲ୍ଲୀ :** ସମସ୍ତ ରାଜନୈତିକ ଦଳ ଏକତ୍ର ହୋଇ ଆତଙ୍କବାଦ ବିରୋଧରେ ଲଢେଇ କରିବା ଦରକାର। ଏହାଛଡ଼ା ବର୍ତ୍ତମାନ ଆମେ ଇତିହାସର ସବୁଠାରୁ ଖରାପ ସମୟ ଦେଇ ଗତି କରୁଛନ୍ତି। ତେଣୁ ସମସ୍ତ ଦେଶ, ବିଶେଷ ଭାବରେ ଦକ୍ଷିଣ ଏସିଆର ଦେଶମାନେ ଏକତ୍ର ହୋଇ ଏହାର ମୁକାବିଲା କରିବା ଦରକାର ବୋଲି ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁ ଶୁକ୍ରବାର ପୂର୍ବତନ ପ୍ରଧାନମନ୍ତ୍ରୀ ଆଇକେ ଗୁଜରାଲ୍‌ଙ୍କ ୧୦୧ତମ ଜନ୍ମଦିବସ ଅବସରରେ କହିଛନ୍ତି। ଏଥିସହ ସେ ଗୁଜରାଲଙ୍କ ସ୍ମାରକରେ ଏକ ଡାକଟିକେଟ୍ ଲଞ୍ଚ୍ କରିଛନ୍ତି। ଏହି ଅବସରରେ ନାଇଡୁ ୧୯୪୦ଦଶକରେ ବ୍ରିଟିଶ୍ ଉପନିବେଶବାଦ ବିରୋଧରେ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନ ସମୟରେ ଗୁଜରାଲ ଏବଂ ତାଙ୍କ ପରିବାରକୁ କିପରି ଇଂରେଜମାନଙ୍କ ଦ୍ୱାରା ବନ୍ଦୀ କରାଯାଇଥିଲା ସେ ସମ୍ପର୍କରେ ମନେ ପକାଇଥିଲେ। ଏହାଛଡ଼ା ଗୁଜରାଲ ଜଣେ ମିଷ୍ଟଭାଷୀ, ସୌମ୍ୟ ରାଜନେତା ଥିଲେ ବୋଲି ସେ କହିଥିଲେ।

## 'ଚୀନର ମୁକାବିଲା ପାଇଁ ନୌସେନା ପ୍ରସ୍ତୁତ'

**ନୂଆଦିଲ୍ଲୀ :** ସୀମାରେ ଚୀନ ସହିତ ମେ ମାସରୁ ଉତ୍ତେଜନା ଜାରି ରହିଛିଯ ସେପଟେ ପଶ୍ଚିମ ସୀମାରେ ପାକିସ୍ତାନ ବାରମ୍ବାର ଅନୁପ୍ରବେଶ ଉଦ୍ୟମ ଚଳାଇଛି। ଏପରି ସ୍ଥିତିରେ ନୌସେନା ମୁଖ୍ୟ ଆଡମିରାଲ କରମବୀର ସିଂହ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ, ଦେଶ ସମ୍ମୁଖରେ କରୋନା ଏବଂ ସୀମାରେ ଚୀନ ସହିତ ମୁକାବିଲା କରିବାର ଚ୍ୟାଲେଞ୍ଜ ରହିଛି। ନୌସେନା ଏଥିପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି। ଆଡ୍‌ମିରାଲ ସିଂହ କହିଛନ୍ତି, ଭବିଷ୍ୟତରେ ନୌସେନା ପାଇଁ ନିର୍ମାଣ ହେବାକୁ ଥିବା ୪୩ ଯୁଦ୍ଧ ଜାହାଜ ଏବଂ ବୁଡ଼ା ଜାହାଜ ମଧ୍ୟରୁ ୪୧ଟି ଭାରତରେ ନିର୍ମାଣ ହେବ, ଯେଉଁଥିରେ ସ୍ୱଦେଶୀ ବିମାନ ବାହକ ଜାହାଜ ବି ସାମିଲ ହେବ। ଆତ୍ମନିର୍ଭର ଭାରତ ଅଭିଯାନକୁ ଦୃଷ୍ଟିରେ ଏପରି କରାଯାଉଛି। ନୌସେନାରେ ମହିଳା ଅଧିକାରୀମାନଙ୍କ ସମ୍ପର୍କରେ ସୂଚନା ଦେଇ ସିଂହ କହିଥିଲେ ଯେ, ଗତ ନଭେମ୍ବରରେ ଭାରତୀୟ ନୌସେନା ଜାହାଜରେ ୪ ମହିଳା ଅଧିକାରୀଙ୍କୁ ନିଯୁକ୍ତ କରିଛି। ସେହିପରି ୨ ମହିଳା ଅଧିକାରୀଙ୍କୁ ମାଳଦ୍ୱୀପ ଏବଂ ରୁଷରେ ନିଯୁକ୍ତ କରାଯାଇଛି। ଦେଶ ସାମ୍ନାରେ କରୋନା ଭାଇରସ ଏବଂ ଏଲଏସିରେ ଚୀନ ସହିତ ମୁକାବିଲା କରିବାର ୨ଟି ଚ୍ୟାଲେଞ୍ଜ ରହିଛି। ଏହି ଦୁଇଟି ଯାକ ଚ୍ୟାଲେଞ୍ଜର ସାମ୍ନା କରିବା ଲାଗି ନୌସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତୀୟ ନୌସେନା ମଜଭୁତ ହୋଇ ଛିଡ଼ା ହେବା ଲାଗି ଦୃଢ଼ ସଙ୍କଳ୍ପବଦ୍ଧ ବୋଲି ସେ କହିଥିଲେ। ହିନ୍ଦ୍ ମହାସାଗରରେ ଚୀନ ଜାହାଜଗୁଡ଼ିକ ଦ୍ୱାରା ଅନୁପ୍ରବେଶ କରାଯିବାର ସ୍ଥିତିକୁ ମୁକାବିଲା କରିବା ପାଇଁ ଆମ ନିକଟରେ ଏସଓପି ଥିବା ସିଂହ କହିଛନ୍ତି। ଲିଜ୍‌ରେ ଆସିଥିବା ୨ଟି ପ୍ରିଡେଟର ଡ୍ରୋନ୍ ଆମ ଯାଞ୍ଚ ଦକ୍ଷତାରେ ଥିବା ଅନ୍ତରକୁ ପୂରା କରିବାରେ ସହଯୋଗ କରୁଛନ୍ତି। ଭାରତୀୟ ସେନା ଏବଂ ଭାରତୀୟ ବାୟୁସେନା ସହିତ ନୌସେନା ମିଶି କାମ କରୁଛି। ୨ଟି ଯାକ ସେନା ସହିତ ନୌସେନା ନିକଟ ସମନ୍ୱୟ ଏବଂ ତାଳମେଳ ରକ୍ଷା କରୁଛି। ଆମେ ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ପ୍ରସ୍ତୁତ ରହିଛୁ ବୋଲି ସେ କହିଛନ୍ତି।

# 'ପ୍ରତ୍ୟକ ବ୍ୟକ୍ତି ମାସ୍କ ପିନ୍ଧିବା ବାଧ୍ୟତାମୂଳକ'

**ନୂଆଦିଲ୍ଲୀ :** ସଂପ୍ରତି ଦେଶବ୍ୟାପୀ କରୋନା ରୋଗର ପ୍ରକୋପ ଅବ୍ୟାହତ ରହିଥିବାବେଳେ ମାସ୍କ୍ ପିନ୍ଧୁନଥିବା ବ୍ୟକ୍ତି ଅନ୍ୟ ନାଗରିକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ କରୁଛନ୍ତି ବୋଲି ସୁପ୍ରିମକୋର୍ଟ ମତବ୍ୟକ୍ତ କରିଛନ୍ତି। କରୋନା କାଳରେ ପ୍ରତ୍ୟେକ ବ୍ୟକ୍ତି ମାସ୍କ୍ ପରିଧାନ କରିବା ବାଧ୍ୟତାମୂଳକ ଏବଂ ଏହି କଟକଣାକୁ ଅମାନ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ରାଜ୍ୟ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହି ଅବସରରେ ଡିସେମ୍ବର ୨ରେ ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରା ଜାରି କରାଯାଇଥିବା ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଛନ୍ତି। ସୂଚନାଯୋଗ୍ୟ ସର୍ବସାଧରଣ ସ୍ଥାନରେ ଚଳପ୍ରଚଳ କରୁଥିବା ଯେଉଁ ବ୍ୟକ୍ତି ମାସ୍କ୍ ପରିଧାନ କରୁନାହାନ୍ତି, ସେମାନଙ୍କୁ ଆର୍ଥିକ ଦଣ୍ଡ ପରିବର୍ତ୍ତେ କୋଭିଡ୍ ସେଣ୍ଟରଗୁଡିକରେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିବାକୁ ବାଧ କରାଯାଉ ବୋଲି ଗୁଜରାଟ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାବ୍ୟତୀତ ଜନସାଧାରଣ କିପରି ସର୍ବସାଧାରଣ ସ୍ଥାନରେ ବାଧ୍ୟତାମୂଳକଭାବ ମାସ୍କ୍ ପରିଧାନ କରିବେ ଓ ସାମାଜିକ ଦୂରତ୍ୱ ପାଳନ କରିବେ, ତାହା ନିଶ୍ଚିତ କରିବାକୁ କିଭଳି ପଦକ୍ଷେପ ଗ୍ରହଣ କରାଯାଇପାରିବ, ସେ ସମ୍ପର୍କରେ ସୁପ୍ରିମକୋର୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରିଛନ୍ତି। କରୋନା ସଂକ୍ରମଣକୁ ରୋକିବା ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ମାସ୍କ୍ ପରିଧାନ ସହ ସାମାଜିକ ଦୂରତା ବଜାୟ ରଖିବା ଭଳି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏସଓପି (ମାନକ କାର୍ଯ୍ୟପ୍ରଣାଳୀ)କୁ ପ୍ରତ୍ୟେକ ରାଜ୍ୟ ସରକାର କଡାକଡିଭାବେ ପାଳନ କରିବାକୁ ଜଷ୍ଟିସ ଅଶୋକ ଭୂଷଣଙ୍କ ଅଧକ୍ଷତାରେ ଗଠିତ ତିନିଜଣିଆ ପୀଠ ଗୁରୁବାର ରାୟ ଦେଇଛନ୍ତି। ଏହି କଟକଣାକୁ ହେୟଜ୍ଞାନ କରୁଥିବା ବ୍ୟକ୍ତି ପରୋକ୍ଷରେ ଅନ୍ୟ ନାଗରିକଙ୍କ ମୌଳିକ ଅଧିକାର (ବଞ୍ଚିବା ଓ ଉତ୍ତମ ସ୍ୱାସ୍ଥ୍ୟ ଅଧିକାର)କୁ କ୍ଷୁଣ୍ଣ କରୁଛନ୍ତି ବୋଲି



ସୁପ୍ରିମକୋର୍ଟ ପୀଠ ହୃଦୟଙ୍ଗମ କରିଛନ୍ତି। ଶୁଣାଣି ସମୟରେ ଗୁଜରାଟ ସରକାରଙ୍କ ପକ୍ଷରୁ ମାମଲା ଲଢୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ଦର୍ଶାଇଛନ୍ତି ଯେ ଗୁଜରାଟ ହାଇକୋର୍ଟଙ୍କ ଏହି ରାୟ ପଛରେ ମହତ ଉଦ୍ଦେଶ୍ୟ ରହିଥିଲେ ସୁଦ୍ଧା ମାସ୍କ୍ ପିନ୍ଧୁନଥିବା ବ୍ୟକ୍ତିଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ ନ କରିବା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ଏହାଦ୍ୱାରା ମାସ୍କ୍ ପିନ୍ଧୁନଥିବା ବ୍ୟକ୍ତି କରୋନା ସଂକ୍ରମଣକୁ ବୃଦ୍ଧି କରିବାରେ ସହାୟକ ହେଉଥିବା ସେ କହିଥିଲେ। ସୁପ୍ରିମକୋର୍ଟ ମଧ୍ୟ ମେହେଟ୍ଟାଙ୍କ ବକ୍ତବ୍ୟ ସହ ଏକମତ ହୋଇଥିଲେ। ଗୁଜରାଟରେ କୋଭିଡ୍ କଟକଣାକୁ ଉଲ୍ଲଙ୍ଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ କରି ଗୁଜରାଟର ଜଣେ ଆଇନଜୀବୀ ସୁପ୍ରିମକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ଦାଏର କରିଥିବା ପ୍ରକାଶ। ଏଭଳି କାର୍ଯ୍ୟଦ୍ୱାରା ଦେଶରେ କରୋନା ସଂକ୍ରମଣକୁ ରୋକିବାରେ କେନ୍ଦ୍ର ସରକାରଙ୍କ ସମସ୍ତ ଉଦ୍ୟମ ଫସର ଫାଟୁଥିବା ଏବଂ ସମାଜ ପ୍ରତି ଏହା ଏକ ନକରାତ୍ମକ ବାର୍ତ୍ତା ପ୍ରେରଣ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହି ପ୍ରସଙ୍ଗରେ ଗୁଜରାଟ ସରକାରଙ୍କ ଦ୍ୱାରା ଦାଏର କରାଯାଇଥିବା ଅନ୍ୟ ଏକ ପିଟିସନର ଶୁଣାଣି ଜାନୁଆରୀ ଦ୍ୱିତୀୟ ସପ୍ତାହରେ ଅନୁଷ୍ଠିତ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ଗଞ୍ଜେଇ ବିପଜ୍ଜନକ ନୁହେଁ : ଜାତିସଂଘ

**ଜେନେଭା :** ଗଞ୍ଜେଇ ବିପଜ୍ଜନକ ନୁହେଁ। ଏଭଳି ଯୁକ୍ତି ରଖି ଗଞ୍ଜେଇକୁ ବିପଜ୍ଜନକ ଡ୍ରଗ୍ସ ତାଲିକାରୁ ବାଦ୍ ଦେବା ସପକ୍ଷରେ ଜାତିସଂଘରେ ଭାରତ ଭୋଟ୍ ଦେଇଛି। ଏବେ ଜତିସଂଘରେ ମଧ୍ୟ ଭାରତର ଯୁକ୍ତିକୁ ସମର୍ଥନ ମିଳିଛି। ତେଣୁ ଗଞ୍ଜେଇ ବିପଜ୍ଜନକ ତାଲିକାରୁ ବାଦ୍ ପଡ଼ିଛି। ହେଲେ ଜାତିସଂଘର ଏହି ନିଷ୍ପତ୍ତି ପରେ ହିରୋଇନ୍ ଭଳି ମାଦକ ଦ୍ରବ୍ୟ ମଧ୍ୟ ନିଶା ତାଲିକାରୁ ବାଦ୍ ପଡ଼ିଛି। ଜାତିସଂଘର ମୋଟ୍ ୫୩ଟି ଦେଶ ମଧ୍ୟରୁ ୨୭ଟି ଭୋଟ୍ ସପକ୍ଷରେ ଯାଇଥିଲା। ଯେଉଁଥିରେ ଆମେରିକା, ଭାରତ, ୟୁରୋପୀୟ ଦେଶ ରହିଛନ୍ତି। ସେହିପରି ଚାଇନା, ପାକିସ୍ତାନ, ଋଷିଆ ଭଳି ୨୫ଟି ଦେଶ ଏହାକୁ ବିରୋଧ କରି ଭୋଟ୍ ଦେଇଥିଲେ। ଗୋଟିଏ ଦେଶ ଭୋଟ ଦାନରୁ ନିବୃତ୍ତ ରହିଥିଲା। ଜାତିସଂଘ ଏବେ ଡ୍ରଗ୍ସକୁ ବିପଜ୍ଜନକ ତାଲିକାରୁ ବାଦ୍ ଦେଇଛି। ହେଲେ ଔଷଧ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ପୁନଃ ବର୍ଗୀକରଣ କରିବାକୁ ସୁପାରିସ କରିଛି ଜାତିସଂଘ। ଭାରତରେ ଏନଡିପିସି ଆକ୍ଟ ୧୯୮୫ ଆଧାରରେ ଗଞ୍ଜେଇ ଚାଷ କରିବା, ଔଷଧ ତିଆରି କରିବା ଏବଂ ଏହାକୁ ବିକ୍ରି କରିବା ଅପରାଧ ବୋଲି ବିବେଚନା ହୋଇଛି। ୧୯୬୧ ମସିହାରେ ଗଞ୍ଜେଇକୁ ଆନେକ୍ସ ୪ ତାଲିକାରେ ରଖିଥିଲା ନାର୍କୋଟିକ୍ ଡ୍ରଗ୍ସ କନଭେନସନ। ଏହାପରେ ଗଞ୍ଜେଇକୁ ଡ୍ରଗ୍ସ ତାଲିକାରୁ ବାଦ୍ ଦେବା ପାଇଁ ତର୍କ ବିତର୍କ ଚାଲିଥିଲା। ଗତବର୍ଷ ମାର୍ଚ୍ଚ ମାସରେ ଏ ବାବଦରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ବିରୋଧ କାରଣରୁ ଭୋଟିଂ ହୋଇପାରିନଥିଲା। ଶେଷରେ ଜାତିଂସଘରେ ଏହାର ଭୋଟିଂ ହୋଇଛି।

## ନୋଙ୍ଗ୍‌ପୋକ୍ ସେକ୍‌ମାଇ ଭାରତର ସର୍ବଶ୍ରେଷ୍ଠ ଥାନା

**ଇମ୍ଫାଲ :** କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମଣିପୁରର ଥୌବାଲ ଜିଲା ଅନ୍ତର୍ଗତ ନୋଙ୍ଗ୍‌ପୋକ୍ ସେକ୍‌ମାଇକୁ ଦେଶର ସର୍ବଶ୍ରେଷ୍ଠ ଥାନା ଭାବେ ମାନ୍ୟତା ପ୍ରଦାନ କରାଯାଇଛି। ଏହି ଅବସରରେ ଭର୍ଚୁଆଲ ପ୍ଲାଟଫର୍ମରେ ଚାଲିଥିବା ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ୍ ଏହି ଥାନା ଅଧିକାରୀଙ୍କୁ ଟ୍ରଫି ପ୍ରଦାନ କରିଛନ୍ତି। ୨୦୧୫ ଏପ୍ରିଲ ୮ରେ ଏହି ଥାନା ପ୍ରତିଷ୍ଠା କରାଯାଇଥିଲା। ପୁଲିସ କର୍ମୀଙ୍କ କାର୍ଯ୍ୟଦକ୍ଷତା, କର୍ତ୍ତବ୍ୟନିଷ୍ଠା ଓ ନାଗରିକଙ୍କ ମତାମତକୁ ଆଧାର କରି ପ୍ରତିବର୍ଷ ଦେଶର ଶ୍ରେଷ୍ଠ ଦଶଟି ଥାନାର ତାଲିକା ପ୍ରସ୍ତୁତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୫ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପ୍ରତିବର୍ଷ ଶ୍ରେଷ୍ଠ ୧୦ଟି ଥାନାର ତାଲିକା ପ୍ରସ୍ତୁତ ହୋଇଆସୁଛି। ଇତିପୂର୍ବରୁ ୨୦୧୮ ଓ ୨୦୧୯ରେ ମଣିପୁରର ଦୁଇଟି ଥାନା ନାମ୍ବୋଲ ଓ ଇମ୍ଫାଲ (ପଶ୍ଚିମ) ଯଥାକ୍ରମେ ଶ୍ରେଷ୍ଠ ଥାନା ଭାବେ ବିବେଚିତ ହୋଇସାରିଛନ୍ତି। ଏହି ଅବସରରେ ମଣିପୁର ମୁଖ୍ୟମନ୍ତ୍ରୀ ବୀରେନ୍ଦ୍ର ସିଂହ ଉକ୍ତ ଥାନାର ଆଇଆଇସି ଓ ଅନ୍ୟ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗକୁ ଏହି ଧାରା ବଜାୟ ରଖିବାକୁ ପରାମର୍ଶ ଦେଇଛନ୍ତି। ଉକ୍ତ ସର୍ଭେରେ ଦେଶର ମୋଟ ୧୬,୬୭୧ଟି ଥାନାକୁ ସାମିଲ କରାଯାଇଥିଲା। ପ୍ରକାଶିତ ତାଲିକା: (୧) ନୋଙ୍ଗ୍‌ପୋକ୍ ସେକ୍‌ମାଇ (ମଣିପୁର), (୨) ଏଡବ୍ଲ୍ୟୁପିଏସ ସୁରମଙ୍ଗଳମ (ତାମିଲନାଡୁ), (୩) ଖରସାଙ୍ଗ୍ (ଅରୁଣାଚଳ ପ୍ରଦେଶ), (୪) ଝିଲମିଲି (ସୁରଜପୁର, ଛତିଶଗଡ), (୫) ସାଙ୍ଗୁଏମ (ଗୋଆ), (୬) କାଲିଘାଟ (ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ), (୭) ପାକ୍‌ୟୋଙ୍ଗ୍ (ସିକିମ), (୮) କଣ୍ଠ (ଉତ୍ତର ପ୍ରଦେଶ), (୯) ଖାନ୍‌ଭେଲ (ଦାଦ୍ରା ଓ ନଗର ହାଭେଲି), (୧୦) ଜାମୁକୁନ୍ତା ଟାଉନ (ତେଲେଙ୍ଗାନା)।

### ବ୍ରହ୍ମପୁତ୍ର ଉପରେ ଚୀନର ଡ୍ୟାମ ନିର୍ମାଣ ଯୋଜନା

# ଭାରତ ଓ ବାଂଲାଦେଶ ଚିନ୍ତିତ

**ନୂଆଦିଲ୍ଲୀ/ବେଜିଂ :** ଭାରତକୁ ସବୁ ଦିଗରୁ ଅଡୁଆରେ ପକାଇବା ପାଇଁ ପଡୋଶୀ ଚୀନ କୌଣସି ସୁଯୋଗ ହାତଛଡା କରୁନାହିଁ। ଲଦାଖ ହେଉ କି ଡୋକ୍‌ଲାମ, ସୀମା ବିବାଦକୁ ନେଇ ଭାରତ ସହ ମୁହାଁମୁହିଁ ହୋଇସାରିଥିବା ଚୀନ ବର୍ତ୍ତମାନ ନିଜ ଅଞ୍ଚଳରେ ଏଭଳି ଏକ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛି, ଯାହା ପରୋକ୍ଷରେ ଭାରତକୁ ପ୍ରଭୂତ କ୍ଷତି ପହଞ୍ଚାଇବ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏକ ଜଳବିଦ୍ୟୁତ ପ୍ରକଳ୍ପ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଚୀନ ଖୁବଶୀଘ୍ର ତିବ୍ବତସ୍ଥିତ ବ୍ରହ୍ମପୁତ୍ର ନଦୀ ଉପରେ ବିରାଟ ନଦୀବନ୍ଧ ନିର୍ମାଣ କରିବାକୁ ଯାଉଛି। ପାୱାର କର୍ପୋରେସନ ଅଫ୍ ଚାଇନାର ଅଧ୍ୟକ୍ଷ ୟାନ୍ ଝିୟୋଙ୍ଗ୍ ଏ ପ୍ରସଙ୍ଗରେ ଚୀନର ସରକାରୀ ମିଡିଆ 'ଗ୍ଲୋବାଲ ଟାଇମ୍‌ସ'କୁ ଦେଇଥିବା ସାକ୍ଷାତକାରରେ ଏ ସମ୍ପର୍କିତ ସୂଚନା ଦେଇଛନ୍ତି। ଆସନ୍ତାବର୍ଷରୁ ଉକ୍ତ ନଦୀବନ୍ଧର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କୁହାଯାଇଛି। ଚୀନର କ୍ଷମତାସୀନ କମ୍ୟୁନିଷ୍ଟ ପାର୍ଟିର ସେଣ୍ଟ୍ରାଲ କମିଟି ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ଅନୁମୋଦନ କରିସାରିଛି। ମାନସରୋବରରୁ ଉତ୍ପତ୍ତି ହୋଇଥିବା ବ୍ରହ୍ମପୁତ୍ର ନଦୀ ଉପରେ ଚୀନର ଏଭଳି ବିଶାଳ ବନ୍ଧ ନିର୍ମାଣ ଯୋଜନାକୁ ନେଇ ଭାରତ ଓ ବାଂଲାଦେଶ ଚିନ୍ତାବ୍ୟକ୍ତ କରିଛନ୍ତି। ତିବ୍ବତରୁ ବାହାରିଥିବା ବ୍ରହ୍ମପୁତ୍ର ନଦୀ ଭାରତର ଅରୁଣାଚଳ ପ୍ରଦେଶଓ ଆସାମରେ ପ୍ରବାହିତ ହେବାପରେ ବାଂଲାଦେଶ ଦେଇ ଶେଷରେ ବଙ୍ଗୋପସାଗରରେ ମିଶିଛି। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁତ୍ର ନଦୀଜଳ ଉପରେ ଚୀନ ସମେତ ଭାରତ ଓ ବାଂଲାଦେଶର ସମାନ ଅଧିକାର ରହିବା ସ୍ୱାଭାବିକ। ଯଦି ଚୀନ ବ୍ରହ୍ମପୁତ୍ର ଉପରେ ବିଶାଳ ବନ୍ଧ ନିର୍ମାଣ କରି ସେହି ଜଳକୁ ବିଦ୍ୟୁତ ଉତ୍ପାଦନ କାର୍ଯ୍ୟରେ ଉପଯୋଗ କରେ, ତାହାହେଲେ ଭାରତ ଓ ବାଂଲାଦେଶ ସେମାନଙ୍କ ଅଧିକାରରୁ ନିଶ୍ଚିତଭାବେ ବଞ୍ଚିତ ହେବେ। ଭାରତ ଓ ବାଂଲାଦେଶରେ ବ୍ରହ୍ମପୁତ୍ର ନଦୀର ପାଣିକୁ ଜଳସେଚନ ଓ ନୌ-ପରିବହନ କାର୍ଯ୍ୟରେ ବ୍ୟବହାର କରାଯାଇଥାଏ। ଚୀନ ଯଦି ବ୍ରହ୍ମପୁତ୍ର ନଦୀର ଜଳ ଉପରେ ଏକଚାଟିଆ



ଅଧିକାର ସାବ୍ୟସ୍ତ କରେ, ତାହାହେଲେ ଭାରତ ଓ ବାଂଲାଦେଶର ସଂପୃକ୍ତ ଅଞ୍ଚଳରେ ବ୍ରହ୍ମପୁତ୍ର ନଦୀ ଉପରେ ନିର୍ଭର କରୁଥିବା ଜଳସେଚନ ବ୍ୟବସ୍ଥା ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଚୀନର ଏତାଦୃଶ ଯୋଜନାକୁ ନେଇ ଭାରତ ଓ ବାଂଲାଦେଶ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ପୂର୍ବରୁ ଚୀନ ୨୦୧୫ରେ ବ୍ରହ୍ମପୁତ୍ର ନଦୀରେ ବନ୍ଧ ନିର୍ମାଣ କରିସାରିଥିବାରୁ ବର୍ତ୍ତମାନ ଆଉ ଏକ ନଦୀବନ୍ଧର କ'ଣ ଆବଶ୍ୟକତା ରହିଛି ବୋଲି ପ୍ରଶ୍ନ ଉଠୁଛି। ଚୀନ ଉଦ୍ଦେଶ୍ୟମୂଳକଭାବେ ବ୍ରହ୍ମପୁତ୍ର ନଦୀ ଜଳକୁ ଗଚ୍ଛିତ ରଖି ଭାରତ ଓ ବାଂଲାଦେଶକୁ ହଇରାଣ କରିବାକୁ ଲକ୍ଷ୍ୟ ରଖିଛି ବୋଲି କୂଟନୈତିକ ମହଲ ଆଶଙ୍କା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଚୀନ ପକ୍ଷରୁ ଏଭଳି ଆଶଙ୍କାକୁ ଏଡାଇ ଦିଆଯାଇଛି। ନଦୀବନ୍ଧ ନିର୍ମାଣ ହେଲେ ମଧ୍ୟ ଭାରତ ଓ ବାଂଲାଦେଶର ସ୍ୱାର୍ଥକୁ ବିଚାର କରାଯିବ ବୋଲି ଚୀନ ମିଡିଆ ପ୍ରତିଶ୍ରୁତି ଦେଇଛି। ବ୍ରହ୍ମପୁତ୍ର ନଦୀଜଳକୁ ନେଇ ବିବାଦ ଉପୁଜିବାପରେ ୨୦୦୬ରେ ଭାରତ ଓ ଚୀନ ମିଳିତଭାବେ ଏକ ବୈଠକ ଡକାଇ ଏହା ଉପରେ ଆଲୋଚନା କରିଥିଲେ। ତଦନୁଯାୟୀ ବର୍ଷା ଋତୁରେ ବ୍ରହ୍ମପୁତ୍ର ଓ ସତ୍‌ଲେଜ ନୀଦଜଳ ସମ୍ପର୍କରେ ଚୀନ ପ୍ରତିବର୍ଷ ମେ' ୧୫ରୁ ଅକ୍ଟୋବର ୧୫ ମଧ୍ୟରେ ଭାରତକୁ ବିସ୍ତୃତ ସୂଚନା ଦେଇଆସୁଛି। ୪୬୯୬ କିମି ଲମ୍ବ ବିଶିଷ୍ଟ ବ୍ରହ୍ମପୁତ୍ର ବିଶ୍ୱର ୧୫ତମ ଦୀର୍ଘତମ ନଦୀଭାବେ ପରିଗଣିତ ହୋଇଥାଏ। ମାନସରୋବରରୁ ବାହାରିଥିବା ଏହି ନଦୀକୁ ତିବ୍ବତରେ 'ୟାରଲୁଙ୍ଗ୍ ସାଙ୍ଗ୍‌ପୋ', ଅରୁଣାଚଳ ପ୍ରଦେଶରେ 'ସିଆଙ୍ଗ୍', ଆସାମରେ 'ଲୁଇ ଦିଲାଓ' ନାମରେ ଜଣାଯାଇଥାଏ। ବାଂଲାଦେଶ ସୀମାରେ ପ୍ରବେଶ କରିବା ପରେ ଏହା ପଦ୍ମା ନଦୀ ସହ ମିଳିତ ହୋଇ ଶେଷରେ 'ମେଘନା' ନଦୀଭାବେ ବଙ୍ଗୋପସାଗରରେ ମିଶିଛି।

# ମ୍ୟାଲେରିଆ ହ୍ରାସରେ ଓଡ଼ିଶା ଆଗୁଆ

**ଭୁବନେଶ୍ୱର :** ମ୍ୟାଲେରିଆ ହ୍ରାସରେ ଓଡ଼ିଶା ଜାତୀୟହାରଠାରୁ ଆଗରେ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଦ୍ୱାରା ନିକଟରେ ବିଶ୍ୱ ମ୍ୟାଲେରିଆ ରିପୋର୍ଟ (ଡବ୍ଲ୍ୟୁଏମ୍ଆର୍) ୨୦୨୦ ପ୍ରକାଶ ପାଇଥିଲା। ଏଥିରୁ ଜଣାଯାଇଛି ଯେ ମ୍ୟାଲେରିଆ ହାର ହ୍ରାସ କରିବାରେ ଭାରତ ଯଥେଷ୍ଟ ଅଗ୍ରଗତି କରିଛି। ୨୦୧୮ ତୁଳନାରେ ୨୦୧୯ରେ ଏହା ୧୭.୬% ହ୍ରାସ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ବାର୍ଷିକ ପରଜୀବୀ ରୋଗ ସ୍ଥିତି(ଏପିଆଇ) ୨୦୧୭ ତୁଳନାରେ ୨୭.୬% ଏବଂ ୨୦୧୮ ତୁଳନାରେ ୨୦୧୯ରେ ୧୮.୪% ହ୍ରାସ ପାଇଛି। ୨୦୧୨ ଠାରୁ ଦେଶ ଏପିଆଇ କମ୍ ରଖିବାରେ ସକ୍ଷମ ହୋଇଛି। ଅନ୍ୟପକ୍ଷରେ ଦେଶର ଏହି ଗୁରୁତ୍ୱପୂର୍ଣ୍ଣ ମାମଲା ହ୍ରାସ ଦିଗରେ ଓଡିଶା ସର୍ବୋଚ୍ଚ ଏଣ୍ଡେମିକ୍ ରାଜ୍ୟ ମଧ୍ୟରୁ ଅନ୍ୟତମ। ୨୦୧୭ ତୁଳନାରେ ୨୦୧୮ରେ ସର୍ବୋଚ୍ଚ ମାମଲା ହ୍ରାସ (୮୧%) ପରିଲକ୍ଷିତ ହୋଇଥିଲା। ୨୦୧୯ରେ ରାଜ୍ୟରେ ମୋଟ୍ ୩୯୫୫୬ ଟି ମାମଲା ରେକର୍ଡ କରାଯାଇଥିଲା, ଯାହା ୨୦୧୮ ତୁଳନାରେ ୪୦.୩୯% ହ୍ରାସ ପାଇଥିଲା। ସେହିପରି ୨୦୧୭ ତୁଳନାରେ, ୨୦୧୮ରେ ରାଜ୍ୟରେ ମ୍ୟାଲେରିଆ ମୃତ୍ୟୁରେ ୮୭% ହ୍ରାସ ଘଟିଛି। ସେହି ଅନୁଯାୟୀ, ରାଜ୍ୟ ଏପିଆଇରେ ୨୦୧୯ ରେ ୦.୮୮ କୁ ଖସି ଆସିଛି, ଯାହା ୨୦୧୮ ରେ ୧.୪୮, ୨୦୧୭ ରେ ୭.୭୬ ଏବଂ ୨୦୧୬ରେ ୧୦.୦୬ ରହିଥିଲା। ଦେଶରେ ମଧ୍ୟ ୨୦୧୬ ମସିହାରୁ ଏହି ମାମଲାରେ ସର୍ବାଧିକ ହ୍ରାସ ଘଟିଛି। ସର୍ବାଧିକ ୪୪୪୮୪୨ ମ୍ୟାଲେରିଆ ମାମଲା ରେକର୍ଡ କରି ୨୦୧୬ ରେ ଜାତୀୟ ମ୍ୟାଲେରିଆ ହାର ୪୧% ଯୋଗଦାନ ଦେଇଛି। ମ୍ୟାଲେରିଆ କାରଣରୁ ମୃତ୍ୟୁ ୨୦୧୬ରେ ୭୭ ଥିବାବେଳେ ୨୦୧୭ ମସିହାରେ ୨୪କୁ ହ୍ରାସ ପାଇଥିଲା। ୨୦୧୮ରେ ଶକ୍ତିଶାଳୀ ନିୟନ୍ତ୍ରଣ ହସ୍ତକ୍ଷେପ ଏବଂ ନିରନ୍ତର ପ୍ରୟାସ ଦ୍ୱାରା ରାଜ୍ୟରେ ୮୧% ହ୍ରାସ ହୋଇଥିବା ବେଳେ ମୃତ୍ୟୁ କ୍ଷେତ୍ରରେ ୮୭% ହ୍ରାସ ଘଟିଥିଲା। ଗତ ଚାରି ବର୍ଷ ମଧ୍ୟରେ ମ୍ୟାଲେରିଆ ମାମଲାରେ ରାଜ୍ୟର ଶତ ପ୍ରତିଶତ ଅବଦାନରେ ଯଥେଷ୍ଟ ପରିବର୍ତ୍ତନ ଆସିଥିଲା। ଯାହାକି ୨୦୧୭ରେ ୪୧% ରହିଥିବା ବେଳେ ୨୦୧୮ରେ ୧୫% କୁ ହ୍ରାସ ପାଇଥିଲା। ମାତ୍ର



୨୦୧୯ ରେ ୧୧% କୁ ହ୍ରାସ ପାଇଛି। ଯାହା ଜାତୀୟ ମ୍ୟାଲେରିଆ ହାରକୁ ପରିମାପ ପରିମାଣରେ ହ୍ରାସ କରିବାରେ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ଯଦି ଆମେ ଗତ ଦୁଇ ଦଶନ୍ଧିର ମ୍ୟାଲେରିଆ ପରିସ୍ଥିତିକୁ ବିଶ୍ଳେଷଣ କରୁ, ତେବେ ୨୦୦୦ ମସିହାର ତୁଳନାରେ ଓଡିଶା ୮୫% ହ୍ରାସ ଏବଂ ମ୍ୟାଲେରିଆ ମୃତ୍ୟୁରେ ୯୮% ହ୍ରାସ ହାସଲ କରିଛି। ୨୦୦୦ମସିହାରେ ୪୫୩ ମ୍ୟାଲେରିଆ ମୃତ୍ୟୁ ହୋଇଥିବା ବେଳେ ୨୦୧୯ ରେ ମାତ୍ର ୯ ଜଣଙ୍କର ମୃତ୍ୟୁ ହୋଇଛି। ତେବେ ୨୦୩୦ ସୁଦ୍ଧା ମ୍ୟାଲେରିଆ ବିଲୋପ କରିବାକୁ ଲକ୍ଷ୍ୟ ରହିଛି। ଜିଲ୍ଲାସ୍ତରରେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି। ୨୦୧୬ ରେ ୩୦ଟି ଜିଲ୍ଲା ମଧ୍ୟରୁ ୧୩ ଟି ଜିଲ୍ଲା ଚିହ୍ନଟ ହୋଇଥିବା ବେଳେ ୨୦୧୯ରେ କେବଳ ମାଲକାନଗିରିର ରିପୋର୍ଟ ୧୨.୩୯ ରହିଥିଲା। ଅବଶିଷ୍ଟ ୨୯ଟି ଜିଲ୍ଲାରେ ବାର୍ଷିକ ହାରରେ ୭% ତଳକୁ ରହିଥିବା ବେଳେ ୨୧ଟି ଜିଲ୍ଲାରେ ଏହି ହାର ୧% ତଳକୁ ରହିଛି। ରାଜ୍ୟରେ ମ୍ୟାଲେରିଆ ହ୍ରାସ ଲାଗି ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ୨୦୧୭ରେ ୧୭ଟି ମ୍ୟାଲେରିଆ ପ୍ରବଣ ଜିଲ୍ଲାରେ ୧କୋଟି ୧୩ଲକ୍ଷ ଏଲଏଲଆଇଏନ୍ ମଶାରି ବଣ୍ଟନ କରାଯାଇଥିଲା। ଯାହା ସଫଳତା ଆଣିବାରେ ବେଶ ସହାୟକ ହୋଇଥିଲା। ରାଜ୍ୟ ସରକାର ଅଭିନବ ପ୍ରୟାସ ଆରମ୍ଭ କରିଥିବା ବେଳେ ସେଥିରୁ ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ଡ୍ରାଇଭ୍ ଆରମ୍ଭ କରିଥିଲେ। ଗତ ଚାରି ବର୍ଷ ମଧ୍ୟରେ ପ୍ରାୟ ୧୨ ଲକ୍ଷ ଜନସଂଖ୍ୟାକୁ ନେଇ ପ୍ରାୟ ୬୦୦୦ ଗ୍ରାମ ତଥା ବସ୍ତିରେ ମ୍ୟାଲେରିଆ ସମସ୍ୟାର ସମାଧାନ ଘଟିଛି। ଯାହାଫଳରେ ଆଜି ଓଡ଼ିଶାରେ ମ୍ୟାଲେରିଆ ମାନଚିତ୍ର ହ୍ରାସ ପାଇଛି। ତେବେ, ୨୦୨୦ ଆରମ୍ଭରୁ ରାଜ୍ୟରେ ମ୍ୟାଲେରିଆର ବୃଦ୍ଧି ଧାରାକୁ ଦେଖିବା ଏକ ଚିନ୍ତାର ବିଷୟ ଥିଲା। କୋଭିଡ ୧୯ ମହାମାରୀର ପ୍ରଭାବ ହେତୁ ଜୁଲାଇ, ୨୦୨୦ ପର୍ଯ୍ୟନ୍ତ ଏହି ମାମଲା ବୃଦ୍ଧି ପାଇଲା। ତେବେ ମାଲକାନଗିରି, ରାୟଗଡା ଏବଂ କୋରାପୁଟରେ ଜୁନ୍ ଶେଷ ସୁଦ୍ଧା ମଶାରି ବଣ୍ଟନ ଯୋଗୁଁ ରାଜ୍ୟରେ ପୂର୍ବ ମାସ ତୁଳନାରେ ଉକ୍ତ ଜିଲ୍ଲାଗୁଡ଼ିକ ସେମାନଙ୍କ ମ୍ୟାଲେରିଆ ରୋଗର ୭୦% ହ୍ରାସ ପାଇଛି। ଯାହା ରାଜ୍ୟର ମ୍ୟାଲେରିଆ ହାରକୁ ମଧ୍ୟ ହ୍ରାସ କରୁଛି। ରାଜ୍ୟ ସରକାର ମ୍ୟାଲେରିଆ ରୋକିବାରେ ସଫଳ ହେବା ସହ ୨୦୩୦ ସୁଦ୍ଧା ମ୍ୟାଲେରିଆ ବିଲୋପ ଲକ୍ଷ୍ୟ ହାସଲ କରିବା ଯୋଜନା କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ କରୋନା ମୁକାବିଲା କ୍ଷେତ୍ରରେ ଓଡ଼ିଶା ବିଶ୍ୱସ୍ତରରେ ବେଶ ସୁନାମ ଅର୍ଜନ କରିଛି। ରାଜ୍ୟ ସରକାରଙ୍କ ପଦକ୍ଷେପ ଏବଂ ବିଭାଗୀୟ ସଚିବ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଦକ୍ଷତାକୁ ମଧ୍ୟ ସବୁସ୍ତରରେ ପ୍ରଶଂସା କରାଯାଉଛି। ତେବେ ଲକ୍ଷ୍ୟ ରଖାଯାଇଥିବା ସମୟ ଠାରୁ ବହୁ ଆଗରୁ ରାଜ୍ୟରେ ମ୍ୟାଲେରିଆ ବିଲୋପ ପାଇଁ ଯେଉଁ ଟାର୍ଗେଟ ରହିଛି ତାହା ପୂରଣ ହେବ ବୋଲି ସ୍ପଷ୍ଟହୋଇଛି।

## ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତାରେ ଓଡ଼ିଶା ନମ୍ବର ୱାନ




**ଭୁବନେଶ୍ୱର :** ଦେଶରେ ଓଡ଼ିଶା ଏକ ନମ୍ବର। ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା କ୍ଷେତ୍ରରେ ଦେଶର ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାର ସ୍ଥିତି ଭଲ। ମହାରାଷ୍ଟ୍ର ଓ ଗୁଜରାଟ ଭଳି ବିକଶିତ ରାଜ୍ୟଠାରୁ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା ଓ ସ୍ୱଚ୍ଛତା ବହୁତ ଭଲ୍। ଦେଶରେ ଓଡ଼ିଶା ଦ୍ରୁତଗାମୀ ଉନ୍ନତ ରାଜ୍ୟ ପାଲଟିଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶାର ସ୍କୋର ୧୧୦.୦୮ ରହିଛି। ମିଳିଥିବା ସୂଚନା ଅନୁଯାୟୀ ମୋଟ ସ୍କୋର ୧୬୦ରୁ ୧୧୦.୦୮ ପଏଣ୍ଟ ପାଇଛି ଓଡ଼ିଶା। ସ୍ୱଚ୍ଛତାରେ ମୋଟ ୭୦ ପଏଣ୍ଟରୁ ଓଡ଼ିଶାକୁ ମିଳିଛି ୬୦.୦୪ ପଏଣ୍ଟ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଥିବା ବେଳେ ଝାଡ଼ଖଣ୍ଡ ଦ୍ୱିତୀୟ ଓ ମହାରାଷ୍ଟ୍ର ତୃତୀୟ ସ୍ଥାନରେ ଅଛନ୍ତି। ଗୁଜରାଟ ଚତୁର୍ଥ ସ୍ଥାନରେ ଓ ଆସାମର ସ୍ଥାନ ପଞ୍ଚମରେ ରହିଛି। ସେହିଭଳି ସ୍ୱଚ୍ଛତାରେ ଓଡ଼ିଶା ପଛକୁ ଝାଡ଼ଖଣ୍ଡ ଓ ଛତିଶଗଡ଼ ରହିଛନ୍ତି। ଜାତୀୟ ଗଣମାଧ୍ୟମ ସଂସ୍ଥା ଇଣ୍ଡିଆ ଟୁଡେ ପକ୍ଷରୁ କରାଯାଇଥିବ ସର୍ଭେରେ ଓଡ଼ିଶା ଏକ ନମ୍ବର ସ୍ଥାନ ଅଧିକାର କରିଛି।

## ଜାନୁଆରୀ ୧୫ରେ ନୂଆ ଭୋଟର ତାଲିକା

**ଭୁବନେଶ୍ୱର, :** ଆସନ୍ତା ଜାନୁଆରୀ ୧୫ ତାରିଖରେ ୨୦୨୧ ପାଇଁ ନୂଆ ଭୋଟର ତାଲିକା ପ୍ରକାଶ ପାଇବ। ଭୋଟ ପରିଚୟ ପତ୍ର ସଂଶୋଧନ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶିଳ କୁମାର ଲୋହାନୀ ଏହି ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଲୋହାନୀ କହିଛନ୍ତି ଯେ, ଭୋଟର ତାଲିକାରେ ନୂଆ ନାଁ ଯୋଡିବା, କାଟିବା ଓ ସଂଶୋଧନ ହୋଇପାରିବ। ନାଁ ଯୋଡିବା ଫର୍ମ ନଂ ୬, କାଟିବା ପାଇଁ ଫର୍ମ ନଂ ୭ ଓ ସଂଶୋଧନ ପାଇଁ ୮ନଂ ଫର୍ମ ନେବାକୁ ପଡିବ। ନାମ ଯୋଡିବାକୁ ପରିଚୟ ଆକାରରେ ଫଟୋ ଓ ବାସସ୍ଥାନର ପ୍ରମାଣପତ୍ର ଦେବାକୁ ପଡିବ। ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ କହିଛନ୍ତି, ଉଭୟ ଅଫଲାଇନ୍ ଓ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରାଯାଇ ପାରିବ। ପ୍ରତ୍ୟେକ ଏରିଆରେ ବୁଥ ଲେବଲ ଅଧିକାରୀ ଅଛନ୍ତି। ଲୋକେ ବୁଥ ଲେବଲ ଅଫିସରଙ୍କ ସହ ଯୋଗାଯୋଗ କରି ଫର୍ମ ନେଇପାରିବେ। ବୁଥ ସ୍ତରରେ ବିଏଲ୍‌ଓମାନେ ଡିସେମ୍ବର୫ ଓ ୬ରେ ରହିବେ। ସେମାନେ ତାଲିକାରେ ଭୋଟରଙ୍କ ନାମ ଯୋଡିବେ, କାଟିବେ ଓ ସଂଶୋଧନ କରିବେ। ସେହଭଳି ଡବ୍ଲୁଡବ୍ଲୁଡବ୍ଲୁ.ଏନ୍‌ଭିଏସ୍‌ପି.ଇନ୍‌ରେ ଆବେଦନ କରିପାରିବେ। ମୋବାଇଲ ଆପ୍ 'ଭୋଟର ହେଲ୍‌ପଲାଇନ୍'ରେ ମଧ୍ୟ ଆବେଦନ କରିପାରିବେ। ଡିସେମ୍ବର ୧୫ରୁ ଜାନୁଆରୀ ୫ ମଧ୍ୟରେ ଆବେଦନର ଯାଞ୍ଚ କରାଯିବ।

## ବଢ଼ିଲା ପୁରସ୍କାର ସୁପାରିସ ଅବଧି

**ଭୁବନେଶ୍ୱର :** ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ପଦୋନ୍ନତି, ପୁରସ୍କାର ଓ ପ୍ରୋତ୍ସାହନ ଏବଂ ଆଗୁଆ ଅବସର ଦେବାପାଇଁ ବ୍ୟକ୍ତିଙ୍କ ନାମ ସୁପାରିସ ଲାଗି ରାଜ୍ୟ ସରକାର ଅବଧି ବଢାଇଛନ୍ତି। ଏଥିପାଇଁ ଚଳିତମାସ ୫ ତାରିଖ ସୁଦ୍ଧା ସମୟ ଦିଆଯାଇଛି। ରାଜ୍ୟ ସରକାର ନିକଟ ଅତୀତରେ ପ୍ରଣୟନ କରିଥିବା ଆଇନ୍ ଅନୁଯାୟୀ କେତେକ କର୍ମଚାରୀଙ୍କୁ ଆଗୁଆ ଅବସର, ଆଗୁଆ ପଦୋନ୍ନତି ଏବଂ କେତେକଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ପୁରସ୍କାର ଓ ପ୍ରୋତ୍ସାହନ ଦିଆଯିବାର ବ୍ୟବସ୍ଥା କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ଗତ ଅକ୍ଟୋବର ମାସରେ ଜିଲ୍ଲା କାର୍ଯ୍ୟାଳୟ, ନିର୍ଦ୍ଦେଶାଳୟ, ଜିଲ୍ଲାପାଳ ଏବଂ ବିଭିନ୍ନ ବିଭାଗକୁ ପତ୍ର ଲେଖି ନଭେମ୍ବର ୩୦ ତାରିଖ ସୁଦ୍ଧା ନାମ ସୁପାରିଶ୍ କରିବାକୁ କହିଥିଲେ। ଇତିମଧ୍ୟରେ ସବୁ ସ୍ତରରୁ ଆବଶ୍ୟକ ଅନୁଯାୟୀ ସୁପାରିସ ମିଳିନଥିବାରୁ ସରକାର ଏଥିପାଇଁ ସମୟ ସମୟସୀମା ବଢ଼ାଇଛନ୍ତି। ଉଲ୍ଲେଖନୀୟ ଯେ ଗତବର୍ଷ ରାଜ୍ୟ ସରକାର କେତେକ ଅସାଧୁ, ଦୁର୍ନୀତିଗ୍ରସ୍ତ, ଅପାରଗ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ଆଗତୁରା ବାଧ୍ୟତାମୂଳକ ଅବସର ଦେବାକୁ ନିୟମ ପ୍ରଣୟନ କରିଛନ୍ତି। ତଦନୁଯାୟୀ ବିଭିନ୍ନ ବର୍ଗର କେତେକ କର୍ମଚାରୀଙ୍କୁ ଅବସର ମଧ୍ୟ ଦିଆଯାଇଛି। ସେହିପରି ଯେଉଁ ଅଧିକାରୀମାନେ କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି ଏବଂ ସେଥିପାଇଁ ସମାଜ, ଜନସାଧାରଣଙ୍କ ମଙ୍ଗଳ ହୋଇଛି ଓ ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଓ ପୁରସ୍କାର ଆସିଛି ସେମାନଙ୍କୁ ଆଗୁଆ ପଦୋନ୍ନତି ଦେବାକୁ ସରକାର ଚଳିତବର୍ଷ ମାର୍ଚ୍ଚ ମାସରେ ନିୟମ ପ୍ରଣୟନ କରିଛନ୍ତି। ଏହା ସାଙ୍ଗକୁ ଆଉ କେତେକ କର୍ମଚାରୀଙ୍କୁ କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ବିଭିନ୍ନ ପ୍ରକାର ପୁରସ୍କାରର ବ୍ୟବସ୍ଥା କରିଛନ୍ତି। ଆଗୁଆ ବାଧ୍ୟତାମୂଳକ ଅବସର ପାଇଁ ବିଭାଗ ସ୍ତରରେ କମିଟି ଗଠନ କରାଯାଇଥିବାବେଳେ ଆଗୁଆ ପଦୋନ୍ନତି ପାଇଁ ଯୋଗ୍ୟ କର୍ମଚାରୀଙ୍କ ଚୟନ ସକାଶେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବିଭିନ୍ନ କମିଟି ଗଠନ କରାଯାଇଛି। ଏହି କମିଟି ବିଭିନ୍ନ ସ୍ତରରୁ ସୁପାରିସ ପାଇଲା ପରେ ଯୋଗ୍ୟ ତାଲିକା ପ୍ରସ୍ତୁତ କରି ସମ୍ପୃକ୍ତ ବିଭାଗକୁ ପଠାଇବେ। ବିଭାଗମାନେ ଅନ୍ୟାନ୍ୟ ପ୍ରକ୍ରିୟା ଦେଇ କ୍ୟାବିନେଟର ଅନୁମୋଦନ ନେଇ ଯୋଗ୍ୟ କର୍ମଚାରୀଙ୍କୁ ଆଗୁଆ ପଦୋନ୍ନତି ଦେବେ। ଏଥିପାଇଁ ଡିସେମ୍ବର ୧୫ ତାରିଖକୁ ଦିନ ଧାର୍ଯ୍ୟ କରାଯାଇଛି।

## ସ୍କୁଲ୍‌ରେ କଡ଼ାକଡ଼ି ହେବ ଏକାଡେମିକ କ୍ୟାଲେଣ୍ଡର

**ଭୁବନେଶ୍ୱର :** ପୂର୍ବରୁ ଜୁନିୟର ଏବଂ ଡିଗ୍ରୀ କଲେଜଗୁଡିକରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶିକ୍ଷାଦାନ ଶେଷ କରିବା ସହ କିପରି ପରୀକ୍ଷା ପରିଚାଳନା ଏବଂ ଫଳ ପ୍ରକାଶ କରାଯିବ ସେ ନେଇ ଗତ ୫ବର୍ଷ ହେବ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକାଡେମିକ୍ କ୍ୟାଲେଣ୍ଡର ପ୍ରଚଳନ କରାଯାଇଥିଲା। ସେହି ଢ଼ାଞ୍ଚାରେ ରାଜ୍ୟରେ ଖୁବଶୀଘ୍ର ସ୍କୁଲସ୍ତରରେ ମଧ୍ୟ ପ୍ରଚଳନ ହେବ ଏକାଡେମିକ କ୍ୟାଲେଣ୍ଡର। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ନିଷ୍ପତ୍ତି ହୋଇଛି। ତେବେ ପ୍ରଥମ ପର୍ଯ୍ୟାୟରେ ପାଇଲଟ୍ ପ୍ରକଳ୍ପ ଭାବେ ତୃତୀୟ, ପଞ୍ଚମ ଏବଂ ସପ୍ତମ ଶ୍ରେଣୀ ପାଇଁ ଲାଗୁ ହେବ ଏକାଡେମିକ୍ କ୍ୟାଲେଣ୍ଡର। ଯଦି ଏହି ଯୋଜନା ସଫଳ ହୁଏ ତେବେ ୨୦୨୧ରୁ ରାଜ୍ୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଲାଗୁ କରାଯିବ। ସ୍କୁଲ ଓ ଗଣଶିକ୍ଷା ବିଭାଗର କିଛି ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ରାଜ୍ୟରେ ଶିକ୍ଷା ଅଧିକାର ଆଇନ୍ କାର୍ଯ୍ୟକାରୀ ହେବା ପରେ ଉଭୟ ପ୍ରାଥମିକ ,ଉଚ୍ଚପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷାରେ ଅନେକ ପରିବର୍ତ୍ତନ ହୋଇଛି। ବିଶେଷକରି ରାଜ୍ୟରେ ପ୍ରାୟ ୭୪ପ୍ରତିଶତ ସ୍କୁଲରେ ନିର୍ଦ୍ଧାରିତ ସମୟରେ ପାଠପଢ଼ା ଶେଷ ହେଉନଥିବା ବେଳେ ନିର୍ଦ୍ଦିଷ୍ଟ ସମୟରେ ବାର୍ଷିକ କ୍ରୀଡା, ବାର୍ଷିକ ଉତ୍ସବ ତଥା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେଉନାହିଁ। ସ୍କୁଲ ସ୍ତରରେ ପିଲାଙ୍କୁ ଶିକ୍ଷାଦାନ ସମେତ ପିଲାଙ୍କ ମଧ୍ୟରେ ବହିର୍ଜ୍ଞାନର ବିକାଶ ଏବଂ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରିବା ଲାଗି କ୍ରୀଡ଼ା, ନୃତ୍ୟ, ସଙ୍ଗୀତ ଆଦି କାର୍ଯ୍ୟକ୍ରମ ଆୟୋଜନର ଆବଶ୍ୟକତା ରହିଛି। ତେବେ କ୍ଲାସରେ ପାଠପଢ଼ା ଏବଂ ପରୀକ୍ଷା ପରିଚାଳନାକୁ ବାଦ୍‌ଦେଲେ ଅନ୍ୟ କିଛି ବାଧ୍ୟତାମୂଳକ ନଥିବାରୁ ଅନେକ ସ୍କୁଲରେ କୌଣସି କାର୍ଯ୍ୟକ୍ରମର ଆୟୋଜନ ହେଉନାହିଁ। ଫଳରେ ପିଲାଙ୍କ ମଧ୍ୟରେ ଥିବା ପ୍ରତିଭା ବିକଶିତ ହୋଇପାରୁନଥିବା ବେଳେ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ମଧ୍ୟ ରହୁନାହିଁ। ଏପରି ସମସ୍ୟାକୁ ନଜର ଦେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏଭଳି ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏହି ଏକାଡେମିକ କ୍ୟାଲେଣ୍ଡର ଅନୁଯାୟୀ, ପ୍ରତିବର୍ଷ ଜୁଲାଇରୁ ପାଠପଢ଼ା ଆରମ୍ଭ ହେବ। କ୍ଲାସ ଆରମ୍ଭ ହେବାର ୩ମାସ ପରେ କ୍ଲାସ୍ ଟେଷ୍ଟ୍ କରାଯିବ। ନଭେମ୍ବର ଶେଷ ସପ୍ତାହ କିମ୍ବା ଡିସେମ୍ବର ପ୍ରଥମ ସପ୍ତାହରେ ଷାଣ୍ମାସିକ ପରୀକ୍ଷା, ଫେବୃଆରୀରେ ୨ୟ ପର୍ଯ୍ୟାୟ କ୍ଲାସ ଟେଷ୍ଟ ଏବଂ ମାର୍ଚ୍ଚରେ ବାର୍ଷିକ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି। ଫେବୃଆରୀ ଶେଷ ସୁଦ୍ଧା କୋର୍ସ ଶେଷ ହେବ। ମାର୍ଚ୍ଚରେ ରିଭିଜନ କରାଯିବ। ସେହିପରି ବାର୍ଷିକ ପରୀକ୍ଷା ଶେଷ ହେବା ପରେ ଏପ୍ରିଲ ଶେଷ ସପ୍ତାହ ପର୍ଯ୍ୟନ୍ତ ପାଠପଢ଼ା ହେବ। ଯଦି ଖରା ଅଧିକ ରହେ ତେବେ ଆବଶ୍ୟକ ସ୍ଥଳେ ଏପ୍ରିଲ ପ୍ରଥମ ସପ୍ତାହରୁ ଖରାଛୁଟି କରାଯିବ। ଏପ୍ରିଲ ୧୫ସୁଦ୍ଧା ମାଗଣା ପାଠ୍ୟପୁସ୍ତକ ବଣ୍ଟାଯିବ। ଯଦି ଆଉ କିଛି ପୁସ୍ତକ ପ୍ରକାଶରେ ବିଳମ୍ବ ଘଟେ ତେବେ ସମ୍ପୃକ୍ତ ପୁସ୍ତକ ଜୁନ୍ ଶେଷ ସୁଦ୍ଧା ବାଣ୍ଟିବାକୁ ଏକାଡେମିକ କ୍ୟାଲେଣ୍ଡରରେ ବାଧ୍ୟତାମୂଳକ କରାଯିବ। ସେହିପରି ପ୍ରତିବର୍ଷ ଜାନୁଆରୀରେ ବାର୍ଷିକ କ୍ରୀଡା ଏବଂ ବାର୍ଷିକ ଉତ୍ସବ ବାଧ୍ୟତାମୂଳକ ରହିବ। ବାର୍ଷିକ ପରୀକ୍ଷା ଶେଷ ହେବା ପରେ ଏପ୍ରିଲ ୧୫ତାରିଖ ମଧ୍ୟରେ ଫଳ ପ୍ରକାଶ କରାଯିବ।

## ଏଥର ବିଳମ୍ବରେ ମାଟ୍ରିକ୍ ଓ +୨ ପରୀକ୍ଷା

**ଭୁବନେଶ୍ୱର :** ମହାମାରୀ କରୋନା ପାଇଁ ପାଠପଢା ଅନ୍ଲାଇନରେ ହେଉଥିବା ବେଳେ ପରୀକ୍ଷା କିପରି ହେବ ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦ୍ୱନ୍ଦ ଦେଖାଦେଇଥିଲା। କରୋନା ପାଇଁ ସ୍କୁଲ କଲେଜ ବନ୍ଦ। ପାଠପଢା ଅନଲାଇନରେ ହେଉଛି। ତେବେ ଆଗାମୀ ମାଟ୍ରିକ ଓ +୨ ପରୀକ୍ଷା ଅନଲାଇନ କି ଅଫଲାଇନରେ ହେବ ସେନେଇ ଆଶଙ୍କା ଲାଗିରହିଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଛାତ୍ରଛାତ୍ରୀଙ୍କ ଏଭଳି ଆଶଙ୍କାକୁ ଦୂର କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟରେ ଅଫଲାଇନ୍‌ରେ ହେବ ମାଟ୍ରିକ୍ ଓ ଯୁକ୍ତ ଦୁଇ ପରୀକ୍ଷା। ରାଜ୍ୟରେ ଯେତେବେଳେ ବି ପରୀକ୍ଷା ହେବ ଅଫଲାଇନ୍‌ରେ ହିଁ ହେବ। ଅଫଲାଇନ୍‌ରେ ପରୀକ୍ଷା ପାଇଁ ସିବିଏସ୍‌ଇ ନିଷ୍ପତ୍ତି ନେଇଛି। ସେହି ଆଧାରରେ ରାଜ୍ୟରେ ବି ଅଫଲାଇନ୍‌ରେ ପରୀକ୍ଷା ହେବ। ଏହାକୁ ନେଇ କିନ୍ତୁ ଛାତ୍ରଛାତ୍ରୀ ବିବ୍ରତ ହେବା ଉଚିତ ନୁହେଁ। ପରୀକ୍ଷା ନିହାତି ବିଳମ୍ବରେ ହେବ। କିନ୍ତୁ ତା' ପୂର୍ବରୁ ଶିକ୍ଷାଦାନ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି। ଅନ୍ୟପକ୍ଷରେ ନବମରୁ ଦଶମ ଶ୍ରେଣୀ ଖୋଲିବା ନେଇ ମନ୍ତ୍ରୀ ଶ୍ରୀ ଦାସ ସୂଚନା ଦେଇ କହିଛନ୍ତି ଯେ, ସ୍କୁଲ ଖୋଲିବା ନେଇ ସବୁ ପକ୍ଷଙ୍କ ସହ ବିଚାରବିମର୍ଶ ଚାଲିଛି। ଖୁବଶୀଘ୍ର ଏନେଇ ନିଷ୍ପତ୍ତି ନେବା ପରେ ଜଣାଇ ଦିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ କହିଛନ୍ତି। ସୂଚନାଯୋଗ୍ୟ ଆଜି ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷାକୁ ଅଫଲାଇନ୍‌ରେ କରିବ ବୋଲି ଘୋଷଣା କରିଥିଲା। ପରୀକ୍ଷାର୍ଥୀ ମାନେ ୨୦୨୦-୨୧ ପରୀକ୍ଷାକୁ ଲିଖିତ ଆକାରରେ ଦେବେ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି। କୋରୋନା ମହାମାରୀ ସମୟରେ ଶିକ୍ଷା ପଦ୍ଧତି ଓ ପାଠ୍ୟକ୍ରମ ପରିବର୍ତ୍ତନ ଭିତରେ ସିବିଏସଇ ପରୀକ୍ଷା ପାଇଁ ଏକ ବଡ ନିଷ୍ପତ୍ତି ନେଇଛି। ଅନଲାଇନ ପରୀକ୍ଷା ପରିବର୍ତ୍ତେ ଲିଖିତ ଆକାରରେ ପରୀକ୍ଷା କରିବାକୁ ସିବିଏସଇ ସଙ୍କେତ ଦେଇଛି। ଅନଲାଇନ ପରୀକ୍ଷା ପାଇଁ ଏବେ କୌଣସି ଯୋଜନା ନଥିବା ସିବିଏସଇ ପକ୍ଷରୁ କୁହାଯାଇଛି। ସେହିପରି ଦଶମ ଓ ଦ୍ୱାଦଶ ପରୀକ୍ଷା ସମୟରେ ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଛି। କୋରୋନା ପାଇଁ ସରକାର ଜାରି କରିଥିବା ସମସ୍ତ ଗାଇଡଲାଇନ ପାଳନ ସହିତ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ସିବିଏସଇ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ବୋର୍ଡ ପରୀକ୍ଷା ପାଇଁ ତାରିଖ ଘୋଷଣା ହୋଇନଥିବାବେଳେ ପ୍ରାକ୍ଟିକାଲ ପରୀକ୍ଷା ହୋଇ ନପାରିଲେ ବିକଳ୍ପର ବ୍ୟବସ୍ଥା ହେବ ବୋଲି କୁହାଯାଇଛି।

## 'ମୋ ସ୍କୁଲ' ଅଭିଯାନ ପ୍ରକଳ୍ପକୁ ୧୦.୭୫ କୋଟି ଅନୁମୋଦନ

**ଭୁବନେଶ୍ୱର :** 'ମୋ ସ୍କୁଲ' ଅଭିଯାନର ୧୯ତମ କାର୍ଯ୍ୟକାରୀ ପରିଷଦ ବୈଠକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୋଟ୍ ୧୦.୭୫ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ କରାଯାଇଛି ଏବଂ ଯଦ୍ୱାରା ବିଭାଗ ପ୍ରାୟ ୨୦ ହଜାର ପୁରାତନ ଛାତ୍ରଛାତ୍ରୀଙ୍କୁ ସଂଶ୍ଲିଷ୍ଟ କରାଯାଇ ପାରିଛି। ଏହି ବୈଠକରେ ଓଡ଼ିଶାର ୨୮ଟି ଜିଲ୍ଲାର ୨୬୫୭ଟି ବିଦ୍ୟାଳୟର ପ୍ରକଳ୍ପକୁ ସ୍ୱୀକୃତ ପ୍ରଦାନ କରାଯାଇଛି। ଏଥିରେ ଗଜପତିରେ ୫୩.୭୨ ଲକ୍ଷ, ସୁନ୍ଦରଗଡ଼ରେ ୪୬.୭୨ ଲକ୍ଷ, କଳାହାଣ୍ଡିରେ ୩୬.୦୭ ଲକ୍ଷ, ବାଲେଶ୍ୱରରେ ୩୫.୯୨ ଲକ୍ଷ ଏବଂ କଟକରେ ୨୧.୯୩ ଲକ୍ଷ ଟଙ୍କା ପୁରାତନ ଛାତ୍ରଛାତ୍ରୀମାନେ ପ୍ରଦାନ କରିଥିବାର ଜଣାପଡ଼ିଛି। ବୈଠକରେ ବିଭିନ୍ନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଓ ତଦାରଖ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇ ଆଲୋଚନା କରାଯାଇଥିଲା ଏବଂ 'ମୋ ସ୍କୁଲ' ଅଭିଯାନ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଜିଲ୍ଲା ଓ ଗୋଷ୍ଠୀସ୍ତରୀୟ ତଦାରଖ ବ୍ୟବସ୍ଥାକୁ ସୁଦୃଢ଼ ଭାବରେ କାର୍ଯ୍ୟକାରୀ କରିବା ପାଇଁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏହି ଜିଲ୍ଲାସ୍ତରୀୟ ତଦାରଖ ଟିମ୍ ପ୍ରତି କାର୍ଯ୍ୟକାରୀ ପରିଷଦର ବୈଠକ ପୂର୍ବରୁ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ବିଷୟରେ 'ମୋ ସ୍କୁଲ୍' କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ। ପ୍ରତି ଜିଲ୍ଲାସ୍ତରରେ ଏବଂ ଗୋଷ୍ଠୀସ୍ତରରେ ଗୋଟିଏ ଗୋଟିଏ 'ମୋ ସ୍କୁଲ' ସହାୟତା ଦଳ ଗଠନ କରିବା ସହ ଏହାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ନିଷ୍ପତ୍ତି ନିଆଯିବା ସହ ଓଡ଼ିଶାର ପୁରାତନ ଛାତ୍ରଛାତ୍ରୀମାନଙ୍କଠାରୁ ଗୋଟିଏ ଗୋଟିଏ ଭିଡିଓ ବାର୍ତ୍ତା ସଂଗ୍ରହ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏ ପର୍ଯ୍ୟନ୍ତ ୨ ଲକ୍ଷରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଏବଂ ଅନ୍ୟମାନେ ବିଦ୍ୟାଳୟଗୁଡ଼ିକ ସହ ଯୋଡ଼ି ହୋଇସାରିଛନ୍ତି। ଏହି ବୈଠକରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଏସ୍‌ସିଇଆରଟି, ବିଭାଗୀୟ ଅତିରିକ୍ତ ଶାସନ ସଚିବ, ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଏବଂ ଭାରପ୍ରାପ୍ତ ଅଧିକାରୀ, 'ମୋ ସ୍କୁଲ' ଉପସ୍ଥିତ ଥିଲେ।

## ହୀରାକୁଦ ଜଳଭଣ୍ଡାର ମଧ୍ୟରେ ହେବ କେଜ୍ କଲ୍‌ଚର ମାଛ ଚାଷ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗର ୧୫ଟି ଅନ୍‌ଲାଇନ୍ ସେବାର ଶୁଭାରମ୍ଭ କରିଛନ୍ତି। ଏହାସହିତ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ହୀରାକୁଦ ଜଳଭଣ୍ଡାର ମଧ୍ୟରେ ପଞ୍ଜୁରୀ ମାଛ ଚାଷ (କେଜ୍ କଲ୍‌ଚର) ପାଇଁ ବିଭିନ୍ନ ଉଦ୍ୟୋଗୀମାନଙ୍କ ସହିତ ଚୁକ୍ତିପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଅନ୍‌ଲାଇନ୍ ସେବା ଦ୍ୱାରା ମାଛ ଚାଷ ଓ ଉଦ୍ୟୋଗୀମାନେ ଘରେ ରହି ଅନ୍‌ଲାଇନ୍ ଜରିଆରେ ବିଭିନ୍ନ ସରକାରୀ ଯୋଜନାର ସୁବିଧା ପାଇପାରିବେ। ଡଙ୍ଗାର ପଞ୍ଜୀକରଣ ଓ ଲାଇସେନ୍ସ ପ୍ରାପ୍ତି, ଲବଣାକ୍ତ ଜଳର ମାଛ ଚାଷର ପଞ୍ଜୀକରଣ, ବିଭିନ୍ନ ଯୋଜନାରେ ରହିତି ଲାଭ ଆଦି ଅନେକ କାର୍ଯ୍ୟ ସୁବିଧାରେ ହୋଇପାରିବ। ବୃହତ ଓ ମଧ୍ୟମ ଧରଣର ହ୍ରଦରେ କେଜ୍ କଲଚ୍‌ର ଜରିଆରେ ମାଛ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ଚଳିତ ବର୍ଷ ମାର୍ଚ୍ଚ ମାସରେ ଏକ ନୂତନ ନୀତି ଗ୍ରହଣ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାଦ୍ୱାରା ରାଜ୍ୟର ବାର୍ଷିକ ମତ୍ସ୍ୟ ଉତ୍ପାଦନ ୧.୨୪ ଟନ୍ ବଢ଼ିପାରିବ ଏବଂ ରାଜ୍ୟରେ ମାଛର ସମ୍ପୂର୍ଣ୍ଣ ଚାହିଦା ପୂରଣ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କେଜ୍ କଲଚର ଦ୍ୱାରା ମତ୍ସ୍ୟ କ୍ଷେତ୍ରରେ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ମିଳିବା ସହିତ ନିଯୁକ୍ତି ସୁଯୋଗ ମଧ୍ୟ ବୃଦ୍ଧି ହେବ। ଜଳଭଣ୍ଡାର ଲିଜ୍ ରୟାଲଟିରୁ ପ୍ରାଥମିକ ମତ୍ସ୍ୟ ସମବାୟ ସମିତି ଗୁଡିକ ଲାଭବାନ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟର କୃଷି ଉଦ୍ୟୋଗୀ ମାନଙ୍କୁ ରାଜ୍ୟ ସରକାର ବାର୍ଷିକ ୫୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେଉଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ରାଜ୍ୟର ଚାଷୀ ଓ ଯୁବକ ମାନଙ୍କୁ ବ୍ୟାପକ ଭାବରେ କୃଷି ଉଦ୍ୟୋଗ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର କୃଷିର ଆନୁସଙ୍ଗିକ କ୍ଷେତ୍ର ଗୁଡିକୁ ରାଜ୍ୟର ଚାଷୀ, ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଦ୍ୟୋଗୀ



ମାନଙ୍କ ପାଇଁ ଅଭିବୃଦ୍ଧିର ଇଞ୍ଜିନ ଭାବେ ଗ୍ରହଣ କରିଛନ୍ତି ଏବଂ ଏଥିପାଇଁ ଚଳିତ ବର୍ଷ ଏହି କ୍ଷେତ୍ରକୁ ବଜେଟ୍ ପରିମାଣ ଦୁଇ ଗୁଣ ବୃଦ୍ଧି କରାଯାଇଛି। ୨୦୧୯-୨୦ରେ ରାଜ୍ୟର ମତ୍ସ୍ୟ ଓ ପଶୁସମ୍ପଦ କ୍ଷେତ୍ରରେ ଅଭିବୃଦ୍ଧି ହାର ୧୯ ପ୍ରତିଶତ ରହିଥିଲା ଯାହାକି ଅନ୍ୟ ପ୍ରାଥମିକ କ୍ଷେତ୍ର ଗୁଡିକ ଠାରୁ ଯଥେଷ୍ଟ ଅଧିକ। ଏହାସହିତ କୋଭିଡ୍ ସମୟରେ ଆନୁସଙ୍ଗିକ କ୍ଷେତ୍ର ଗୁଡିକ ପାଇଁ ରାଜ୍ୟ ସରକାର ୧୭୩ କୋଟି ଟଙ୍କାର କୋଭିଡ୍ ପ୍ୟାକେଜ କାର୍ଯ୍ୟକାରୀ କରିଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହାଦ୍ୱାରା ୪୪ ହଜାରରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି। ସୂଚନାଥାଉ କି, ରାଜ୍ୟର ବୃହତ ଓ ମଧ୍ୟମ ଜଳଭଣ୍ଡାରର ୧ ପ୍ରତିଶତ ଜଳଭାଗରେ ବ୍ୟବସାୟିକ ଭାବରେ ପଞ୍ଜୁରୀ ମାଛ ଚାଷ ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ ହୀରାକୁଦ ଜଳଭଣ୍ଡାର ମଧ୍ୟରେ ୬୦୦ଟି ସବ୍ ଜୋନ୍ ମଧ୍ୟରୁ ୧୦୦ଟି ସବ୍ ଜୋନରେ ଉଦ୍ୟୋଗୀ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଆଜି ପ୍ରଥମ ପର୍ଯ୍ୟାୟରେ ୨୦ଜଣ ଉଦ୍ୟୋଗୀଙ୍କ ସହିତ ହୀରାକୁଦ ଜଳଭଣ୍ଡାରରେ ପଞ୍ଜୁରୀ ମାଛ ଚାଷ ନିମନ୍ତେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ବିଭାଗୀୟ ମନ୍ତ୍ରୀ ଅରୁଣ ସାହୁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବର୍ଣ୍ଣନା କରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କର ଦୃଢ଼ ନେତୃତ୍ୱରେ ବିଭାଗ ରାଜ୍ୟର କୃଷକ ଓ ଆନୁସଙ୍ଗିକ କ୍ଷେତ୍ରରେ ବିକାଶ ଉପରେ ଗୁରୁତ୍ୱ ଦେବା ସହ ଏ କ୍ଷେତ୍ରରେ ଅଧିକ ଉଦ୍ୟୋଗୀ ସୃଷ୍ଟି ପାଇଁ ପ୍ରୋତ୍ସାହିତ କରାଯାଉଛି। ଏହି ଅବସରରେ କେଜ୍ କଲ୍‌ଚର ମାଛ ଚାଷ ସମ୍ପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା ଏବଂ ଦୁଇଜଣ କେଜ୍ କଲ୍‌ଚର ଚାଷୀମାନଙ୍କ ମତାମତ ନିଆଯାଇଥିଲା। ବିଭାଗୀୟ ସଚିବ ଆର୍ ରଘୁ ପ୍ରସାଦ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପଶୁସମ୍ପଦ ବିଭାଗ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, କୃଷି ଉତ୍ପାଦନ କମିଶନର ଆରକେ ଶର୍ମା, କୃଷି ବିଭାଗ ପ୍ରମୁଖ ସଚିବ ସୌରଭ ଗର୍ଗ, ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଅନୁ ଗର୍ଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୭ - ୧୩ ଡିସେମ୍ବର, ୨୦୨୦

# ଭୋଟର ସଚେତନ ନହେଲେ ନେତା ସ୍ୱଚ୍ଛ ହେବେ କେମିତି

**ଦେ**ଶରେ କିଛି ଭ୍ରଷ୍ଟ ରାଜନେତା ଓ ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ଯୋଗୁ ବାସ୍ତବ ବିକାଶ ବାଧାପ୍ରାପ୍ତ ହେଉଛି। ସରକାର ଜନସାଧାରଣଙ୍କ ପାଇଁ ଯେତେ ଯେତେ ନୂଆ ଯୋଜନା କାର୍ଯ୍ୟକାରୀ କରୁଛନ୍ତି, ସେଗୁଡିକ ଏହି ଭ୍ରଷ୍ଟାଚାରୀଙ୍କ ପାଇଁ ପୂର୍ଣ୍ଣାଙ୍ଗ ହେବା ବଦଳରେ ଏଥିଲାଗି ମଞ୍ଜୁର ଅର୍ଥ ବାଟମାରଣା ହୋଇଯାଉଛି। ଦେଶ ସ୍ୱାଧୀନ ହେବା ପରଠାରୁ ଏଭଳି ଧାରା କ୍ରମଶଃ ବୃଦ୍ଧି ପାଇ ଏବେ ଶୀର୍ଷ ଛୁଇଁଗଲାଣି। କେନ୍ଦ୍ର ହେଉ ଅବା ରାଜ୍ୟ ସରକାର ଯିଏ ବି କ୍ଷମତା କେନ୍ଦ୍ରରେ ରହୁଛନ୍ତି ବା ଯାହାଙ୍କ ହାତରେ ଶାସନ ଡୋରି ରହୁଛି, ସମସ୍ତେ ଦୁର୍ନୀତିମୁକ୍ତ ସ୍ୱଚ୍ଛ ଶାସନ କଥା କହୁଥିଲେ ବି ପ୍ରକୃତରେ ଦୁର୍ନୀତି ରୋକାଯାଇପାରୁନାହିଁ। ଫଳତଃ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଥିଲେ ବି ଲୋକଙ୍କୁ ସୁଫଳ ମିଳୁନାହିଁ। ଯେଉଁଥିପାଇଁ ବାରମ୍ବାର ଆନ୍ଦୋଳନ, ବିକ୍ଷୋଭ ହେଉଛି। ପ୍ରକୃତ ଅର୍ଥରେ ଜନସାଧାରଣ ଯଦି ସରକାରୀ ସୁବିଧା ସୁଯୋଗ ପାଇପାରନ୍ତେ, ସେମାନେ ରାଜରାସ୍ତାକୁ ଓହ୍ଲାନ୍ତେ ନାହିଁ। ଯୋଜନା ପ୍ରଣୟନ ବେଳେ ସବୁଦିଗରୁ ବିଚାର କରି ଜନତାଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେବା ଜନମଙ୍ଗଳ ସରକାରଙ୍କ ବାସ୍ତବ ଦାୟିତ୍ୱ ହୋଇଥିଲା ବେଳେ, ଦଳୀୟ ରାଜନୀତିର ମୋହ ଯୋଗୁ ଏଥିରେ ଥିବା ନକାରାତ୍ମକ ଦିଗ ଗୁଡିକ ଧରାପଡୁଛି, ପରେ ଏହାକୁ ବିରୋଧ କରାଯିବା ସହ ନିୟମ ପ୍ରତ୍ୟାହାର ପାଇଁ ଦାବି ଉଠୁଛି। ପରିସ୍ଥିତିରେ ଏଭଳି ବଦଳିଯିବା ପଛରେ ଲୋକଙ୍କ ମାନସିକତାର ପରିବର୍ତ୍ତନ ହିଁ ମୁଖ୍ୟ କାରଣ। ବସ୍ତୁବାଦର ମୋହ ମଣିଷ ମନକୁ ଯେଉଁଭଳି ଭାବେ ବିଷାକ୍ତ କରିଚାଲିଛି, ତାହାର ପ୍ରତିଫଳନ ନିଜ କାର୍ଯ୍ୟଧାରାରେ ଦେଖାଦେଉଛି। ଆୟ ଠାରୁ ଅଧିକ ଖର୍ଚ୍ଚ ବେଳେବେଳେ ମଣିଷକୁ ବିପଥଗାମୀ କରିଚାଲିଥିଲେ ବି କେହି ଏଥିପ୍ରତି ଦୃଷ୍ଟି ନଦେବା ଅନ୍ୟତମ ଭୟର କାରଣ। ଛୋଟ ଭୁଲ ପ୍ରାରମ୍ଭିକ ଅବସ୍ଥାରେ ଧରାନପଡିଲେ ବି ପରେ ଏହା ବିଶାଳ ଆକାର ଧାରଣ କରେ। ଅନ୍ୟକୁ ଖୁସି କରାଇବାକୁ ଯାଇ ହେଉ ବା ଅନ୍ୟକୁ ଅନୁକରଣ କରି କିଛି ଲୋକ ନଷ୍ଟ ପନ୍ଥା ଅବଲମ୍ବନ କରିବାକୁ ପଛାଉ ନାହାନ୍ତି। ହତ୍ୟା, ଲୁଣ୍ଠନ ଭଳି ଅପରାଧର ପୃଷ୍ଠଭୂମିରେ ଏଭଳି କିଛି କାହାଣୀ ମଧ୍ୟ ରହିଛି। ଧୀରେ ଧୀରେ ସାମାଜିକ ଓ ସାଂସ୍କୃତିକ ଅବକ୍ଷୟ ସମାଜକୁ ବିଗାଡି ଚାଲିଛି। ଛୋଟିଆ ଛୋଟିଆ ଘଟଣାରେ ମଣିଷ କ୍ଷୁବ୍ଧ ହୋଇପଡିବା, ଅନ୍ୟପ୍ରତି ଖରାପ ବ୍ୟବହାର ପ୍ରଦର୍ଶନ ପଛରେ ଯେଉଁ କାରଣ ନିହିତ ଅଛି, ସେଥିରେ ବ୍ୟାବହାରିକ ଦିଗ, ଅନୁଶୋଚନା, ସଂସ୍କାର ଭଳି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଠାରୁ ଦୂରେଇଯିବା ଫଳରେ ଭ୍ରଷ୍ଟ ଚିନ୍ତାଧାରା ମନ ଉପରେ ଶାସନ କରିବାକୁ ସୁଯୋଗ ପାଉଛି। ହୃଦୟହୀନତାର ଚରମ ଦୁଃସ୍ଥିତି ମଧ୍ୟରେ ମଣିଷ ସମାଜ ସୁଧୁରିଯିବା ବଦଳରେ ଦିନକୁ ଦିନ ଅଧିକ କୁପରିଣାମମୟ ବ୍ୟବସ୍ଥା ପ୍ରତି ଆକୃଷ୍ଟ ହେବା ଦ୍ୱାରା ବ୍ୟବସ୍ଥା ଭୁଷୁଡି ଯାଉଛି। ସ୍ୱଳ୍ପ ପରିଶ୍ରମରେ ଅଧିକ ଉପାର୍ଜନ, ଲୋଭ, ଅନ୍ୟ ପ୍ରତି ଈର୍ଷା ମଧ୍ୟ ମଣିଷକୁ ଖରାପ ବାଟକୁ ନେଇଯାଇଛି। ବୈଦିକ ସଂସ୍କାର ମାଧ୍ୟମରେ ଜୀବନକୁ ସଜାହି ନେବାର ଉପାୟ ରହିଥିଲେ ମଧ୍ୟ କେତେକ ଏହାକୁ ଅନୁସରଣ କରିବା ବା ଅବଲମ୍ବନ କରିବାକୁ ଇଚ୍ଛା ପ୍ରକଟ କରୁନାହାନ୍ତି। ଶାସନ ଓ ପ୍ରଶାସନ ଉଭୟରେ ଏହାର ଯଥେଷ୍ଟ ଉଦାହରଣ ରହିଛି। ନିକଟରେ ଜଣେ ବରିଷ୍ଠ ଆଇଏଫ୍ଏସ୍ ଅଫିସର ଦୁର୍ନୀତି କରି ଭିଜିଲାନ୍ସ ଦ୍ୱାରା ଧରାପଡିବା ଓ ଜେଲ ଯିବା ଘଟଣାକୁ ଭଲଭାବେ ଅନୁଶୀଳନ କଲେ ଜଣାଯାଲ, ବାବୁ ଜଣକ ଏଭଳି କୁକର୍ମ ଅନେକ ବର୍ଷରୁ ଚଳାଇ ଆସୁଥିଲେ। ବିଭିନ୍ନ ଉପାୟରେ ସରକାରୀ ଅର୍ଥ ଲୁଟ କରି ନିଜର ବିଳାସମୟ ଜୀବନ କିଭଳି ଉପଭୋଗ କରିଚାଲିଥିଲେ, ତାହା ଏବେ ସବୁଠି ଚର୍ଚ୍ଚା ଚାଲିଛି। ଶହ ଶହ କୋଟି ଅର୍ଥ ହରିଲୁଟ କରି ରାଜକୋଷକୁ କ୍ଷତି ପହଞ୍ଚିଥିଲେ ବି ଶାସନ କିମ୍ବା ପ୍ରଶାସନ ଏହା ଉପରେ କିଭଳି ଅଙ୍କୁଶ ଲଗାଇ ନଥିଲେ ତାହା ସନ୍ଦେହ ସୃଷ୍ଟି କରୁଛି। କାରଣ ଗୋଟିଏ ବିଭାଗରେ ହଜାର ହଜାର କର୍ମଚାରୀ, ବିଭାଗୀୟ ସଚିବ ଓ ମନ୍ତ୍ରୀ ଥିଲାବେଳେ ଏତେ ଟଙ୍କାର ଦୁର୍ନୀତି କରିବାକୁ ସେ ସୁଯୋଗ ପାଇଲେ କିପରି।

ସମ୍ବାଦକୀର୍ତ୍ତି
ତାରକ ମହାନ୍ତି



ଉକ୍ତ ଘଟଣାରୁ ଯାହା ଜଣାପଡୁଛି, ରାଜନୈତିକ ବ୍ୟକ୍ତିଙ୍କ ଛତ୍ରଛାୟାରେରହି ବାବୁ ଲୁଟ କରୁଥିଲେ। ତେବେ ଶାସନ କଳ କାହିଁକି ନିରବ ରହିଥିଲା ତାହା ମଧ୍ୟ ସନ୍ଦେହ ସୃଷ୍ଟି କରୁଛି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସ୍ୱଚ୍ଛତା ମୂଳମନ୍ତ୍ର ହୋଇଥିଲା ବେଳେ କିଛି ଅସାଧୁ ନେତା ଓ କର୍ମଚାରୀଙ୍କ ଯୋଗୁ ଏହା ଦୁର୍ବଳ ହୋଇପଡୁଛି। ନିର୍ବାଚନରେ ଯେଉଁଭଳି ଅର୍ଥ ଖର୍ଚ୍ଚ ହେଉଛି, ତାହାର ସଠିକ ଆକଳନ ବର୍ତ୍ତମାନ ସମୟ ପାଇଁ ଭୁଲ ସାବ୍ୟସ୍ତ ହେବା ନିଶ୍ଚୟ। ପାର୍ଲିଆମେଣ୍ଟ ହେଉ କି ବିଧାନସଭା, ଏମିତିକି ଦଳୀୟ ସରପଞ୍ଚ ପ୍ରାର୍ଥୀମାନେ ଯେଉଁ ପରିମାଣର ଅର୍ଥ ବ୍ୟୟ କରୁଛନ୍ତି ତାହା ଚିନ୍ତାର ବାହାରେ। ଯେଉଁଥିପାଇଁ ଜଣେ ସଚ୍ଚୋଟ ମଣିଷ ନିର୍ବାଚନ ଲଢ଼ି ପାରୁନାହିଁ କିମ୍ବା ପ୍ରାର୍ଥୀ ହେଲେ ଭୋଟ ପାଉନାହିଁ। ଏହାର କାରଣ ଭୋଟର ମଧ୍ୟ ନିର୍ବାଚନୀ ଖର୍ଚ୍ଚ ନେଉଛନ୍ତି। ତାହା ଟଙ୍କା ଆକାରରେ ହେଉ କିମ୍ବା ମଦ ମାଂସ ଭୋଜି ଆଳରେ ହେଉ। ସମସ୍ତେ ଦେଶକୁ ଲୁଟ କରି ଚାଲିଛନ୍ତି। ଯେଉଁଥିପାଇଁ ଯୋଜନାର ସଫଳ ରୂପାୟନ ବଦଳରେ ଭ୍ରଷ୍ଟାଚାର, ଦୁର୍ନୀତି ବଢ଼ିଚାଲୁଚି। ସମସ୍ତେ ନିଜର ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟକ୍ରମ କରିବା ଫଳରେ ରାଜକୋଷରୁ ଖର୍ଚ୍ଚ ହେଉଥିବା ବିପୁଳ ଅର୍ଥ ଭାଗ ବଣ୍ଟରାରେ ଯାଉଛି। ବେକାରୀ ବଢୁଛି, କିଛି ଲୋକଙ୍କ ହାତରେ ଦେଶର ଅର୍ଥ ରହୁଥିଲା ବେଳେ ନିରୀହ ଜନସାଧାରଣ ସରକାରଙ୍କ ଦୟାକୁ ଚାହିଁ ରହୁଛନ୍ତି। ରାଜ୍ୟ ହେଉ କି ଦେଶ, ସବୁଠି ପିସି କାରବାର, ଲାଞ୍ଚ ଏକ ବ୍ୟାଧିରୁ ମାରାତ୍ମକ ବ୍ୟାଧିରେ ପରିଣତ ହୋଇଗଲାଣି, କିନ୍ତୁ ଚେତିବା ଲୋକ ଚେତୁ ନାହାନ୍ତି। ସ୍ୱାଧୀନତା ପୂର୍ବବର୍ତ୍ତୀ ଭାରତ ଓ ସ୍ୱାଧୀନତା ପରବର୍ତ୍ତୀ ଭାରତ ମଧ୍ୟରେ ଢେର ପାର୍ଥକ୍ୟ। କାରଣ ଦେଶରେ ଶିକ୍ଷିତଙ୍କ ସଂଖ୍ୟା ଆଶାନୁରୂପ ବୃଦ୍ଧି ପାଇଛି। ସେହି ତୁଳନାରେ ଗବେଷଣା, କୃଷି, ଅର୍ଥନୀତି, ବିଜ୍ଞାନ ଓ କାରିଗରୀ ସବୁ କ୍ଷେତ୍ରରେ ଆମର ପରାକାଷ୍ଠା ପ୍ରତିପାଦିତ ହୋଇସାରିଛି। ହେଲେ ଭୋଟ ସଂସ୍କାର ବିଷୟରେ ଆଲୋଚନା କଲାବେଳେ ଜଣାପଡେ ଯେ, ଭୋଟରମାନେ ଯେତିକି ସଚେତନ ହେବା କଥା ସେତିକି ସଚେତନ ହୋଇପାରି ନାହାନ୍ତି। ଯେଉଁଥିପାଇଁ ଗଣତନ୍ତ୍ରକୁ ସୁରକ୍ଷା ଦେବା ପାଇଁ ଆସୁଥିବା ନେତାମାନଙ୍କ ଚୟନ କ୍ଷେତ୍ରରେ ନେଉଥିବା ନିଷ୍ପତ୍ତି ଭୁଲ ସାବ୍ୟସ୍ତ ହେଉଛି। କାରଣ ଭୋଟ ଦେବା ପୂର୍ବରୁ ଆମେ ଯେଉଁମାନଙ୍କୁ ସ୍ୱଚ୍ଛ ଓ ନିଃସ୍ୱାର୍ଥପର ବିଚାର କରି ଭୋଟ ଦେଉଛୁ ସେହି ନେତାମାନେ ନିର୍ବାଚନ ଜିତିବା ପରେ ସାଧାରଣ ଲୋକଙ୍କ କାମ କରିବା ବଦଳରେ ବ୍ୟକ୍ତିଗତ ପାଣ୍ଠି ଓ ଦଳୀୟ ପାଣ୍ଠି ବୃଦ୍ଧି କରିବା ପାଇଁ ଯେତିକି ମନୋନିବେଶ କରୁଛନ୍ତି ସେତିକି ଦେଶ ଚିନ୍ତା ବା ସାଧାରଣ ଲୋକଙ୍କ ଚିନ୍ତା କରୁନାହାନ୍ତି। ନିଜ କ୍ଷମତା ଅବଧି ମଧ୍ୟରେ କେତେ ଅଧିକ ବେଆଇନ ଅର୍ଥ ରୋଜଗାର କରିହେବ ଏବଂ ନିଜର ପୁଞ୍ଜି କିଭଳି ବଢ଼ିବ ତାହା ନେତାଙ୍କ ଚିନ୍ତାରେ ପ୍ରାଥମିକତା ରହୁଛି। ଯେଉଁଥିପାଇଁ ଶୋଷିତ ଗୋଷ୍ଠୀ ପୂର୍ବଭଳି ଶୋଷଣର ଶିକାର ହେଉଥିଲେ ବି ନେତାଙ୍କୁ ଜବାବ ଦେବା ପାଇଁ ସେମାନଙ୍କ ନିକଟରେ କୌଣସି ବିକଳ୍ପ ରହୁନାହିଁ। ଯେଉଁଥିପାଇଁ ଅସାଧୁନେତା ସ୍ୱେଚ୍ଛାଚାରୀ ହେବା ସହିତ ଶାସନକୁ କଳୁଷିତ କରିବାକୁ ପଛାଉ ନାହାନ୍ତି।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଅଯୋଗ୍ୟ ନେତା ଓ ଅପାରଗ ପ୍ରଶାସକଙ୍କୁ ଫାଇନ୍ କେତେ ?



ରଶ୍ମିତା ବେହେରା

ସାବଧାନ ହୋଇଯାଆନ୍ତୁ। ଗାଡିଚାଳକଙ୍କ ପାଇଁ ଏ ଆହ୍ୱାନ ଏବେ ସତର୍କ ଘ ି ସାଜି ବାଜିବା ଆରମ୍ଭ ହେବ। ଜୀବନ ସୁରକ୍ଷା ପାଇଁ ଏବେ ଯା କଡାକଡି ହେବ। ଏଥିପାଇଁ ଆମ ସରକାର ଓ ପୁଲିସ ବାବୁ ପୁଣି ତତ୍ପରତା ପ୍ରକାଶ କରିବେ। ହେଲମେଟ ପିନ୍ଧିବାକୁ ଯେମିତି ନ ଭୁଲନ୍ତି। ନଚେତ୍ ଆପଣମାନଙ୍କୁ ମୋଟା ଅଙ୍କର ଡଣ୍ଡ ଗଣିବାକୁ ପଡିବ। ଯଦି ଆପଣମାନେ ସାଧାରଣ ଜନତା ତ, ଯାବତୀୟ ନୀତି ନିୟମକୁ ନିରବ ଭାବେ ପାଳନ ନକଲେ ଆମ ନ୍ୟାୟସଂହିତାର ଘୋର ଅବମାନନା ହେବ ଯେ! ଯେଉଁ ଆଇନ୍ ପଛେ ପୋଷ୍ଟମର୍ଟମ ହେଇଯାଉ ବା ଗଳାବାଟ ପାଇଁ ସାମ୍ବିଧାନିକ ବ୍ୟବସ୍ଥା ସମାଲୋଚନାର ଶିଖରରେ ରହୁ ତଥାପି ଏ ଆଇନ୍ ପ୍ରତି ଆମ ସରକାରୀ ମାମୁଁମାନଙ୍କର ନାହିଁ ନଥିବା ତତ୍ପରତା। ଚୋର, ବଳାତ୍କାରୀ ଓ ବିଭିନ୍ନ ପ୍ରକାରର ଅନୈତିକ କର୍ଯ୍ୟରେ ସମ୍ପୃକ୍ତ ଅପରାଧି ପଛେ ଖସିଯାଉ କିନ୍ତୁ ବିନା ହେଲମେଟରେ ଯାତ୍ରା କରୁଥିବା ଗାଡିଚାଳକଙ୍କୁ ତାଙ୍କ ନଜରରୁ ସେ ଖସିବାକୁ ଦେବେନାହିଁ। ଏ ନିୟମକୁ କଡାକଡି ଭାବେ ପାଳନ ନକରିବାର ନଜିର୍ ଖୁବ୍ କମ୍ କାରଣ ଏ ଆଇନ୍ ଏବେ ଚର୍ଚ୍ଚିତ ଓ ସ୍ୱତନ୍ତ୍ର। ସରକାରୀ ମାମୁଁ ମାନଙ୍କର ପକେଟ ଗରମ କରିବାର ଏହା ଅନନ୍ୟ ଉପାୟ ଓ ଜୀବନ ସୁରକ୍ଷା ନାମରେ ଆଇନର ଆଳରେ କିଛି ଅସାଧୁ ପୁଲିସଙ୍କ ଦାଦାବଟିକୁ ସରକାରୀ ସ୍ୱୀକୃତି।

ସରକାରୀ ନିୟମର ଅନୁପାଳନ ଅପରାଧ ନୁହେଁ କି ସଡକ ସୁରକ୍ଷା ସମ୍ବନ୍ଧୀୟ ନିୟମକୁ ଆମେ ବିରୋଧ ମଧ୍ୟ କରୁନାହୁଁ। ନିୟମର ଅବମାନନା କରିବାକୁ କାହାକୁ ପ୍ରବ ା ଇବା ଅନ୍ତର୍ନିହିତ ଉଦ୍ଦେଶ୍ୟ ମଧ୍ୟ ନୁହେଁ। ବରଂ ଆଇନ ଆଳରେ ସାଧାରଣ ଲୋକଙ୍କୁ ଦୋଷୀ ସଜାଇ ଦଣ୍ଡ ପ୍ରଦାନ କରି ପ୍ରକୃତ ଉ ରଦାୟୀ ପ୍ରତି କୋହଳ ମନୋଭାବ ପୋଷଣ କରୁଥିବା ବ୍ୟବସ୍ଥାର ଘୋର ପରିପନ୍ଥୀ। ଦୁର୍ଘଟଣାରେ ରୋକ ଲଗାଇବା ପାଇଁ ଏ ନିୟମ ଯେପରି ଜରୁରୀ ଠିକ୍ ସେହିଭଳି ଭାବେ ଭି ିଭୂମିର ଜଡକୁ ଉପଲବ୍ଧି କରିବା ମଧ୍ୟ ଅତ୍ୟାବଶ୍ୟକ। ଦୁର୍ଘଟଣାରେ ପୂର୍ଣ୍ଣଚ୍ଛେଦ ନିମନ୍ତେ କଣ ହେଲମେଟ ହିଁ ଯଥେଷ୍ଟ ! ତଣ୍ଡ ଓ ଦଣ୍ଡ କଣ କେବଳ ସାଧାରଣ ଲୋକଙ୍କ ପାଇଁ ପ୍ରଯୁଜ୍ୟ ! ବିପର୍ଯ୍ୟସ୍ତ ରାସ୍ତା କଣ ଦୁର୍ଘଟଣାର ପ୍ରମୁଖ କାରଣ ନୁହେଁ ! ବିପର୍ଯ୍ୟସ୍ତ ଓ ଅନୁନ୍ନତ ରାସ୍ତା ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଦାୟୀ ନେତା, ମନ୍ତ୍ରୀ, ଯନ୍ତ୍ରୀ, ପ୍ରଶାସନିକ ଅଧିକାରୀ ସବୁ ଛଡା ତୁଳସୀ। ତେବେ କାହିଁକି ବିକାଶର ଶତଦଳ ଆଜି ଅଦୃଶ୍ୟ ? ବିକାଶ ନାଁରେ ଏବେବି ନାରାବାଜି କାହିଁକି ? ନାଲିଆ ନେଳିଆ ଶିଳ୍ପପ୍ରସ୍ତରରେ ସଡକର ବ୍ୟୟ ଅଟକଳ ଓ ଖାଲଢିପ ଭରା ପ୍ରକୃତ ମାନଚିତ୍ର ମଧ୍ୟରେ ଅମାପ ତଫାତ୍ କାହିଁକି ? ସାମାନ୍ୟ ବର୍ଷାରେ ରାଜରାସ୍ତାରେ କୃତ୍ରିମ ଜଳାଶୟର ଭ୍ରମ କଣ ଦୁର୍ଘଟଣାର କାରଣ ନୁହେଁ। ଏନ୍.ଏଚ୍ ଓ ପୋଲ ନିର୍ମାଣରେ ପି.ସି ଖାଇ ସବୁ ପ୍ରକାରର ଅନ୍ୟାୟ ଦୁର୍ନୀତିକୁ କ୍ଲିନ୍‌ଚିଟ୍ ପ୍ରଦାନ କରୁଥିବା ଜନପ୍ରତିନିଧି, ତଦନ୍ତ ନାଁରେ ପ୍ରହସନ କରୁଥିବା ପ୍ରଶାସନିକ ଅଧିକାରୀ, ବିଡିଓ, ଜିଲ୍ଲାପାଳ କଣ ଦୋଷୀ ନୁହନ୍ତି ? ନିଜ ଟ୍ରେଜେରିକୁ କୁବେରଙ୍କ ମୁଖଶାଳାରେ ପରିଣତ କରିବାକୁ ଅହରହ ଦୁର୍ନୀତି ଜଳରେ ବୁଡ ମାରୁଥିବା ନେତା କଣ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ। କେଉଁଠି ନିମ୍ନମାନର ନିର୍ମାଣ କାର୍ଯ୍ୟ ପାଇଁ ଓଭରବ୍ରିଜ୍ ଭୁଷୁଡିଲାଣି ତ ପୁଣି କେଉଁଠି ରାଜରାସ୍ତା ନାଁରେ ପିଚୁର ପ୍ରଲେପ ଦିଆଯାଇଥିବା ଗେଟିର ଚାଦର ସ୍ଥାନୀୟ ଅଧିକାରୀଙ୍କ ସଙ୍କୋଚତାର ସ୍ପଷ୍ଟ ଛବି ବୟାନ୍ କରୁଛି। ଦମ୍ଭର ସହିତ କେହି କହିପାରିବେ କେବଳ ହେଲମେଟ୍ ପିନ୍ଧିଦେଲେ ଏ ପ୍ରକାର କଦର୍ଯ୍ୟ ରାସ୍ତାରେ ଦୁର୍ଘଟଣା ହେବନାହିଁ। ତେବେ ମୁଖ୍ୟ କାରଣକୁ ଆଢୁଆଳରେ ରଖି ଏପ୍ରକାରର ଜୁଲମ ଓ ପ୍ରହସନ କାହିଁକି।

ଜାରି ହୋଇଥିବା ସରକାରୀ ନିର୍ଦ୍ଦେଶନାମା (ସେକ୍ସନ୍ ୧୮୫) ଅନୁଯାୟୀ ମଦ୍ୟପ ଗାଡିଚାଳକ ୧୦,୦୦୦ ଟଙ୍କାର ତଣ୍ଡ ଗଣିବେ। ଏହାକୁ ମଦ୍ୟପ ମାନଙ୍କ ନିମନ୍ତେ ଏକ ଛାଟ ହିସାବରେ ଗଣାଯାଉଥିଲେ ମଧ୍ୟ ଏହାର ପ୍ରାସଙ୍ଗିକତାକୁ ନେଇ ଯୌକ୍ତିକତାର ଭୂମି ଉପରେ ଆକ୍ରୋଶ ଭୂମିକା ବାନ୍ଧିଛି। ପରୋକ୍ଷ ଭାବରେ ସରକାର ମଦ୍ୟପାନକୁ ପ୍ରୋତ୍ସାହନ ଦେଉନାହାନ୍ତି କି ? ଏପରିକି କରୋନା ସମୟରେ ଦେବାଳୟଠାରୁ ବିଦ୍ୟାଳୟରେ ତାଲା ଝୁଲୁଥିବା ବେଳେ ମଦଦୋକାନ ଖୋଲିବାକୁ ମଞ୍ଜୁରୀ ଦେଇ ଏ ସରକାର ନିଜର ଅସଲ ଆଭିମୁଖ୍ୟ ପ୍ରଦର୍ଶନ କରି ସାରିଛନ୍ତି। ମଦ ଦୋକାନକୁ ସ୍ୱୀକୃତି ଓ ମଦ୍ୟପଙ୍କ ପ୍ରତି ଅହେତୁକ ପ୍ରେମ କଣ ମଦ୍ୟପାନ ଜନୀତ ସଡକ ଦୁର୍ଘଟଣା ପ୍ରତି ନୀରବ ଇସାରା ନୁହେଁ। ମଦ ଦୁର୍ଘଟଣା ନିମନ୍ତେ ପ୍ରମୁଖ କାରଣ ହୋଇଥିଲେ ସୁଧା ସରକାର ଏପର୍ଯ୍ୟନ୍ତ ମଦ ଦୋକାନକୁ ବନ୍ଦ କରିବାକୁ ନିଷ୍ପ ନେଇନାହାନ୍ତି କାହିଁକି ? କାହିଁକି ରାଜସ୍ୱ ବୃଦ୍ଧିର ମହାନାଟକ ରଚି ଏହାକୁ ସରକାରୀ ସ୍ୱାକୃତି ଦିଆଯାଇଛି ? ଯଦି ମଦ ଦ୍ୱାରା ରାଜସ୍ୱ ବୃଦ୍ଧି ହେଉଛି ତେବେ ସେହି ପ୍ରକାରର ରାଜସ୍ୱ ବୃଦ୍ଧିକାରୀଙ୍କୁ ୧୦,୦୦୦ର ତଣ୍ଡ ଓ ଲାଇସେନ୍ସ ରଦ୍ଦର ଦଣ୍ଡ କାହିଁକି।

ଏମ୍.ଭି ଆକ୍ଟ ସେକ୍ସନ୍ ୧୯୪-ସି ଆଧାରରେ ଓଭରଲୋଡିଂ ପାଇଁ ଫାଇନ୍ ଆଦାୟ କରୁଥିବା ପୁଲିସ ବାବୁ ମାନେ ଉ ର ଦେଇପାରିବେ କି ସାମ୍ପ୍ରତିକ ସ୍ଥିତିରେ ହୁ ହୁ ହୋଇ କରୋନା ମହାମାରୀ କାୟା ବିସ୍ତାର କରୁଥିବାରୁ କରାଯାଇଥିବା କଡା କଟକଣାକୁ ଆବମାନନା କରି ଉପନିର୍ବାଚନ ସମୟରେ ସାମିଲ ନେତା ଓ ଦଳୀୟ କର୍ମୀମାନଙ୍କ ଫାଇନ୍ କେତେ? ଅନୁରୂପ ଭାବେ ଆଲୋଚନା କଲେ ଏମ୍.ଭି ଆକ୍ଟ (ସେକ୍ସନ୍-୧୯୪-ଡି) ଅନୁଯାୟୀ ବିନା ହେଲମେଟ୍‌ରେ ଗାଡିଚାଳନା କରୁଥିବା ଚାଳକଙ୍କଠାରୁ ୧୦୦୦ ଟଙ୍କାର ଫାଇନ୍ ଆଦାୟ କରିବା ସହ ୩ ମାସ ପର୍ଯ୍ୟନ୍ତ ଲାଇସେନ୍ସ ରଦ୍ଦ କରାଯିବାର ସରକାରୀ ନିଷ୍ପ ିକୁ ଅତି ତତ୍ପରତାର ସହିତ ପାଳନ କରିବାକୁ ଚ କତା ପ୍ରକାଶ ପାଇଛି। ମାତ୍ର ଏସବୁ କ୍ରିୟା ପ୍ରତିକ୍ରିୟାର ଅନୁଶୀଳନ ବ ମାନ ସାଧାରଣ ଜନତାଙ୍କ ମନରେ ପ୍ରଶ୍ନର ଉଜାଣି ସୁଅ ସୃଷ୍ଟି କରୁଛି। ସେମାନଙ୍କ ମନରେ ପ୍ରଶ୍ନ ଉଠିବା ମଧ୍ୟ ସ୍ୱାଭାବିକ। ହେଲମେଟ ପାଇଁ ଯଦି ୧୦୦୦ ଟଙ୍କାର ଫାଇନ୍ ତେବେ ଖରାପ ରାସ୍ତା ପାଇଁ କିଏ କେତେ ଫାଇନ୍ ଭରିବ ଆଜ୍ଞା ? ନିଜର ଆର୍ଥିକ ଭି ିଭୂମି ସୁଦୃଢ କରିବା ଉଦ୍ଦେଶ୍ୟରେ ଦୁର୍ନୀତିର ଅଭିଲେଖ ସଦୃଶ୍ୟ ସଡକ ଯୋଜନା ନାଁରେ ମରଣ ଯନ୍ତା ଭେଟିଦେଉଥିବା ତଥା ସବୁ ଅର୍ଥକୁ ଆତ୍ମସାତ କରି ନିମ୍ନମାନର ରାସ୍ତା ନିର୍ମାଣ ପଛରେ ପଶାପାଲି ଗଡାଉଥିବା ନେତା, ମନ୍ତ୍ରୀ, ସାଂସଦ ତଥା ଲା ଖିଆ ଅଫିସରଙ୍କୁ କିଏ ଦେଇପାରିବ ଉପ ଯୁକ୍ତ ଦଣ୍ଡ ?

ଏ ସମୟ ଆତ୍ମବିଶ୍ଳେଷଣର ସମୟ। ହେଲମେଟ ପିନ୍ଧିବା, ଧୀରଗତିରେ ଗାଡି ଚଳେଇବା ବା ପରିବହନ ନିୟମ ପାଳନ କରିବା ଅପରାଧ ନୁହେଁ। ନିୟମ ବିରୁଦ୍ଧରେ କାହାକୁ ପ୍ରବ ା ଇବା ବା ନିୟମ ବିରୋଧୀ ଚିନ୍ତାଧାରାକୁ ପ୍ରୋତ୍ସାହନ କରିବା ଉଦ୍ଦେଶ୍ୟ ପ୍ରଣୋଦନାରୁ ଆମ ଚିନ୍ତାଧାରା ଢେର୍ ଦୂରରେ। ମାତ୍ର ପ୍ରଶ୍ନ ଉଠୁଛି ପ୍ରକୃତ ଅପରାଧୀ, ଅନ୍ତର୍ନୀହିତ ଦୋଷତ୍ରୁଟି ତଥା ପରଦାପଛର ଖଳନାୟକ ଉପରେ ଦଣ୍ଡବିଧାନର ବ୍ୟବସ୍ଥା କରା ନ ଯିବା ପ୍ରସଙ୍ଗ ସମ୍ବନ୍ଧରେ। ଯଦି ହେଲମେଟ ନ ପିନ୍ଧିଲେ ଲାଇସେନ୍ସ ରଦ୍ଦ କରାଯିବ ତେବେ ଆନୁସଙ୍ଗିକ ଭାବରେ ନିମ୍ନମାନର ରାସ୍ତା ଥିବା ଅ ଳରେ ନେତାଙ୍କ ପଦବୀ ଓ ପ୍ରାର୍ଥୀତ୍ୱ ରଦ୍ଦ କରାଯାଉନାହିଁକାହିଁକି। ମୋଟାଅଙ୍କର ଦରମା ପାଇବା ସ େ ଅର୍ଥ ଲାଳସାରେ ସବୁ ପ୍ରକାରର ଦୁର୍ନୀତିକୁ ପ୍ରଶୟ ଦେଇ ନିମ୍ନମାନର ରାସ୍ତାକାମ ପାଇଁ ବିଶେଷ ଭାବରେ ଉ ରଦାୟୀ ସାଜିଥିବା ବି.ଡି.ଓ, ଜିଲ୍ଲାପାଳ, ଯନ୍ତ୍ରୀଙ୍କୁ ନିଲମ୍ବନ କରିବାକୁ ଏ ବ୍ୟବସ୍ଥା ଏତେ କୁଣ୍ଠା ପ୍ରକାଶ କରୁଛି କାହିଁକି। ଦଣ୍ଡର ମାନଦଣ୍ଡ ସମସ୍ତଙ୍କ ପାଇଁ ସମାନ ରହୁ। ନ୍ୟାୟ ନିକିତିରେ ସମସ୍ତଙ୍କ ପଲା ସମାନ ରହୁ, କ୍ଷମତା ଓ ଅର୍ଥ ଭି ିରେ ପଲା ଭାରି ହେଲେ ଆଇନ୍ ବ୍ୟବସ୍ଥା ପୁଣି ସମାଲୋଚନାର ବଳୟକୁ ଚାଲି ଯିବ। ଆଉ ବୋଧହୁଏ ବେଶି ଦିନ ନୁହେଁ। ସରକାର ଏ ଦିଗରେ ସଂକଳ୍ପବଦ୍ଧ ଉଦ୍ୟମ ଆରମ୍ଭ କରିବା ସହ ନିଜ ଚିନ୍ତାଧାରାରେ ସଂସ୍କାର ଆଣି ଯୁଗାନ୍ତକାରୀ ପଦକ୍ଷେପ ନେବା ଜରୁରୀ। ସାଧାରଣ ଜନତାଙ୍କୁ ହଇରାଣ କରିବାର ମନଷ୍କତାକୁ ମନରୁ ବାହାର କରି ଏ ସରକାର କ୍ଷମତାମନସ୍କ ନ ହୋଇ ଜନସାଧାରଣ ଅଭିମୁଖୀ ହେଉ ଓ ଦୁର୍ନୀତିଗ୍ରସ୍ତ ଅଫିସର ଓ ଅପାରଗ ନେତାଙ୍କୁ ନିଜ ଛତ୍ରଛାୟା ତଳେ ରଖି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ଅଭୟ ପ୍ରଦାନ କରିବା ପରିବ େ ଓ ଅନ୍ଧ ଧୃତରାଷ୍ଟ୍ରଙ୍କ ପରି ଅନୀତିକୁ ଆଖି ବୁଜି ନଦେଇ ସଡକ ଦୁର୍ଘଟଣାର ପ୍ରକୃତ କାରଣ ତଥା ଉନ୍ନତମାନର ରାସ୍ତାରେ ପ୍ରତିବନ୍ଧକ ସାଜୁଥିବା ସମସ୍ତ ସରକାରୀ ଅଧିକାରୀଙ୍କ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା କରାଯାଉ। ସାମ୍ବିଧାନିକ ରାଷ୍ଟ୍ରରେ ଅଭିମୁଖ୍ୟ ସମସ୍ତଙ୍କ ପାଇଁ ସମାନ ରହୁ ଓ ସରକାର ମଧ୍ୟ ଦୁର୍ନୀତି ଓ ଅପରାଧ ମନସ୍କତାକୁ ପ୍ରଶୟ ଦେବା ପରିବ େ ଉପଯୁକ୍ତ ରାସ୍ତା ନଥିବା ଅ ଳର ଲୋକପ୍ରତିନିଧି, ସରକାରୀ ଅଧୀକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଅନ୍ତୁ। ନଚେତ୍ ଆଗାମୀ ଦିନରେ ବୁଦ୍ଧିଜୀବୀଙ୍କ କଲମ ଶତଜୀହ୍ୱା ସାଜି ଏ ଅବ୍ୟବସ୍ଥାର ଉପଯୁକ୍ତ ଜବାବ ଦେବ। ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷର ବହ୍ନି କୁହୁଳି କୁହୁଳି ଆକ୍ରୋଶର ନିଆଁ ଦାନା ବାନ୍ଧିବ। ପ୍ରତିବାଦର ସିଂହଦ୍ୱାର ଉନ୍ମୋଚନ ହେବ ଓ ତତ୍ ସହିତ ତୃପ୍ତ ଖର୍ବକାୟ ମଣିଷ ମଧ୍ୟରେ ଲୁପ୍ତ, ସୁପ୍ତ କଡା ଜବାବର ଆଗ୍ନେୟ ଲାର୍ଭା ଏ ଅବ୍ୟବସ୍ଥା ବିରୁଦ୍ଧରେ ସିଂହରଡି ଦେବା ସହ ସର୍ବମୁଖରେ ପ୍ରତିଧ୍ୱନୀତ ହେବ "ହେ ସରକାର,ଆମପାଇଁ ତ ଫାଇନ୍ ଏତେ, ତେବେ ଉତ୍ତର ଦିଅ ଅଯୋଗ୍ୟ ନେତା ଓ ଅପାରଗ ପ୍ରଶାସକଙ୍କୁ ଫାଇନ୍ କେତେ ?"

*ସାମ୍ବାଦିକା*
*ନିହଲପ୍ରସାଦ,ଢେଙ୍କାନାଳ*
*ଦୂରଭାଷ : ୭୩୨୫୯୬୦୨୭୮*

# ରାଜ୍ୟର ପ୍ରଥମ ଇକୋଭିଲେଜ ମୁଦୁଲିଗାଡ଼ିଆ



ବିପିନ ବିହାରୀ ରାଉତ

ମୁଦୁଲିଗାଡ଼ିଆକୁ ମିଳିଲା ରାଜ୍ୟର ପ୍ରଥମ ଇକୋ ଭିଲେଜ ମାନ୍ୟତା ମିଳିଛି। ମହାନଦୀ ବନ୍ୟପ୍ରାଣୀ ଡିଭିଜନର ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ରହିଥିବା ମୁଦୁଲିଗାଡ଼ିଆ ଗ୍ରାମକୁ ରାଜ୍ୟ ଓ ପରିବେଶ ବିଭାଗ ପକ୍ଷରୁ ଏଭଳି ସମ୍ମାନଜନକ ମାନ୍ୟତା ପ୍ରଦାନ କରାଯାଇଛି ବୋଲି ଡିଏଫଓ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଏହି ଗ୍ରାମ ମଧ୍ୟ ଦେଶର ଏକ ମାତ୍ର ମଡ଼େଲ ଭିଲେଜ ବା ଆଦର୍ଶ ଗ୍ରାମ ଭାବେ ଘୋଷିତ ହୋଇଛି। ଏହି ଗ୍ରାମ ସମେତ ଅଭୟାରଣ୍ୟ ମଧ୍ୟରେ ରହିଥିବା ଅନ୍ୟ ୩୬ ଗ୍ରାମକୁ ପରବ ୀ ସମୟରେ ଇକୋ ଭିଲେଜ ପ୍ରୋଜେକ୍ଟରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଏହି ଡିଭିଜନର ଛାମୁଣ୍ଡିଆ ବନା ଳ ଅଧୀନ ମୁଦୁଲିଗାଡ଼ିଆ ଗ୍ରାମକୁ ଇକୋ ଭିଲେଜ ମାନ୍ୟତା ମିଳିବା ପରେ ବିଭାଗ ପକ୍ଷରୁ ସମ୍ପୃକ୍ତ ଗ୍ରାମକୁ ରଙ୍ଗ ଦେଇ ସଜେଇବା କାର୍ଯ୍ୟ ଆରମ୍ଭ ହୋଇଛି। ଗ୍ରାମରେ ଥିବା ସମସ୍ତ ୩୫ଟି ଘରକୁ ନାଲି ରଙ୍ଗରେ ସଜାଇବା ସହ ଝୋଟି ଚିତ୍ର ଅଙ୍କା ଯାଉଛି। ପ୍ରତ୍ୟେକ ଦିନ ସକାଳୁ ମା ସାତଭଉଣୀ ପରିବେଶ ବିକାଶ ସମିତିର ସଦସ୍ୟାମାନେ ଗ୍ରାମର ପରିବେଶକୁ ସଫା ସୁତୁରା କରିଥାନ୍ତି। ପ୍ରସିଦ୍ଧ ବଡ଼ମୂଳ ସ୍ୟାଣ୍ଡ ରିସୋର୍ଟ ଠାରୁ ୨ କିଲୋମିଟର ଦୂରରେ ଏହି ଗ୍ରାମର ପୁରୁଷ ଓ ମହିଳାଙ୍କୁ ମିଶାଇ ୩୦ଜଣଙ୍କୁ ଏଥିରେ ସାମିଲ କରାଯାଇଛି। ଗ୍ରାମବାସୀଙ୍କ ପାଇଁ ବିଭାଗ ପକ୍ଷରୁ ୧୨ଟି ଡଷ୍ଟବିନ ନିର୍ମାଣ କରାଯାଇଥିବାବେଳେ ଗ୍ରାମର ସମସ୍ତ ଘରେ ପାଇଖାନା ନିର୍ମାଣ କରାଯାଇଥିଲାବେଳେ ଅନୁରୂପ ଭାବେ ସବୁ ପରିବାରକୁ ଏଲପିଜି ଗ୍ୟାସ ଯୋଗାଇ ଦିଆଯାଇଛି। ଫଳରେ ରୋଷେଇ ପାଇଁ ପୂର୍ବ ଭଳି ଗ୍ରାମବାସୀ ଜଙ୍ଗଲ ଉପରେ ଆଉ ନିର୍ଭର କରୁନାହାନ୍ତି ବୋଲି ଡିଏଫ୍‌ଓ ଶ୍ରୀମତୀ ଦାସ ସୂଚନା ଦେଇଛନ୍ତି। ଗ୍ରାମବାସୀଙ୍କୁ ସଚେତନତା ଯୋଗୁଁ ଜଙ୍ଗଲ କ୍ଷୟ ସମ୍ପୂର୍ଣ୍ଣ ରୋକାଯାଇଥିବାବେଳେ ଏଠାରେ ଜଙ୍ଗଲ ନିଆଁକୁ ମଧ୍ୟ ୩ବର୍ଷ ହେଲା ରୋକାଯାଇ ପାରିଛି। ସେହିଭଳି ସମ୍ପୃକ୍ତ ଗ୍ରାମବାସୀ ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଶପଥ ନେଇଥିବାବେଳେ ଗ୍ରାମରେ ଥିବା ମନ୍ଦିରକୁ ମଧ୍ୟ ବିଭାଗ ପକ୍ଷରୁ ରଙ୍ଗ ଦିଆଯାଇଛି। ସାତକୋଶିଆକୁ ଆସୁଥିବା ପର୍ଯ୍ୟଟକମାନେ ଏହି ସୁନ୍ଦର ଗ୍ରାମକୁ ଭ୍ରମଣ କରିବା ଉଦ୍ଦେଶ୍ୟରେ ବିଭାଗ ଏଭଳି ପଦକ୍ଷେପ ନେଇଥିବା ବେଳେ ପର୍ଯ୍ୟଟକମାନେ ଗ୍ରାମରେ ଅତ୍ୟନ୍ତ ସ୍ୱାସ୍ଥ୍ୟକର ଦେଶୀ ଖାଦ୍ୟ ଖାଇପାରିବାର ବ୍ୟବସ୍ଥା ବିଭାଗ ତରଫରୁ କରାଯାଇଛି। ଏହାଦ୍ୱାରା ମୁଦୁଲିଗାଡ଼ିଆ ଗ୍ରାମର ପ୍ରତ୍ୟେକ ପରିବାର ମାସକୁ ଅନ୍ୟୂନ ୧୫ ହଜାର ଟଙ୍କା ରୋଜଗାର କରିପାରିବେ ବୋଲି ଡିଏଫ୍‌ଓ କହିଛନ୍ତି। ଏହି ଗାଁର ସମସ୍ତ ଟିକସ ଇକୋଟୁରିଜିମ ପ୍ରକଳ୍ପରୁ ଆଦାୟ ହେଉଛି ଏବଂ ଗ୍ରାମବାସୀଙ୍କୁ ସେଥିରୁ ୧୦% ସେମାନଙ୍କ ଆୟ ବାବଦରେ ପ୍ରଦାନ କରାଯାଉଛି।


ନୟାଗଡ଼ ଓ ବୌଦ୍ଧ ଜିଲ୍ଲାର ୪୩୩.୮୬ ବର୍ଗ କିଲୋମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ଘ ଜଙ୍ଗଲ ଅ ଳକୁ ନେଇ ମହାନଦୀ ବନ୍ୟପ୍ରାଣୀ ଡିଭିଜନ ଗଠିତ ହୋଇଛି। ଏଠାରେ ଜୈବ ବିବିଧତାର ସର୍ବଭାରତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ମହାନଦୀ କୂଳରେ ପରିବ୍ୟାପ୍ତ ଏହି ମନୋରମ ଅ ଳ ନୟାଗଡ଼ ଜିଲ୍ଲା ଗଣିଆ ଅ ଳରେ ୩୧୬.୦୨ ବର୍ଗକିଲୋମିଟର ଏବଂ ବୌଦ୍ଧ ଜିଲ୍ଲାର କୁସଙ୍ଗ ଅ ଳରେ ୧୧୭.୮୪ ବର୍ଗକିଲୋମିଟର ଜଙ୍ଗଲ ଅ ଳକୁ ନେଇ ପ୍ରତିଷ୍ଠା ହୋଇଥିବା ଏହି ନୈସର୍ଗିକ ସ୍ଥାନରେ ଦୁର୍ଲଭ ପଶୁପକ୍ଷୀ, ମୂଲ୍ୟବାନ ବୃକ୍ଷଲତା ଓ ଗୁଳ୍ମ ରହିଛନ୍ତି। ବାଇଶପଲ୍ଲୀ ହସ୍ତୀ ଅଭୟାରଣ୍ୟ ଓ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଏହି ଅ ଳରେ ରହିଛି। ଉଲ୍ଲେଖଯୋଗ୍ୟ ଯେ ଏହି ଅଭୟାରଣ୍ୟରେ ୧୮୩ ପ୍ରକାରର ପ୍ରଜାତିର ପକ୍ଷୀ, ୨୭ ପ୍ରକାରର ପରିସୃପ, ୧୨୮ ପ୍ରକାର ମାଛ ଏବଂ ୫୮ ପ୍ରକାର ସ୍ତନ୍ୟପାୟୀ ପ୍ରାଣୀ ବାସ କରନ୍ତି। ଅନ୍ୟପକ୍ଷରେ ଏଠାରେ ୪୦୯ ପ୍ରଜାତିର ମୂଲ୍ୟବାନ ବୃକ୍ଷଲତା ଓ ଗୁଳ୍ମ ରହିଥିଲାବେଳେ ବହୁ ସଂଖ୍ୟାରେ ହାତୀ ରହିଥିବା ଜଣାପଡ଼ିଛି। ବାଇଶପଲ୍ଲୀ ଅ ଳରେ ୧୬୮.୩୫ ବର୍ଗକିଲୋମିଟର ଅ ଳରେ ହସ୍ତୀ ଅଭୟାରଣ୍ୟ ରହିଥିଲାବେଳେ ସାତକୋଶିଆ ଅ ଳରେ ୨୬୫.୫୧ ବର୍ଗ କିଲୋମିଯର ଅ ଳରେ ବ୍ୟାଘ୍ର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଦେଶରୁ ଲୋପପାଇ ଆସୁଥିବା ଅବଲୁପ୍ତ ପ୍ରାୟ ଅହିରାଜ ସାପ ଠାରୁ ବାଲିଶୁଆ ପର୍ଯ୍ୟନ୍ତ ବୃହ ତଥା କ୍ଷୁଦ୍ର ପ୍ରାଣୀମାନଙ୍କର ଏହା ହେଉଛି ନିରାପଦ ଆଶ୍ରୟ ସ୍ଥଳୀ। ଏହି ଡିଭିଜନର ଉ ର ପାର୍ଶ୍ୱରେ ରହିଛି ଚିରସ୍ରୋତା ମହାନଦୀର ବିସ୍ତୀର୍ଣ୍ଣ ନୀଳ ଜଳ ରାଶି ଏବଂ ଦକ୍ଷିଣ ପାର୍ଶ୍ୱରେ ରହିଛି ଶତାଧିକ ମାଇଲ ବ୍ୟାପୀ ସୁଦୀର୍ଘ ଘନ ସବୁଜିମା। ଏହି ମନୋରମ ପ୍ରକଳ୍ପକୁ ଜର୍ମାନୀ, ଫ୍ରାନ୍ସ, ଲଣ୍ଡନ ପ୍ରଭୃତି ଦେଶରୁ ମଧ୍ୟ ବହୁ ସଂଖ୍ୟକ ବିଦେଶୀ ପର୍ଯ୍ୟଟକ ଆସିଥାନ୍ତି। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ପରିସରରେ ଥିବା ଦୁର୍ଗମ ମୁଦୁଲିପଡ଼ା ଏବଂ ମାଳିସାହି ଗ୍ରାମ ନିକଟରେ ମହାନଦୀ ବନ୍ୟ ପ୍ରାଣୀ ଡିଭିଜନ ଆନୁକୂଲ୍ୟରେ ୨୦୧୬ ମସିହା ଠାରୁ ଆରମ୍ଭ କରାଯାଇଥିଲା ସ୍ୟାଣ୍ଡ ରିସୋର୍ଟ। ଏହା ମହାନଦୀର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଥିଲା। ତେବେ ପରବ ୀ ସମୟରେ ଏଠାରେ ମନୋରମ ପାରିପାର୍ଶ୍ୱିକ ପରିବେଶ ରାଜ୍ୟ, ଦେଶ ଏବଂ ବିଦେଶର ପ୍ରକୃତିପ୍ରେମୀ ମାନଙ୍କୁ ଆକର୍ଷିତ କରିପାରିଛି ବୋଲି ଡିଏଫ୍‌ଓ କହିଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଚାଲିଥିବା ଏହି ପ୍ରକଳ୍ପକୁ ରାଜ୍ୟ, ଦେଶ ତଥା ବିଦେଶରୁ ବହୁ ପର୍ଯ୍ୟଟକ ଆସିଥାନ୍ତି। ସବୁଠାରୁ ବଡ଼ କଥା ହେଲା ଓଡ଼ିଶାର ଲୋକପ୍ରିୟ ସରକାରଙ୍କ ପ୍ରେରଣା, ସହଯୋଗ ଓ ଉତ୍ସାହ ହିଁ ଏମାନଙ୍କୁ ଆଗେଇ ନେଇପାରିଛି। ଏହି ଲେଖକ ଆଶା କରୁଛି କେବଳ ସରକାରଙ୍କ ସହଯୋଗ ବଡ଼କଥା ନୁହେଁ ଆମ ସମସ୍ତଙ୍କ ଭଲପାଇବା ସଦିଚ୍ଛା ଓ ଉତ୍ସାହ ମିଳିଲେ ଅନେକ କୃତବିଦ୍ୟ ପ୍ରତିଭାବାନଙ୍କ ସହ ଅନେକ ଇକୋଭିଲେଜ ଗଢ଼ାଯାଇ ପାରିବ।

*ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ*
*ଦୂରଭାଷ : ୯୪୩୭୬୬୬୪୫୩*

## *ଅଦ୍ରୋହ :-*
*(ପୂର୍ବପ୍ରକାଶ ଉତ୍ତାରୁ)*

*ସେ କହିଛନ୍ତି ଯେ, ଲୋକମାନେ ବିଦ୍ରୋହୀ ହେବାର କାରଣ ସେମାନଙ୍କର ଅସଭ୍ୟ, ଅଶ୍ଳିଳ ବିଚାରଧାରା ଅଟେ। ଏଭଳି ଆସୁରୀ ପ୍ରବୃତ୍ତିବାଲା ବ୍ୟକ୍ତିର ଯୁକ୍ତିରେ ଜଗତର ସୃଷ୍ଟିରେ କୌଣସି ଆଧାର ନାହିଁ। ଈଶ୍ୱର କେବଳ ଏକ କାଳ୍ପନିକ ବସ୍ତୁ ଅଟନ୍ତି। ସ୍ତ୍ରୀ, ପୁରୁଷର ସମ୍ଭୋଗରୁ ଜଗତର ବିସ୍ତାର ତେଣୁ ଧର୍ମକର୍ମକୁ ମଝିରେ ଆଣିବା କଣ ଦରକାର ? ଗୀତା କୁହେ ଏଭଳି ଲୋକଙ୍କ ଜ୍ଞାନ ମିଥ୍ୟା ଅଟେ। ସେମାନେ ମନ୍ଦବୁଦ୍ଧି ତଥା କ୍ରୁର ଅଟନ୍ତି। ସେମାନେ ପ୍ରଥମେ ନିଜ ଆତ୍ମା ସାଥିରେ ଦ୍ରୋହ ତା ସହିତ ନିଶ୍ଚିତ ଭାବେ ସମାଜ ସହିତ ଦ୍ରୋହ କରିଥାନ୍ତି। ସେମାନେ ଦମ୍ଭୀ ଅଟନ୍ତି। ବଡ ବଡ ବାହାସ୍ଫୋଟ ମାରି କଥା କୁହନ୍ତି କିନ୍ତୁ ଭିତରେ ଭୟଭୀତ ରହିଥାନ୍ତି। ସେମାନେ ଉଚ୍ଚ କଳ୍ପନା କରନ୍ତି ମାତ୍ର ସତ୍ୟତା ନଥାଏ। ଦୀପାବଳିରେ ବାଣ ଫୁଟାଇବାର ସାହସ ନଥାଏ ନା ଲେଖାନ୍ତି ତୋପ ଚଳାଇବାକୁ। ଏଭଳି ଲୋକ ମିଥ୍ୟାବାଦୀ, ବିକାରୀ ଓ ମୋହ ଜାଲରେ ପଡି ଭ୍ରଷ୍ଟ ଆଚରଣ କରି ଜୀବନ ବିତାଇ ଥାଆନ୍ତି।*


*ଦ୍ରୋହର ମୁଖ୍ୟ କାରଣ ଅଶାନ୍ତ ଅର୍ନ୍ତମନ ଓ ଅଶ୍ଳିଳ ଚିନ୍ତା। ଏଭଳି ବ୍ୟକ୍ତି ନିଜେ ତ ବୁଡନ୍ତି ପୁରା ଦୁନିଆକୁ ମଧ୍ୟ ବୁଡାଇ ଥାନ୍ତି। ସର୍ବତ୍ର ଅଳିଆ ଖେଳାଇଥାନ୍ତି। ପ୍ରଥମେ ତମାଖୁ, ବିଡି, ସିଗାରେଟ୍‌ର ନିଶାରେ ପରେ ଗଞ୍ଜେଇ, ଅଫିମ, ମଦ ନିଶାରେ ପଡନ୍ତି। ଯେତେବେଳେ ଏହି ଆବଶ୍ୟକତା ପୁରଣ ହୋଇପାରେନା ସେତେବେଳେ "ଇହନ୍ତେ କାମ ଭୋଗାର୍ଥ ଅନ୍ୟାୟେନାର୍ଥ ସଂଚୟନମ୍"- କାମ କ୍ରୋଧର ଆଶ୍ରୟ ନେଇଥାନ୍ତି। ମାର ଗହଣା, ବାପାର ଘଡି ଆଉ ମୁଦି ଚୋରିକରି ଯେମିତି ବି ହେଉ ନିଜ ଅଭ୍ୟାସର ଆବଶ୍ୟକତାକୁ ପୂରଣ କରିଥାନ୍ତି।*





*ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧାତ୍ମାନନ୍ଦ ସରସ୍ୱତୀ ମହାରାଜ*


**ଦୈବୀ ସମ୍ପଦା**



*ଅନୁବାଦ- ଉପାଳୀ ଦାଶ*

*ଶ୍ରୀମଦ ଭାଗବତ ମାହାତ୍ମ୍ୟରେ ଆତ୍ମଦେବର କଥା ରହିଛି। ତାର ପତ୍ନୀର ନାମ ଧୂମଲୀ। ଧୁଁମଲୀର ଅର୍ଥ କୁହୁଡି ଆଚ୍ଛନ୍ନ। ତେଣୁ ତତ୍ତ୍ୱ ଦୃଷ୍ଟିରୁ ବିଚାରକଲେ ଯେବେ ଆତ୍ମାର ଅର୍ଦ୍ଧାଙ୍ଗିନୀ ଧୁଁଧଲୀ ତେବେ ପରିଣାମ ଅପ୍ରତ୍ୟାଶିତ ହେବା ସ୍ୱାଭାବିକ। ଆତ୍ମାର ସ୍ୱଭାବ ଜ୍ଞାନ, ପ୍ରକାଶ, ବିକାଶ ଅଟେ। ଆତ୍ମଦେବ ଜ୍ଞାନୀ ପବିତ୍ର ବ୍ରାହ୍ମଣ ପରନ୍ତୁ ତାଙ୍କର ଅର୍ଦ୍ଧାଙ୍ଗିନୀ ଧର୍ମପତ୍ନୀ ନୁହେଁ। ବିଦ୍ରୋହୀ ଅଥବା ଦ୍ରୋହୀ ପତ୍ନୀ ଅଟେ। ସେମାନଙ୍କଠାରୁ ଧୁଁଧକାରୀ ନାମକ ଏକ ସନ୍ତାନ ଜନ୍ମ ହୋଇଛି। ପ୍ରକୃତରେ ଧୁଁଧଲୀର କୌଣସି ସନ୍ତାନ ନ ଥିଲା। ସେ ଭଉଣୀର ପୁତ୍ରକୁ ଆଣି ନାଟକ କରିଛି ଯେ ଏ ହେଉଛି ମୋର ସନ୍ତାନ। ଅସତ୍ୟର ଆଶ୍ରୟ। ସେହି ପୁତ୍ର ଧୁଁଧକାରୀ ସ୍ନାନ କରୁ ନଥିଲା।*

(କ୍ରମଶଃ)




ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।

# ସମ୍ପର୍କର ସୂତାଖିଅ

**ଅ**ନେକ ଦିନ ପରେ କିଏ ଜଣେ ସୁରେନ୍ଦ୍ରକୁ ଖୋଜୁଛି ଜାଣି ଦୋକାନରେ ଉପସ୍ଥିତ ଥିବା ତିନି ଜଣ କର୍ମଚାରୀ ଉତ୍ସୁକ ହୋଇପଡିଲେ। ସାମ୍ନାରେ ସୁନ୍ଦରୀ ସ୍ତ୍ରୀ ଲୋକଟିକୁ ଦେଖି ସମସ୍ତେ ଅପ୍ରତିଭ ହୋଇପଡ଼ିଲେ। ଜଣେ କହିଲା - "ସେ ଆଉ ନାହାନ୍ତି ଏ ଦୋକାନରେ। ଅନେକ ଦିନ ହେଲା କାମ ଛାଡ଼ି ଦେଲେଣି।"

ସଟ୍ କିନା ଖସିଗଲା କି ଅଭିନବ ଚିଜଟି ହାତମୁଠାରୁ? ଏକପ୍ରକାର ନିଶ୍ଚିତ ମନନେଇ ସେ ଆସିଥିଲା ସୁରେନ୍ଦ୍ରକୁ ସେଠି ଭେଟିବାକୁ। ଅଥଚ...

ମେଡିସିନ୍ ଷ୍ଟୋର ପାହାଚରୁ ତଳକୁ ଓହ୍ଲାଇ ଆସିଲା ମମତା। ରାସ୍ତାକଡରେ ଠିଆହୋଇ ଚାରିଆଡକୁ ଚାହିଁଲା ଅସହାୟ ଆଖିରେ। ତା' ନିଜ ସହରରେ ବର୍ତ୍ତମାନ ସେ ଏକା। କାହିଁକି କେଜାଣି ଭାରି ଅଚିହ୍ନା ଅଚିହ୍ନା ଲାଗୁଚି ସାରା ସହର, ଯେଉଁଠି କଟିଚି ତା ବାଲ୍ୟ, କୈଶୋର, ଯୌବନ। ଅଚିହ୍ନା ସହରରେ ସେ କେଉଁଠି ଖୋଜିବ ତା' ଚିହ୍ନା ମଣିଷଟିକୁ?

ସମସ୍ତ ଦୁଃଖ ଓ ଦୀର୍ଘଶ୍ୱାସର ଗୋଟେ ଚଳନ୍ତି ପ୍ରତିମା ପରି ସେ ଚାଲୁଥିଲା ଅସରନ୍ତି ବାଟ।

ଆଜବେଷ୍ଟସ୍ ଭଡ଼ାଘର। ଯେଉଁଠିକୁ ଏକ କନ୍‌କନ୍ ମନ ଆଉ ଛନ୍‌ଛନ୍ ଆବେଗ ନେଇ, ପୃଥିବୀର ସବୁ ଐଶ୍ୱର୍ଯ୍ୟକୁ ତୁଚ୍ଛ କରି ଦିନେ ରାତି ଅଧରେ ସେ ପଶି ଆସି ଘୋଷଣା କରିଥିଲା ଏ ପୃଥିବୀରେ ସବୁ ମିଛ, ସବୁ ତୁଚ୍ଛ ସବୁ ଅଳୀକ, କେବଳ ପ୍ରେମ ବ୍ୟତୀତ। ଏ ପୃଥିବୀ ତିଷ୍ଠ ରହିଛି କେବଳ ପ୍ରେମର ବାର୍ତ୍ତାକୁ ବହନ କରି। ମେଘ ବର୍ଷୁଛି କେବଳ ପ୍ରେମର ସମୁଦ୍ରରେ ମିଶିବା ପାଇଁ!

ଏବେ ସେସବୁ କଥା ମନେ ପଡିଲେ ଉଲ୍ଲସିତ ହୋଇଯାଉଛି ସମଗ୍ର ଶରୀର। ରୋମାଞ୍ଚ ସୃଷ୍ଟି ହୋଇଯାଉଛି ତନ୍ତ୍ରୀରେ ତନ୍ତ୍ରୀରେ। ଆକାଶ ଓ ମାଟି ସଂଯୋଜିତ ହୋଇ ଯାଉଛନ୍ତି ଗୋଟିଏ ବିନ୍ଦୁରେ।

ଆହା, କଳା ମେଘ କୋଳରେ ଝଲକାଏ ବିଜୁଳି ପରି କୁଆଡ଼େ ଉଭାନ୍ ହୋଇଗଲା ସେସବୁ ଦିନ?

ସେଠି ପାଦଦେବା ମାତ୍ରେ ଗୋଟେ ନିରବଚ୍ଛିନ୍ନ ସ୍ୱର ସତେ ଅବା ଉତୁରି ଆସିଲା ମାଟିତଳୁ। ସେ ସ୍ୱର ଏତେ ଦୟନୀୟ, ଏତେ କରୁଣ ଥିଲା, ମମତାର ଦେହ ଶୀତେଇ ଉଠିଲା ତତ୍‌କ୍ଷଣାତ୍। ଥପ୍‌ଥପ୍ ହୋଇ ଲୁହ କେଇବୁନ୍ଦା ଖସି ଆସି ପଡ଼ିଲା ମାଟି ଉପରେ। ଉଇ ଚରିଯାଇଥିବା ପଲସ୍ତରାଛାଡା କାନ୍ଥସାରା ମାଡିଯାଇଛି ଅନାବନା ଗଛ ଲତା। ଆଜ୍‌ବେଷ୍ଟସ୍ ଛାତର ଠାଏ ଠାଏ ଏତେ ବଡ ବଡ କଣା ଦୁଇ ଚାରିଟା। ଅନେକ ଦିନ ହେବ ଘରଟା ଯେ ପରିତ୍ୟକ୍ତ, ଏ କଥା ପ୍ରଥମ ଦର୍ଶନରେ ଯେ କେହି କହିହେବ। ସୁରେନ୍ଦ୍ର ଘର ଛାଡିବା ପରେ ଘର ମାଲିକ ବୋଧହୁଏ ଆଉ ଦୃଷ୍ଟିଦେଇନାହାନ୍ତି ସେ ଘର ଉପରେ!

ତେବେ ଏଠି ସୁରେନ୍ଦ୍ର ନାଇଁ! ଲଥ୍ କରି ମମତା ବସି ପଡ଼ିଲା ସେଇ ଅରମା ଚଟାଣ ଉପରେ। କେଜାଣି କେତେ ଯୁଗ ପରେ ସେ ଅନୁଭବ କଲା ତାକୁ ପ୍ରଚଣ୍ଡ ଶୋଷ, ତତ୍‌ସହିତ ଭୋକ ମଧ୍ୟ।

କୁଆଡ଼େ ଗଲା ସୁରେନ୍ଦ୍ର? ପଳାଇଗଲା କି କେଉଁ ଏକ ଅପରିଚିତ ସହରକୁ? କିଏ ଦେବ ତା'ର ଠିକଣା? ଏତେ ବିଶାଳ ପୃଥିବୀରୁ କେଉଁଠି ଠାବ କରିବ ତାକୁ ସେ?

ପ୍ରଦୀପ!!

ବିଜୁଳିର ଏକ ଝଲକ ଖେଳିଗଲା ମମତା ମନରେ। ପ୍ରଦୀପ ସୁରେନ୍ଦ୍ରର ଘନିଷ୍ଠ ବନ୍ଧୁ। ଅନେକ ଥର ସେ ଆସିଛି ତାଙ୍କ ଘରକୁ। ଏଇ ସହରରେ ତାର ଘର। ତାକୁ ଦେଖାକଲେ ନିଶ୍ଚୟ ମିଳିପାରିବ କିଛି ସମ୍ବାଦ ସୁରେନ୍ଦ୍ର ବିଷୟରେ। ହେଲେ ପ୍ରଦୀପର ଘର କେଉଁଠ? କେଉଁ ବଜାରର କେଉଁ ଗଳିରେ? ଏତେ ବଡ ସହରରେ କାହାକୁ ପଚାରିବ ପ୍ରଦୀପ ବୋଲି ଡେଙ୍ଗା ଗୋରା, ସୌମ୍ୟଦର୍ଶନ, ଅଳ୍ପ ଅଳ୍ପ ଦାଢ଼ି ରଖିଥିବା, ବୁଲେଟ୍ ଚଢୁଥିବା ବେପରୁଆ ଯୁବକଟିର ଘର କେଉଁଠି?

ହଁ, ମମତାର ମନେପଡିଲା, ଚାଉଳିଆଗଞ୍ଜରେ ପ୍ରଦୀପର ଥିଲା ଏକ ରେଡିମେଡ୍ ପୋଷାକ ଦୋକାନ।

ଏହାର କୋଡିଏ ମିନିଟ୍ ପରେ ମମତା ଠିଆ ହୋଇଥିଲା ଚାଉଳିଆଗଞ୍ଜର 'ୱେଲ୍-ଡ୍ରେସ୍' କପଡା ଦୋକାନ ବାରଣ୍ଡାରେ।

ତା' ପ୍ରଶ୍ନ ଶୁଣି ଦୋକାନରେ ଥିବା ଦୁଇଜଣ ସେଲ୍‌ସ୍‌ମ୍ୟାନ୍ ଆଶ୍ଚର୍ଯ୍ୟ ହେଲେ। ପରେ ପରେ ଦୁଃଖିତ। ଭଦ୍ର ମହିଳା ଜଣକ ଦେଢ଼ବର୍ଷ ତଳେ ଏକ କାର ଦୁର୍ଘଟଣାରେ ପ୍ରାଣ ହରାଇଥିବା ସେମାନଙ୍କ ମାଲିକର ସାନପୁଅଙ୍କୁ ଖୋଜୁଛନ୍ତି ଜାଣି ମେଞ୍ଚାଏ ଦୁଃଖ ଫୁଟିଉଠିଲା ସେମାନଙ୍କ ମୁହଁରେ।

ଆଶ୍ରା ଦେଇଥିବା ଆଉ ଗୋଟାଏ ଡାଳ ଭାଙ୍ଗିପଡିଲା। ବିପଦ ସମୟରେ ଏମିତି ଭାଙ୍ଗିପଡେ ଗୋଟାଏ ପରେ ଗୋଟାଏ ଡାଳ। ଯୁଗଯୁଗ ଧରି ଉପରେ ଅଭୟମୁଦ୍ରାରେ ଘୋଡାଇ ହୋଇରହିଥିବା ଆକାଶ ଖସି ପଡେ ମୁଣ୍ଡ ଉପରେ। ମାଟି ନିଜକୁ ପ୍ରତ୍ୟାହାର କରିନିଏ ଟଳମଳ ପାଦତଳୁ।

ଆକାଶରେ ଖଣ୍ଡଖଣ୍ଡ ମେଘ ଇତସ୍ତତଃ ଭାସୁଥିଲେ ଅନ୍ୟମନସ୍କ ଛାତ୍ରମାନଙ୍କ ଭଳି। ପଶ୍ଚିମାକାଶକୁ ରକ୍ତ ରଙ୍ଗରେ ରଞ୍ଜିତ କରି, କିଛି ହସ, କିଛି କାନ୍ଦ, କିଛି ପ୍ରତିଶ୍ରୁତିର ଅବିର ବିଞ୍ଚି ବିଞ୍ଚି ଆଉ ଟିକକ ପରେ ସୂର୍ଯ୍ୟ ବାହୁଡିଯିବେ। ତା ପରେ ଘୋଟି ଆସିବ ଅନ୍ଧାର।

ତା' ଜୀବନ ତା ଘନଘୋର ଅନ୍ଧାର ଭିତରେ ଲୁଚି ଯାଇଛି, ତା' ଦେହ, ମନ, ଆତ୍ମାସାରା ତ ବୋଳି ହୋଇଯାଇଛି ମେଞ୍ଚା ମେଞ୍ଚା ଅନ୍ଧାର, ଆଉ କେଉଁ ଅନ୍ଧାର ଡରାଇବ ତାକୁ?

ମମତା ଆପାତତଃ ସ୍ଥିର କରିସାରିଥିଲା ସେ ଯିବ ଗାଁ'କୁ। ସୁରେନ୍ଦ୍ରଙ୍କ ଗାଁ'କୁ। ତା' ଶାଶୁ ଘରକୁ!! ଚମକି ପଡିଲା ସେ। ଶାଶୁ, ଶଶୁର, ନଣନ୍ଦ, ଦିଅର! ଆହା ଏପରି ଅମୃତମୟ ଅନୁଭବ ତା'ର କେବେ ହେବ କି ଏ ଜୀବଦ୍ଦଶା ଭିତରେ? କାହାର ସ୍ତ୍ରୀ, କାହାର ବୋହୂ, କାହାର ମା, କାହାର ଭାଉଜ ହୋଇ ସାଂସାରିକ ଜଞ୍ଜାଳର ମଧୁପାନ କରିବା ତା ଭାଗ୍ୟରେ କାଇଁ?

କଟକ-ପାରାଦ୍ୱୀପ ବସ୍। ପବନର ଛାତିକୁ ଦିଫାଳ କରି ବିରାଟକାୟ ବସ୍‌ଟି ଚାଲୁଥିଲା ଘଣ୍ଟାକୁ ସତୁରୀ ପଞ୍ଚସ୍ତରୀ କିଲୋମିଟର ବେଗରେ। ବସ୍‌ର ବେଗ ସହିତ ତାଳ ଦେଇ ମମତାର ମନ ମଧ୍ୟ ଧାଉଁଥିଲା ଆଗକୁ ଆଗକୁ।

କୁଆଡେ ଯିବେ ମ୍ୟାଡମ୍? -କଣ୍ଡକ୍ଟର ପଚାରୁଥିଲା?

ମମତା ପଟ୍ଟନାୟକ ପଚାରିଲା ମମତା ପଟ୍ଟନାୟକକୁ, "କୁଆଡେ ଯିବୁ ମମତା ପଟ୍ଟନାୟକ?"

ଜୀବନରେ ଥରେ ମାତ୍ର ସେ ଆସିଥିଲା ଗାଁ'କୁ, ସୁରେନ୍ଦ୍ର ସହିତ। ମାତ୍ର କୋଡ଼ିଏ ପଚିଶ ଦିନ ପାଇଁ। ଆଉ ମନେ ନାଇଁ। କେଉଁ ଷ୍ଟପେଜରେ ସେମାନେ ଓହ୍ଲାଇଥିଲେ, ମୁଖ୍ୟରାସ୍ତାର କେଉଁ ପଟେ ଯାଇଥିଲେ, କେଉଁଠି ତାଙ୍କରି ଗାଁ, କ'ଣ ସେ ଗାଁ'ର ନାଁ, ଏବେ ଆଉ ସ୍ପଷ୍ଟଭାବେ ମନେ ପଡୁନାଇଁ କିଛି!

ଆଉ ଥରେ ପଚାରିଲା କଣ୍ଡକ୍ଟର। ବସ୍ ଭିଡ ଯୋଗୁଁ ସେ ଆଗକୁ ଯିବାକୁ ଚାହୁଁଥିଲା।

(କ୍ରମଶଃ)

## ବିଂଶୋତ୍ତର କବିତା



## ତଟିନୀ ଉବାଚ



**ଶାନ୍ତନୁ କୁମାର ସର**


ଆବେଗର ପ୍ରବାହରେ
ଛଳଛଳ
ତଟିନୀ କହିଲା...
ହେ ମୋର ଇପ୍ସିତ ପୁରୁଷ,
ତମରି ଆଖିରେ ଦେଖେ
ସମୁଦ୍ରର ବିକ୍ଷୁବ୍ଧ ତରଙ୍ଗ,
କମନୀୟ କାମନାର ରକ୍ତଜବା
ପ୍ରତିଟି ଠାଣିରେ।
ତୁମକୁ ପାଇବା ପାଇଁ
ମୁଁ ଲଙ୍ଘିଛି କୂଳ ଓ କିନାରା,
ମୁଁ ଭ୍ରମିଛି କେତେ କେତେ
ଅକ୍ଷାଂଶ ଦ୍ରାଘିମା,
କଙ୍କରିତ ପଥ ଆଉ
ଅଭିଶପ୍ତ ହିଂସ୍ର ଉପବନ
ପ୍ରବଞ୍ଚିତ ଗତି ପଥେ ମୋର
ମୁଁ ବରିଛି ନିନ୍ଦା ଅପମାନ
ଯେତେ ସବୁ ଅପଯଶ, ଅପଶବ୍ଦ
ସବୁ ମୋର କପାଳର ଚର୍ଚ୍ଚିତ ଚନ୍ଦନ।
କେତେ ଯେ ଲଙ୍ଘିଛି ମୁହିଁ
ନିଷିଦ୍ଧ ଦେହଳୀ,
ମୋର ଏହି ଅବାରିତ
ଅଭିସାର ପାଇଁ।
ମୋକ୍ଷଦିଅ ମୋକ୍ଷଦିଅ ମୁକ୍ତି
ପାଇଁ ତିଳତିଳ



ମୁଁ ଅଭିଶପ୍ତା ମାନିନୀ ଅହଲ୍ୟା,
ଚେତନାର ଗର୍ଭଗୃହେ ବିରାଜିତ
ହେ ଦିବ୍ୟପୁରୁଷ,
ତମେତ ରହିଛ ଚାହିଁ କେତେ ଜନ୍ମ
କେତେ ଜନ୍ମାନ୍ତର,
ଆମ ଦିବ୍ୟ ମିଳନର
ମହାପର୍ବ ପାଇଁ।
ଏହିଠାରେ ଅନ୍ତ ହେଉ
ଦିଗହଜା ଯାତ୍ରା ମୋର,
ଅନ୍ତ ହେଉ ଅଭିସାର ଯାତ୍ରା
ତମ ଉଦଗ୍ରୀବ ବାହୁ ବନ୍ଧନରେ,
ମୁଁ ହଜିଯାଏ
ତୁମ ସୀମାହୀନ ପ୍ରସାରିତ
ନୀଳକାମନାରେ
ଏକାକାର ହୋଇଗଲା ପରେ
ଦୁଇ ସତ୍ତା
କିଏ ବା କହିବ, ନଦୀ କିଏ
ସମୁଦ୍ର ବା କିଏ!

*ଅବସରପ୍ରାପ୍ତ ଅଧ୍ୟକ୍ଷ*
*ଅନୁଗୋଳ କଲେଜ, ଅନୁଗୋଳ*

## ଆହା ମୋର ପରଦେଶୀ ବନ୍ଧୁ



**ଅସୀମା ସାହୁ**

**ଚ**ନ୍ଦ୍ରିକାର ସ୍ପର୍ଶ
ଓଠର ମୋ କମ୍ପନ ଆଣିଲେ
ଚାନ୍ଦିନୀର ଚାନ୍ଦ
ମୋ ଗାଲରେ ଚୁମ୍ବନ ଆଙ୍କିଲେ
ସୁରରେ ସୁରଭି ଭରି
ଅପେକ୍ଷାର ବଂଶୀ ବଜାଇଲେ
ରାଗର ରାଗିଣୀ ଶୁଭେ
ହୃଦୟର ଲହରୀ ମାଳାରେ
ମେଘରଙ୍ଗୀ ଗେହ୍ଲୀ ହସେ
ମୁରୁକିଆ କଅଁଳ ଖରାରେ
ଝୁମା ଝୁମା ମନ ନାଚେ
ସାତରଙ୍ଗ ଭିଣିଯାଏ ଧୀରେ



ଗୃହବନ୍ଦୀରେ ବି ଜଳାଇକି
ଧୂଆଁ ଢାଳେ
ଚାରୁକେଶୀ ଠୁମୁରୀ ଶୁଣାଏ
ତାତି ଭରେ... ଛାତି ଚହଲାଏ
ଆହା ମୋର ପରଦେଶୀ ବନ୍ଧୁ
ଗେଲ କରେ ଛୁଇଁ ଦିଏ
ଉଭେଇ ବି ଯାଏ
ଚମକାଇ ଦେଇ ମୋତେ
ଏଇ ମୋର ହାତ ପାହାନ୍ତାରେ
ଏକାନ୍ତବାସରେ....।

*ମଧୁବନ, ବାରିପଦା*

## ସ୍ୱାଧୀନତାର ସନ୍ଧିକ୍ଷଣେ

**ମମତା ପ୍ରିୟଦର୍ଶିନୀ ସାହୁ**



**କେ**ଜାଣି କାହିଁକି?
ଆନମନା ମୁହୂର୍ତ୍ତ ସବୁ
ଉଦବିଗ୍ନତାରେ ଭର୍ତ୍ତି ଦିଅନ୍ତି
ସମସ୍ତ ବର୍ତ୍ତମାନ ଓ ଭବିଷ୍ୟତ।
ଖାସ୍
ମୁଁ ଚିରକାଳ ପଣବନ୍ଦୀ ବୋଲି।

ହରିତ ସବୁଜିମା ମନର କୁନ୍ଥାଣ
ବିବର୍ଣ୍ଣ କରିଦିଏ ଆଶା ଓ ତମାମ ଆୟୁଷ
କେଉଁ ବାମନର ପାଦ ସ୍ପର୍ଶରେ
ଚାପିଚୁପି ଚୋପା ହେଲା ବେଳେ
ପାତାଳର ଗହୀରି ସନ୍ଧିରେ।


କେତେ ଅସହାୟ ଲାଗେ
ଜୀବନ, ବୟସ, ଆକାଶ,
ବିମର୍ଷତାର ଛବି ଆଙ୍କେ
ନିଃଶ୍ୱାସ, ବିଶ୍ୱାସ ହରେଇ
ପଥାରୂଢ଼ ହେବାକାଳେ।

ହଳଦୀବସନ୍ତର ସଙ୍ଗୀତେ
ଉଚ୍ଚାଟିତ ହୋଇପାରେନା
ମଧୁର ସିମ୍ଫୋନି,

ହେମବର୍ଣ୍ଣା ମୁହଁ ଶେଥା ପଡି
ଯେବେ ଉତ୍ତର ଲୋଡୁଥାଏ
ପତିପତ୍ତିର ଆକ୍ରୋଶ ଲହରକୁ।


ଯାବତୀୟ କ୍ଳାନ୍ତି
କଳାଘୁମର କରିଦିଏ ଅହର୍ନିଶ
ତଥାପି ବିଡମ୍ବିତ ଭାଗ୍ୟକୁ ନେଇ
ମଧୁଚନ୍ଦ୍ରିକା ସାଜେ
ନିର୍ଜନତାର କୋଳରେ।

ପ୍ରେମର ବିନ୍ଦୁ ଏ ତେଜର ବି ଅଭାବ
ଜାଣି ସୁଦ୍ଧା, ଅସରନ୍ତି ଶୂନ୍ୟତା ସହ
ଆଖି ହଳକୁ ଯୋଡିଦିଏ।



ରୋମ ରୋମ ଶିହରି ଯାଏ
ବିନା ମେଘର ବିଜୁଳି,
ଇନ୍ଦ୍ରଧନୁର ନିରିମାଖୀ
ନୀରିକ୍ଷଣରେ।

ଆଜନ୍ମ
ଦେହରୁ, ଚେତନାରୁ
ଆବେଗ ନିଗାଡି
ଭିଡିଧରେ ତୁମ ଅସ୍ତିତ୍ୱକୁ
କିଛି ବୋଲି ଦାବି ନଥାଏ



ତଥାପି ତୁମେ ଅପସରି ଯିବା ବେଳେ
ଜନ୍ମନିଏ ମୋ ରକ୍ତରେ
ଅନୁଭବ ଟିଏ।

ନଗ୍ନ ଭୟର କୁହୁଡି
ସର୍ବାଙ୍ଗ ତିନ୍ତେଇ ଯାଏ।
ମୁଁ ଘୁଷୁରୁ ଥାଏ
ଅଜାଗା ଘା ସବୁ ସାଥେ।

ସ୍ୱପ୍ନାତୁରା ହୁଏ ସ୍ୱାଧୀନତାର
ମନ୍ତ୍ରପାଠ ପାଇଁ
ହାତ ବଢ଼ାଏ ଜହ୍ନକୁ,
ତଥାପି....
ଶାଣିତ ପବନର ହିଲ୍ଲୋଳ
ଆବୋରିନେଲା ବେଳେ
ମୋ ସତୀତ୍ୱ,
ପରଂପରାର ଆୟୁଧ
ଓଢ଼ଣା ତଳୁ ଗୁମୁରି ଉଠେ
"ନା", "ନା", "ନା"।

*ଅଧ୍ୟାପିକା*
*ବାଲିଶଙ୍କର, ସୁନ୍ଦରଗଡ*
*ଦୂରଭାଷ : ୯୩୩୭୦୬୭୧୮୬*


## ମୋର



**ବାଦଲ ଭୂୟାଁ**

**ମୋ**ର କ'ଣ ବା ଥିଲା, କ'ଣ ବା ଅଛି
କବା ହଜି ଯାଇଚି ॥
ମୋର ସବୁବେଳେ କିଛି ନା କିଛି ଥିଲା
ହଜୁଥିଲା ମିଳୁଥିଲା ଖେଳ ଭିତରେ
ଯାହା ରହୁଥିଲା ତାହା ହିଁ ଥିଲା ॥
ତାରାଙ୍କୁ ପଚାର ସେମାନେ କହିବେ
ମୋ ଥିଲା ନଥିଲା କଥାଙ୍କ ସଂସାର
ରାତିକୁ ପଚାର ସିଏ କହିବ ମୋର ଅଂଧାର ପଣ
କିଂତୁ ଚହଲା ପାଣି ତା' କଥା ଭିନ୍ନ
ସିଏ ମୋର ଭିନ୍ନଭିନ୍ନ ରୂପର ରହସ୍ୟ ॥





ମୋର ବୋଲି ବସ୍ତୁଟି ମୋର ନଥିଲା
ଯେମିତି ସଂଜୁଆ ଆକାଶ ଆକାଶର ହେଇ ନଥାଏ
ତାରାର ହେଇଥାଏ ଠିକ୍ ସେମିତି
ମୁଁ ମୁଁ ହେଇ ନ ଥାଏ ତା'ର ହେଇଥାଏ
କାଳେ କାଳେ ଅଳସ ଲଗ୍ନରେ
ଘୋରତର ବରଷାରେ ତମେ ଆସୁଥିଲେ ॥

*ସମ୍ପାଦକ 'ସିଂହଭୂମ'*
*ଟାଟାନଗର, ଦୂରଭାଷ - ୭୪୮୮୯୯୮୫୩୨*

## ଈଶ୍ୱର ଆଉ ଆସିବେନି

**ସୁଧାଂଶୁ ଶେଖର ଦ୍ୱିବେଦୀ**



**ଈ**ଶ୍ୱର ବିଶ୍ରାମ ଶଯ୍ୟାରୁ ଉଠି ସୁନ୍ଦର ସୁରକ୍ଷିତ ଫୁଲ ଉପବନରେ ବୁଲିବାକୁ ବାହାରିଗଲେ। ଶୂନ୍ୟ ମଣ୍ଡଳର ମନମୁଗ୍ଧ ଶୋଭାରେ ବିମୁଗ୍ଧ ହୋଇ ଆନନ୍ଦକୁ ଉପଭୋଗ କରୁଥାନ୍ତି। ତାଙ୍କ ପତ୍ନୀ ପାଖରେ ପହଞ୍ଚି ଈଶ୍ୱରଙ୍କ ମନୋଭାବକୁ ପରଖି ପଚାରିଲେ, ପ୍ରଭୋ! ବର୍ତ୍ତମାନ ସାରା ଦୁନିଆ ଯେଉଁ ଅନିଶ୍ଚିତତାରେ ଗତି କରୁଛି ଆପଣ କଣ କିଛି ଅନୁଭବ କରିପାରୁ ନାହାନ୍ତି? ମହାମାରୀ ସଙ୍କଟରୁ ଉଦ୍ଧାର ପାଇବା ପାଇଁ ବିଶ୍ୱବାସୀ ଆପଣଙ୍କୁ ଦିନରାତି ପ୍ରାର୍ଥନା କରୁଛନ୍ତି। ଆପଣ ବି ତ କେବେ ଦିନେ କହିଥିଲେ ଧରିତ୍ରୀ ବାସୀ ବିଶୃଙ୍ଖଳିତ ହୋଇଗଲେ ପାପ ମାତ୍ରାଧିକ ବଢ଼ିଯିବ। ସେଇ ବେଳେ ଆପଣ ସୁକର୍ମର ପୁନରୁଥାନ ନିମନ୍ତେ ଅବତାର ନେଇ ଭୂପୃଷ୍ଠକୁ ଯିବେ। ପତ୍ନୀଙ୍କ ପ୍ରଶ୍ନରେ ଆଦୌ ବିଚଳିତ ନହୋଇ ଈଶ୍ୱର କହିଲେ, ସେକଥା ମୋର ମନେ ଅଛି। ସେଇଥିପାଇଁ ତ ସାଙ୍କେତିକ ରୂପେ ଅନେକ ବାର ମୁଁ ମାନବ ଜାତିକୁ ଜଣାଇବାକୁ ପ୍ରୟାସ କରିଛି। କିନ୍ତୁ ମୂଢ଼ ମାନବ ଅହରହ ନକରାତ୍ମକ କଥାରେ ମୁଣ୍ଡ ଖଟେଇଛନ୍ତି। ଭାରବାହୀ ପଶୁ ସଦୃଶ ଧରିତ୍ରୀକୁ ଉପଯୋଗ କରିଛନ୍ତି। ସ୍ୱାର୍ଥ, ଭ୍ରଷ୍ଟାଚାର ଓ ଧର୍ମକୁ ନେଇ ନିଜ ନିଜ ଭିତରେ ସଘଂର୍ଷ କରିଛନ୍ତି। ଏବେ ସମୟ ଆସିଛି ସେମାନଙ୍କୁ ପରିବର୍ତ୍ତନ ହେବାକୁ ପଡିବ। ଦୁନିଆକୁ ନବୀକରଣ ରୂପେ ଦେଖିବା ପାଇଁ ସେମାନଙ୍କୁ ସରଳ, ନିର୍ମଳ, ସାବଲୀଳ ହେବାକୁ ପଡିବ। ଈଶ୍ୱରଙ୍କ କଥା ଶୁଣି ପତନୀ କିଛି କ୍ଷଣ ଦୁଃଖଗ୍ରସ୍ତ ହୋଇ ପଡିଲେ। ଯଦି ବିଶ୍ୱ ନିଅନ୍ତା ବିଶ୍ୱର ପ୍ରତିକାର କରିବେ ନାହିଁ ତା'ହେଲେ ଦୁନିଆରୁ ମାନବ ଜାତି ଧିରେ ଧିରେ ଲୋପ ହେବାକୁ ବେଶୀ ସମୟ ଲାଗିବନାହିଁ। ନିଜ ଦୁଃଖକୁ ନିଜ ଭିତରେ ଚାପି ରଖି ପୁଣି ସେ ପଚାରିଲେ, ତେବେ କ'ଣ ମାନବ ଜାତିର ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଆପଣ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଯିବେନାହିଁ?

ଏଥର ଈଶ୍ୱର ଗମ୍ଭୀର ହୋଇ କହିଲେ, ମୁଁ ମନୁଷ୍ୟଙ୍କ ପ୍ରତି ଆଦୌ ପ୍ରସନ୍ନ ନୁହେଁ। ମାନବତାକୁ ଯନ୍ତ୍ରଣା ଦେଉଥିବା ମାନବ ଆଜି ସବୁଠାରୁ ଊର୍ଦ୍ଧ୍ୱରେ। ଜାତି, ସମ୍ପ୍ରଦାୟ, ଧର୍ମ, ଅର୍ଥ ବିଷୟରେ କେହି ଶୁଣୁନାହାନ୍ତି। ସମସ୍ତେ ନିଜ ନିଜକୁ ବାରହାତ ବୋଲି ଭାବୁଛନ୍ତି। ମାନବ ଜାତି ପ୍ରକୃତିର ପାଞ୍ଚଟି ତତ୍ତ୍ୱ ପୃଥିବୀ, ଅଗ୍ନି, ବାୟୁ, ଜଳ, ଆକାଶ ସହିତ ସଠିକ୍ ସାମାଞ୍ଜସ୍ୟ ରଖିଥିଲେ ସନ୍ତୁଳିତ ରହିଥାନ୍ତେ। କିନ୍ତୁ ହାୟଃ ସେସବୁ ସହିତ ମାନବ ମନମାନି କରି ଅପଭ୍ରଂଶ କରିଛି। ତା ପରିବର୍ତ୍ତେ ପ୍ରକୃତି ଆଜି ପୁଣିଥରେ ପର୍ଯ୍ୟାବରଣକୁ ସନ୍ତୁଳନରେ ରଖିବା ପାଇଁ ପ୍ରୟାସ ଆରମ୍ଭ କରିଛି। ତଥାପି ମନୁଷ୍ୟ ବୁଝିପାରୁନାହିଁ। ନିଜର ଅସନ୍ତୁଳିତ ପ୍ରକୃତି ପାଇଁ ମହାମାରୀ ସମୟରେ ବି ଅନୁଶାସିତ ହୋଇ ରହିବାକୁ ଚାହୁଁନାହିଁ। ମୃତ୍ୟୁ ସେମାନଙ୍କ ସମ୍ମୁଖରେ ଛିଡା ହୋଇଛି ତଥାପି ଲାଭଖୋର ମାନବ ଲାଭାନ୍ୱିତ ହେବା ପାଇଁ ଛକାପଞ୍ଝାରେ ଧନ ସମ୍ପତ୍ତି ଠୁଳ କରିବାରେ ଲାଗିଛି। ସୁରକ୍ଷାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଅଯଥାରେ ହଇରାଣରେ ପକାଉଛି। ପ୍ରକୃତ କଥା ଏଇୟା ସେ ସେମାନଙ୍କ ମଧ୍ୟରୁ ଅନେକ ଲକଡାଉନ୍‌ର ଅବଧି ସମାପ୍ତ ହେବାକୁ ବ୍ୟଗ୍ରପରି ଚାହିଁଛନ୍ତି। ତଦ୍ୱାରା ପୂର୍ବ ଲିଙ୍କ ଅନୁସାରେ ଦୌଡିବା ଆରମ୍ଭ କରିଦେବେ। ଲକଡାଉନ୍ ଅନୁଶାସନର ଏକ ରୂପ। ମୋ ବିଚାରରେ ପରିବର୍ତ୍ତନକୁ ଏତେଗୁଡିଏ ଅଭିଯୋଗରେ ମ୍ରିୟମାଣ ହୋଇ ପତ୍ନୀ ପଚାରିଲେ, ଏତେସବୁ ପରେ ବି ଯଦି ମାନବ ଜାତି ପରିବର୍ତ୍ତନ ନହୁଅନ୍ତି?

ଶାନ୍ତଶିଷ୍ଟ ଭାବେ ଈଶ୍ୱର କହିଲେ, ପଥଭ୍ରଷ୍ଟ ମାନବ ଏଭଳି ପରିବର୍ତ୍ତନ ଚାହାନ୍ତିନାହିଁ। ସେମାନଙ୍କୁ ପରିବର୍ତ୍ତନ କରିବା ଲାଗି ନୂଆ ମହାଭାରତ ସୃଷ୍ଟି କରିବାକୁ ପଡିଥାଏ। ଯେଉଁ ମହାଭାରତରେ 'ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମୀ ଯୁଗେ ଯୁଗେ'ର ନିଷ୍ପତ୍ତି ନିଆ ହୋଇଥିଲା। ତେବେ ସେ ମହାଭାରତ ହେଉ କି ରାମାୟଣ ହେଉଁ ମୁଁ କିନ୍ତୁ ଆଉ ଭୂପୃଷ୍ଠକୁ ଯାଇ ପାରିବି ନାହିଁ। ସେଠାରେ ଏବେ ପରିସ୍ଥିତି ବହୁତ ଖରାପ। କରୋନା ମହାମାରୀ କାହାରିକୁ ଛାଡୁନାହିଁ। ମନ୍ଦିର, ମସଜିଦ, ଗୁରୁଦ୍ୱାର, ଚର୍ଚ୍ଚ ସବୁ ବନ୍ଦ ପଡିଛି। ସେଠି ଯାହା ହେଉଛି ହେଉଥାଉ। ଏବେ ମାନବ ଜାତିକୁ ଉଚିତ ଶିକ୍ଷା ଦେବା ପାଇଁ ନିଜେ ନିଜକୁ ଅନୁଶାସିତ ହୋଇ ରହିବା ଜରୁରୀ ହୋଇପଡିଛି।

ଯିଏ ଜଗତ କର୍ତ୍ତା, ଯାହାଙ୍କ ଚୁଟକିରେ ସବୁ ନିୟନ୍ତ୍ରଣ ହୋଇଯାଏ, ଯାହାଙ୍କର ପଲକ ଖୋଲିବା ମାତ୍ରେ ସବୁ ସମାଧାନ ହୋଇଯାଏ ସେ ଯେତେବେଳେ ମନୁଷ୍ୟର ସହାୟତା କରିବାକୁ ମନା କରୁଛନ୍ତି ସେଠି ଆଉ କିଏବା ଛାର। ସତରେ ଆଜି ମନୁଷ୍ୟ ଜାତି କଣ ଏତେ କୃତଘ୍ନ ହୋଇଯାଇଛି ଯାହାଫଳରେ ସ୍ୱୟଂ ଈଶ୍ୱର ବି ସହାୟତା କରିବାକୁ ଆସୁନାହାନ୍ତି?

*ବିସି-୭୪, ସଲଟ ଲେକ,*
*କୋଲକାତା-୪*
*ଦୂରଭାଷ : ୯୬୮୧୩୭୩୫୧୨*



# ସହାୟତାରୁ ବଞ୍ଚିତ ଦିବ୍ୟାଙ୍ଗ





ଉଦଳା, (ନିରୁପମା ରଣା) : ସରକାରଙ୍କର ଯୋଜନା ଅନେକ ହେଲେ ଏ ଯୋଜନା କେତେ ଫଳପ୍ରଦ ତାହା ଏହି ଚିତ୍ରକୁ ଦେଖିଲେ ସ୍ପଷ୍ଟ ବାରିହେବ। ଦିବ୍ୟାଙ୍ଗ ପ୍ରମାଣପତ୍ର ଥାଇ ମଧ୍ୟ ମିଳିପାରୁନି ସରକାରୀ ଭତ୍ତା।। କେବଳ ଭଗବାନଙ୍କୁ ଭରସା କରି ଏହି ଦୁଇ ଦିବ୍ୟାଙ୍ଗଙ୍କ କଟୁଛି ଜୀବନ। ମନରେ ଥିଲା କେତେ ସ୍ୱପ୍ନ ଆଉ ଆଶା। ପୁଅ ବଡ ହେବ, ରୋଜଗାର କରିବ ଓ ବାପା ମା'ଙ୍କର ଦେଖାଶୁଣା କରିବ। ହେଲେ ସେ ସ୍ୱପ୍ନ ଆଉ ଆଶା ଦ୍ରୌପଦୀଙ୍କ ପାଇଁ ଅସୁମାରୀ ହୋଇ ରହିଗଲା। କାହିଁକି ନା ଦ୍ରୌପଦୀଙ୍କ ପୁଅ ବୋହୂ ଦୀର୍ଘଦିନରୁ ଘର ଛାଡି ଚାଲିଯାଇଥିବା ବେଳେ ଦିବ୍ୟାଙ୍ଗ ନାତିକୁ ନେଇ ଜୀଉଛନ୍ତି ଦ୍ରୌପଦୀ। ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକର ଏ ହେଉଛି ବାଉଁପାଳ ଗ୍ରାମ। ଏହି ଗ୍ରାମରେ ବସନ୍ତ ମଲ୍ଲିକଙ୍କ ପରିବାର। ବସନ୍ତଙ୍କ ଏକମାତ୍ର ଦିବ୍ୟାଙ୍ଗ ପୁଅ ସାଗର ମଳିକ। ପୁଅ ଜନ୍ମ ପରେ ବାପା ମା' ବାହାରକୁ କାମ କରିବାକୁ ଯାଇ ଆଉ ଫେରିନଥିଲେ। ଇତିମଧ୍ୟରେ ସାଗର ୯ ବର୍ଷ ହୋଇଯାଇଥିଲେ ମଧ୍ୟ ଆଉ ଘରକୁ ଫେରି ନଥିଲେ ବାପା ମା'। ଜେମା ଦ୍ରୌପଦୀ ମଲ୍ଲିକ ଏହି ଦିବ୍ୟାଙ୍ଗ ନାତି ସାଗରର ସମସ୍ତ କଥା ବୁଝାବୁଝି କରିଥାନ୍ତି। ହେଲେ ଜେଜେ ମା ଦ୍ରୌପଦୀ ବି ଜଣେ ଦିବ୍ୟାଙ୍ଗ। ହେଲେ ଦ୍ରୌପଦୀ ଏବେ ନିରୁପାୟ। କାହିଁକି ନା ଦ୍ରୌପଦୀ ଏକ ହୋଟେଲରେ ବାସନ ମାଜିଲେ ପରିବାର ଚଳେ। ପୁଣି ତା ସାଙ୍ଗକୁ ଦିବ୍ୟାଙ୍ଗ ନାତିର ଦାୟିତ୍ୱ ବୁଝିଥାନ୍ତି ଦ୍ରୌପଦୀ। ସାଗର ୨୦୧୮ରୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଭତ୍ତା ଓ ରାସନ ପାଉନଥିବା ଜେଜେମା ଦ୍ରୌପଦୀ ଅଭିଯୋଗ କରିଛନ୍ତି।

କେବଳ ଦ୍ରୌପଦୀ ନୁହନ୍ତି ଏହିପରି ଏନ୍‌ଏସିର ସୁରେନ ଚୌଧୁରୀଙ୍କର ଅବସ୍ଥା ମଧ୍ୟ କହିଲେ ନସରେ। ସୁରେନଙ୍କର ଏକମାତ୍ର ପୁଅ ଆଶୁତୋଷ ଦିବ୍ୟାଙ୍ଗ। ସୁରେନଙ୍କର ପରିବାର ବେଶ ହସ ଖୁସିରେ ଚାଲିଥିଲା, ହେଲେ ପୁଅ ଜନ୍ମର ପାଞ୍ଚବର୍ଷ ପରେ ପରିବାର ପାଇଁ ଛାଇଗଲା କଳା ବାଦଲ। କାହିଁକି ନା ଆଶୁତୋଷ ଅଜା ରୋଗରେ ପୀଡିତ ହେବା ପରେ ଚିକିତ୍ସା ପାଇଁ ଅନେକ ଡାକ୍ତରଖାନାକୁ ଯାଇଥିଲେ ମଧ୍ୟ ଆଉ ଭଲ ହୋଇପାରି ନଥିଲେ। ସୁରେନ ଘରପାଖରେ ଏକ ଛୋଟ ତେଲ ଭାଜି ଦୋକାନ କରି କଷ୍ଟେମଷ୍ଟେ ପରିବାର ସିନା ପ୍ରତିପୋଷଣ କରୁଛନ୍ତି ହେଲେ ଅର୍ଥ ଅଭାବ ପାଇଁ ପୁଅର ଆଉ ଚିକିତ୍ସା କରିପାରୁନାହାନ୍ତି। ସୁରେନ ଜଣେ ଭୂମିହୀନ ହୋଇଥିବା ବେଳେ, ପୁଅର ଚିକିତ୍ସା ଓ ଭତ୍ତା ପାଇଁ ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି। ସତରେ ସରକାର ସିନା ଯୋଜନା ପରେ ଯୋଜନା କରୁଛନ୍ତି ହେଲେ ଏହି ଲୋକଙ୍କ ପାଖରେ କେତେ ପହଞ୍ଚି ପାରୁଛି ତାହା ଏହି ଦୁଇ ଦିବ୍ୟାଙ୍ଗଙ୍କୁ ଦେଖିଲେ ସ୍ପଷ୍ଟ ବାରିହୋଇପଡୁଛି। ଜଣେ ଦିବ୍ୟାଙ୍ଗ ଭୂଇଁରେ ଲୋଟୁଥିବା ବେଳେ ଆଉ ଜଣେ ଦିବ୍ୟାଙ୍ଗ ବାପା ମା' ସାହାରା ନେଇ ବଞ୍ଚି ରହିଛି। ତେବେ ଏ ସମ୍ପର୍କରେ ଉଦଳା ବ୍ଲକର ବିଡିଓଙ୍କ ପ୍ରତିକ୍ରିୟା ମିଳିପାରି ନଥିବା ବେଳେ ଆମେ ସାଗରଙ୍କ ସମସ୍ୟା ସମ୍ପର୍କରେ ଭୀମତାଳି ପଞ୍ଚାୟତ ସରପଞ୍ଚ ପାର୍ବତୀ ସିଂଙ୍କୁ ଭେଟିଥିବା ବେଳେ ଏ ସମ୍ପର୍କରେ ବିଡିଓଙ୍କୁ ଲିଖିତ ଜଣାଇବା ସହ ତଦନ୍ତ କରି ଖୁବ୍‌ଶୀଘ୍ର ଭତ୍ତା ଓ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପରୀ ନିଆଁରେ ...

ଦାବି କରୁଛି ବୋଲି ନିରଞ୍ଜନ କହିବା ସହିତ ବିଜେପି ଅଯଥା ରାଜନୀତି କରୁଛି ବୋଲି ବି କହିଛନ୍ତି। କଂଗ୍ରେସ ପ୍ରଭାରୀ ଚେଲ୍ଲା କୁମାର ଘଟଣା ଦିନର ସାଟେଲାଇଟ୍ ଚିତ୍ର ସଂଗ୍ରହ କରି ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି। ପରୀ ହତ୍ୟାକାରୀକୁ ଫାଶୀ ଦିଆଯିବ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି କଂଗ୍ରେସର ଓଡ଼ିଶା ପ୍ରଭାରୀ ଚେଲ୍ଲା କୁମାର ଗଣମାଧ୍ୟମକୁ କହିଥିବା ବେଳେ ଅନ୍ୟ ବରିଷ୍ଠ କଂଗ୍ରେସ ନେତାମାନେ ପରୀ ପାଇଁ ଲଢ଼େଇ ଜାରି ରହିବ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ସମାନ ସମୟରେ ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ବିଜେପି ନେତା ଲେଖାଶ୍ରୀ ସାମନ୍ତସିଂହାର ଓ ସ୍ଥାନୀୟ ନେତା ପରୀ ବାପା-ମା'ଙ୍କୁ ଭେଟି ଆଲୋଚନା କରିଥିଲେ। ପରୀ ମା' ସୌଦାମିନୀ ସାହୁ ତଦନ୍ତ ପ୍ରକ୍ରିୟାରେ ପୋଲିସର ନିଷ୍କ୍ରିୟତା ଏବଂ ସେମାନଙ୍କୁ ଦୁର୍ବ୍ୟବହାର କରାଯାଇଥିବା ସମ୍ପର୍କରେ କହିଥିଲେ। ସମ୍ବିତ ଯଦୁପୁରରେ ପହଞ୍ଚିବା ବେଳେ ତାଙ୍କ ସହିତ ଥିଲେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ବିଜେପି ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବରୁ ଭାଜପା ପ୍ରାର୍ଥୀ ଇରାନୀ ରାୟ ଓ ଲାଲା ମନୋଜ ରାୟ। ସେମାନେ ପରୀର ଗଳିତ ଶବ ଯେଉଁଠାରେ ମିଳିଥିଲା ସେ ଜାଗାକୁ ଯାଇ ଫେରିବା ପରେ ସମ୍ବିତ କହିଥିଲେ ଯେ, ପରୀକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ। ପରୀ ହତ୍ୟା ଘଟଣାକୁ ରାଜନୀତି ଦୃଷ୍ଟିରୁ ନ ଦେଖି ଏକ କନ୍ୟା ଶିଶୁର ଦୁଃଖଦ ହତ୍ୟା ବୋଲି ସମସ୍ତେ ଦେଖିବା ଉଚିତ୍। ତେବେ ସ୍ଥାନୀୟ ଲୋକଙ୍କ କହିବା କଥା ହେଉଛି ଅରୁଣ ସାହୁ ମନ୍ତ୍ରୀ ଥିବା ପର୍ଯ୍ୟନ୍ତ ପରୀ ହତ୍ୟା ଘଟଣାର ତଦନ୍ତ କେବେ ନିରପେକ୍ଷ ହୋଇପାରିବ ନାହିଁ। ତେବେ କଂଗ୍ରେସ ଓ ବିଜେପି ଯଦି ପ୍ରକୃତରେ ପରୀକୁ ନ୍ୟାୟ ଦେବାକୁ ଚାହୁଁଛନ୍ତି ତେବେ ଘଟଣାର ସତ୍ୟ ଉଦ୍ଘାଟନ ପାଇଁ ପ୍ରକୃତ ଆନ୍ତରିକତା ଦେଖାନ୍ତୁ ବୋଲି ରାଜ୍ୟବାସୀ ଚାହାଁନ୍ତି। ପରୀକୁ ନେଇ ରାଜନୀତି କରିବା ଅପେକ୍ଷା କୁନି ଝିଅଟିର ପରିବାରକୁ କିଭଳି ନ୍ୟାୟ ମିଳିପାରିବ ତାହା ହେଉଛି ମୁଖ୍ୟ ପ୍ରସଙ୍ଗ। ତେବେ ପରୀ ହତ୍ୟା ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ତଦନ୍ତକୁ ଜୋରଦାର କରିଛି। ଏହି ଘଟଣାରେ ସନ୍ଦେହଘେରରେ ଥିବା ପରୀ ଗାଁର ବାସିନ୍ଦା ତଥା ବିଜେଡି ନେତା ବାବୁଲି ନାୟକଙ୍କ ତିନି ମହଲା କୋଠାକୁ ଯାଞ୍ଚ କରିଛି। ଯାଞ୍ଚ ସମୟରେ ଏସ୍ଆଇଟି ମୁଖ୍ୟ ଅରୁଣ ବୋଥ୍ରା ଉପସ୍ଥିତ ରହିଥିଲେ। ଶ୍ରୀ ବୋଥ୍ରା ବାବୁଲି ଓ ତାଙ୍କ ପୁଅକୁ ଜେରା କରିଛନ୍ତି। ପରୀ ହତ୍ୟା ମାମଲା ସମ୍ପର୍କିତ ପ୍ରଶ୍ନ ସହ ଅନ୍ୟାନ୍ୟ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ବାବୁଲିଙ୍କୁ ଜେରା ପରେ ତାଙ୍କ ଡ୍ରାଇଭର ବିଜୟ ବେହେରାଙ୍କୁ ଏସ୍ଆଇଟି ଉଠାଇ ନେଇଛି।

### ଚିନ୍ତାରେ ବିଜେପି...

ତାଳମେଳ ଅଭାବରୁ ପରାଜୟ ବରଣ କରିବାକୁ ପଡିଲା। ଠିକ ସେହିପରି ଆଉ ଏକ ଘଟଣା ଘଟିଲା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳିରେ। ବିଜେପି ତାର କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଆଣି ବିଭିନ୍ନ ସ୍ଥାନ ମାନଙ୍କରେ ପ୍ରଚାର କରିଥିଲେ ବି ଦୁ ନେତାଙ୍କୁ କର୍ମୀ ମାନେ ହେଉ ବା ଦର୍ଶକ ମାନେ ଏକ ସଭାରେ ଦେଖିବାକୁ ପାଇ ନଥିଲେ। ଏହାର ଠିକ ନିର୍ବାଚନ ହାଇଡ୍ରାମା ବି ପିପିଲି ନିର୍ବାଚନ ମଣ୍ଡଳିରେ ଦେଖିବାକୁ ମିଳିପାରେ। ବିଜେପି ଦଳର ଏକ ନିର୍ଭର ଯୋଗ୍ୟ ସୁତ୍ରରୁ ଖବର ପ୍ରକାଶ ପାଉଛି ଯେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଓ ଭୁବେନଶ୍ୱର ସାଂସଦ ଶ୍ରୀମତୀ ଷଡଙ୍ଗୀ ଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳ ତୀବ୍ର ହେବାରେ ଲାଗିଛି। ବିଜେପି ଦଳ ରାଜ୍ୟରେ ଆଗାମୀ ନିର୍ବାଚନ ବେଳକୁ ମୁଖ୍ୟମନ୍ତ୍ରୀ ପଦବୀଟି କାହା ହାତକୁ ଯିବ ବୋଲି ଘୋଷଣା କରିବା ପାଇଁ ଅଣ୍ଟା ଭିଡୁଥିବା ବେଳେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଏଥିରେ ସମ୍ମତି ପ୍ରକାଶ କରୁନାହାନ୍ତି। ବିଜେପିର କେନ୍ଦ୍ର ପ୍ରଭାରୀ ମାନେ ଆଗାମୀ ୨୦୨୪ ଓଡିଶା ନିର୍ବାଚନ ବେଳକୁ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଷଡଙ୍ଗୀଙ୍କ ମୁଣ୍ଡ ଉପରେ ସୁନା କଳସ ଢାଳିବାର ପ୍ରଚେଷ୍ଟାରେ ଥିବା ବେଳେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଏକ ପ୍ରକାର ମାନସ ମନ୍ଥନ କରିବେ କଣ ନିରାଶ ହୋଇ ପଡିଲେଣି। କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ନିଜ ଜିଲ୍ଲାରେ ପାଞ୍ଚଗୋଟି ବିଧାନସଭା କ୍ଷେତ୍ରକୁ ବିଜେଡି ହାତକୁ ଟେକି ଦେଇଥିବା ବେଳେ ଗୋଟିଏ ମାତ୍ର ଆସନ ରେ ପଦ୍ମ ଫୁଟିଥିଲା। ସେଥିପାଇଁ ବର୍ତ୍ତମାନ ରାଜ୍ୟ ବିଜେପି ଏକ ବିଷମ ପରିସ୍ଥିତିରେ ପଡି ଦଳ ସଜାଡି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କାହାକୁ ଘୋଷଣା କାରାଯିବ ନେଇ ଦ୍ୱନ୍ଦରେ ଥିବା ବେଳେ ପିପିଲି ଉପ ନିର୍ବାଚନ ଦଳ ପାଇଁ ମହଙ୍ଗା ପଡିଯିବାର ସମ୍ଭାବନା ସୃଷ୍ଟି ହେଲାଣି। ଅନ୍ୟ ପକ୍ଷରେ ସ୍ୱର୍ଗତ ମହାରଥୀ ପିପିଲିରେ ତାଙ୍କ ସଙ୍ଗଠନ କୁ ଏପରି ମଜଭୁତ କରି ରଖିଥିଲେ ଯେ ଏହାଭିତରେ ବିଜେପି ହେଉ ବା କଂଗ୍ରେସ ପଶିବା ସହଜ ହେବ ନାହିଁ। ଦୁଇ ଦଳ ଗୋଟି ଚାଳନ କରିବାରେ ଲାଗିରହିଲେବି ପିପିଲି ଉପ ନିର୍ବାଚନଟି ବିଜେଡି ପୁଣି ବାଜି ମାରି ନେବ ବୋଲି ରାଜନୈତିକ ପର୍ଯ୍ୟବକ୍ଷକଙ୍କ ମହଲରେ ଆଲୋଚନା ଆରମ୍ଭ ହେଲାଣି।

### ଆକାଶ ଜାଲିଆତି ...

ଗୋଟି ଗୋଟି କରି କହିଛନ୍ତି ଡେଭିଡ୍। ଆକାଶଙ୍କ ସମ୍ପତ୍ତି ଓ ଜାଲିଆତି ସମ୍ପର୍କରେ ଜାଣିବା ଲାଗି ଭିଜିଲାନ୍ସର ଏସ୍ଆଇଟି ତାଙ୍କ ବ୍ୟକ୍ତିଗତ ସହାୟକ ଡେଭିଡ୍‌ଙ୍କୁ ନୋଟିସ ଜାରି କରିଥିଲା। ନୋଟିସ ପାଇବା ପରେ ଶନିବାର ସେ ଭୁବନେଶ୍ୱର ଆସିଥିଲେ। ପରେ ତାଙ୍କୁ ଭିଜିଲାନ୍ସ ଏକ ଅଜ୍ଞାତ ସ୍ଥାନକୁ ନେଇ ପଚରାଉଚରା କରିଛି। ଡେଭିଡ୍‌ଙ୍କୁ ଜେରା କରିବା ଦ୍ୱାରା ଆକାଶଙ୍କ ସମ୍ପର୍କରେ ଅଧିକ ତଥ୍ୟ ମିଳିବ। ଏପରିକି ଆକାଶଙ୍କ କଳାସାମ୍ରାଜ୍ୟର ପେଡ଼ି ଖୋଲିବ ବୋଲି ଭିଜିଲାନ୍ସ ଆଶାରଖିଛି। ରିମାଣ୍ଡରେ ଥିବା ପାଠକ ବାପ-ପୁଅଙ୍କ ବୟାନ ଓ ଡେଭିଡ ଠାରୁ ମିଳିଥିବା ତଥ୍ୟକୁ ଆଧାର କରି ଏସ୍ଆଇଟି ରାଜ୍ୟ ବାହାରେ ଚଢ଼ଉ ଆରମ୍ଭ କରିଛି। ବିହାର ପାଟଣାରେ ଥିବା ଆକାଶଙ୍କ ଭଉଣୀ-ଭିଣୋଇଙ୍କ ଘରେ ଯାଞ୍ଚ କରିଛି। ଚଢ଼ଉ ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଉକ୍ତ ତଥ୍ୟକୁ ଆଧାର କରି ତଦନ୍ତକୁ ତ୍ୱରାନ୍ୱିତ କରାଯାଉଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏଥିସହିତ ରାଜ୍ୟ ବାହାରେ ଥିବା ପାଠକଙ୍କ ସମ୍ପର୍କୀୟଙ୍କ ଘରେ ଚଢ଼ଉ କରାଯିବ ବୋଲି ଜଣାପଡ଼ିଛି। ଚଢ଼ଉ ଓ ଯାଞ୍ଚ ଯେତେ ହେବ, ପାଠକଙ୍କ ଅମାପ ସମ୍ପତ୍ତିର ତାଲିକା ସେତେ ଲମ୍ବିବ ବୋଲି ଭିଜିଲାନ୍ସର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅପରପକ୍ଷରେ ରିମାଣ୍ଡ ଅବଧି ସରିବା ପରେ ଶନିବାର ଅଭୟକାନ୍ତ ଓ ଆକାଶ ପାଠକଙ୍କୁ କୋର୍ଟରେ ହାଜର କରାଯାଇଥିଲା। ବାପ-ପୁଅଙ୍କୁ ଅଲଗା ଅଲଗା ଗାଡ଼ିରେ କଟକ ଭିଜିଲାନ୍ସ ମୁଖ୍ୟାଳୟରୁ ଭୁବନେଶ୍ୱର କୋର୍ଟକୁ ଅଣାଯାଇଥିଲା। କୋର୍ଟରେ ହାଜର ପରେ ସେମାନଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ୩ଦିନିଆ ରିମାଣ୍ଡରେ ଥିବା ବେଳେ ବାପ-ପୁଅଙ୍କ ଠାରୁ ଭିଜିଲାନ୍ସ ଆବଶ୍ୟକୀୟ ସମସ୍ତ ତଥ୍ୟ ସଂଗ୍ରହ କରିଛି। ଜେରା ବେଳେ ସେମାନେ ସବୁ ସତ ମାନିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଉଛି। ତେବେ କୋର୍ଟକୁ ଆସିଥିବା ବେଳେ ଅଭୟକାନ୍ତ ପାଠକ ଗଣମାଧ୍ୟମକୁ କହିଛନ୍ତି, ଆମ ବିରୋଧରେ ଷଡ଼ଯନ୍ତ୍ର କରାଯାଇଛି। ମୋ' ପୁଅ ଏବେ ବି ଟାଟାରେ ଚାକିରୀ କରୁଛି। ମୁଁ ସମସ୍ତଙ୍କୁ ସବୁ ପ୍ରମାଣ ଦେବି। ସେହିପରି ଆକାଶ କହିଛନ୍ତି, ମୁଁ ଟାଟାରେ ଚାକିରୀ କରୁଥିଲି। ହେଲେ ଟାଟା ଏବେ ସପୋର୍ଟ କରୁନାହିଁ। ମୋ ବିରୋଧରେ ଷଡ଼ଯନ୍ତ୍ର କରାଯାଇଛି। ବାହାରକୁ ଆସିବା ପରେ ସମସ୍ତ ତଥ୍ୟ ଗଣମାଧ୍ୟମକୁ ଦେବି। ଏହାର ପ୍ରତିକ୍ରିୟାରେ ଭିଜିଲାନ୍ସ ଡିଏସ୍‌ପି ହରିଶଙ୍କର ପତି କହିଛନ୍ତି, ଆକାଶ ପାଠକ ଟାଟାରେ ଚାକିରି କରୁନି। ସବୁ ଫେକ୍। ତାଙ୍କୁ ଆଉ ରିମାଣ୍ଡରେ ନେବାର ନାହିଁ। ଅନେକ ପ୍ରମାଣ ମିଳିସାରିଛି। ଓଡ଼ିଶା ବାହାରେ ବି ଟିମ୍ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ସ୍କାଏ କିଙ୍ଗ ଠକେଇ ମାମଲାରେ କମିଶନରେଟ ପୁଲିସ ଚିଠିର ଉତ୍ତର ଦେଇଛି ଟାଟା କମ୍ପାନୀ। ଟାଟା ପକ୍ଷରୁ କୁହାଯାଇଛି, ଆକାଶ ପାଠକ ଆମର କର୍ମଚାରୀ ନୁହଁନ୍ତି। ଟ୍ରାଭେଲ୍ ଏଜେନ୍ସି ସ୍କାଏକିଙ୍ଗ ସହ ଆମର କୌଣସି ବ୍ୟାବସାୟିକ ସମ୍ପର୍କ ନାହିଁ। ସ୍କାଏ କିଙ୍ଗ ସହିତ ଆମର କୌଣସି କାରବାର ହୋଇନାହିଁ। ସେ ଟାଟାର ଭେଣ୍ଡର ମଧ୍ୟ ନୁହେଁ। ସ୍କାଏ କିଙ୍ଗ୍ ଭାଉଚର ଉପରେ କେବେ ବି ଜିଏସ୍‌ଟି ଦାବି କରିନଥିଲୁ ବୋଲି ଟାଟା କହିଛି।

### ପ୍ରଥମେ ...

ଉପରେ ରହିଥିବା ସେ କହିଛନ୍ତି। ଏହି ପ୍ରସଙ୍ଗରେ ଲିଖିତ ଆକାରରେ ସୁଚିନ୍ତିତ ମତାମତ ଦେବାକୁ ମୋଦୀ ବୈଠକରେ ଉପସ୍ଥିତ ଅନ୍ୟ ଦଳର ନେତୃବର୍ଗଙ୍କୁ ନିବେଦନ କରିଛନ୍ତି। ମୋଦୀ ଇତିମଧ୍ୟରେ ଅହମ୍ମଦାବାଦ, ପୁଣେ ଓ ହାଇଦ୍ରାବାଦ ପରିଦର୍ଶନ କରି ସେଠାରେ ବିଭିନ୍ନ କମ୍ପାନୀ ଯଥା ଜାଇଡସ୍ ବାଓଟେକ୍, ସେରମ ଇନ୍‌ଷ୍ଟିଚ୍ୟୁଟ୍ ଓ ଭାରତ ବାୟୋଟେକ୍ ତରଫରୁ ଚାଲିଥିବା କୋଭିଡ୍ ଟିକାର ପ୍ରସ୍ତୁତି ପ୍ରକ୍ରିୟାକୁ ସମୀକ୍ଷା କରିସାରିଛନ୍ତି। ଆସନ୍ତା କେତେ ସପ୍ତାହ ମଧ୍ୟରେ କୋଭିଡ୍ ଟିକା ବଜାରରେ ଉପଲବ୍ଧ ହେବ ବୋଲି ମୋଦୀ ଉକ୍ତ ବୈଠକରେ କହିଛନ୍ତି। ମଡର୍ଣ୍ଣା ଓ ଫାଇଜର ଭଳି ବିଦେଶୀ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଟିକା ତୁଳନାରେ ଭାରତରେ ପ୍ରସ୍ତୁତ ହେଉଥିବା ଟିକା ଅଧିକ ଶସ୍ତା ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସଂପ୍ରତି ଫାଇଜର କମ୍ପାନୀ ଦ୍ୱାରା ପ୍ରସ୍ତୁତ କୋଭିଡ୍ ଟିକାକୁ ଆସନ୍ତା ସପ୍ତାହରୁ ବ୍ରିଟେନରେ ଯୁଦ୍ଧକାଳୀନ ଭିତ୍ତିରେ ବ୍ୟବହାର କରାଯିବ। ବର୍ତ୍ତମାନ ୮ଟି କୋଭିଡ୍ ଟିକାର ପ୍ରସ୍ତୁତି ବିଭିନ୍ନ ପର୍ଯ୍ୟାୟରେ ଉପନୀତ ହୋଇଥିବା ସେ କହିଛନ୍ତି। ଭାରତରେ କୋଭିଡ୍ ଟିକାର ପ୍ରସ୍ତୁତି ଓ ବଣ୍ଟନ ନିମନ୍ତେ ବ୍ୟାପକ ନେଟ୍‌ୱାର୍କ ପ୍ରସ୍ତୁତ କରାଯାଉଥିବା ସମ୍ପର୍କରେ ମୋଦୀ ସୂଚନା ଦେଇଛନ୍ତି। ପ୍ରଥମ ଦଫାରେ ୩ କୋଟି ଭାରତୀୟଙ୍କୁ ଟିକା ପ୍ରଦାନ କରାଯିବାକୁ ଯେଉଁ ଯୋଜନା ଚାଲିଛି, ତାହା ନିଶ୍ଚିତଭାବେ ସଫଳ ହେବ ବୋଲି ମୋଦୀ ଆଶାବ୍ୟକ୍ତ କରିଛନ୍ତି।

### ମାରାତ୍ମକ ...

ଟେଷ୍ଟିଂ ଲେବୋରେଟୋରୀରୁ ଦୈନିକ ୧୦୧ ଟନ ବାୟୋ ମେଡିକାଲ ବର୍ଜ୍ୟବସ୍ତୁ ବାହାରୁଛି। ଏଥିସହ ବିଭିନ୍ନ ଡାକ୍ତରଖାନାରୁ ପ୍ରତିଦିନ ବାହାରୁଥିବା ବର୍ଜ୍ୟବସ୍ତୁର ପରିମାଣ ହାରାହାରି ୬୦୯ ଟନ। ସ୍ୱତନ୍ତ୍ର କୋଭିଡ ହସ୍ପିଟାଲ, ଆଇସୋଲେସନ ୱାର୍ଡ, କ୍ୱାରେଣ୍ଟାଇନ ସେଣ୍ଟର, ହୋମ କ୍ୱାରେଣ୍ଟାଇନ, ସାମ୍ପୁଲ କଲେକ୍ସନ ସେଣ୍ଟର ଓ ଟେଷ୍ଟିଂ ଲାବୋରେଟୋରୀଗୁଡ଼ିକରୁ ବାହାରୁଥିବା ଏହି ବର୍ଜ୍ୟବସ୍ତୁକୁ ସଂକମଣ ନହେବା ପାଇଁ ନିସ୍କାସନ କରିବା ଦରକାର ବୋଲି ସତର୍କ କରି ଦିଆଯାଇଥିଲା। ଏନଜିଟିର ଅଧ୍ୟକ୍ଷ ଜଷ୍ଟିସ ଏ.କେ ଗୋଏଲ, ବିଚାର ବିଭାଗୀୟ ସଦସ୍ୟ ଜଷ୍ଟିସ ଏସ.ଟି ୱାଙ୍ଗଡି ଓ ବିଶେଷଜ୍ଞ ସଦସ୍ୟ ଡ. ନାଗିନ ନନ୍ଦାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏନେଇ ଗଭୀର ଉଦବେଗ ପ୍ରକାଶ କରଥିଲେ। ଖଣ୍ଡପୀଠ କହିଥିଲେ, ଆଗୁଆ ସତର୍କତା ଅବଲମ୍ବନ ନକଲେ ବାୟୋ ମେଡ଼ିକାଲ ବର୍ଜ୍ୟବସ୍ତୁ ଯୋଗୁଁ ଏଡସ୍, ହେପାଟାଇଟିସ, ଆନ୍ଥ୍ରାକ୍ସ, ଟାଇଫଏଡ, ଶ୍ୱାସନଳୀ ସଂକ୍ରମଣଠାରୁ ଆରମ୍ଭ କରି ବହୁ ରୋଗ ବ୍ୟାପିବାର ଆଶଙ୍କା ରହିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରି କୋଭିଡ ବର୍ଜ୍ୟବସ୍ତୁଗୁଡ଼ିକୁ ତୁରନ୍ତ ନଷ୍ଟ କରିଦେବା ଦରକାର। ସେସବୁକୁ ଗଭୀର ଗାତ ଖୋଳି ପ୍ରୋଟୋକଲ ଅନୁଯାୟୀ ନଷ୍ଟ କରିଦିଆଯିବା ଦରକାର। ନହେଲେ ଜଳ, ବାୟୁ ଓ ମୃତ୍ତିକା ପ୍ରଦୂଷଣ ସହ ଜୀବଜଗତ ଉପରେ ତାହାର ସିଧାସଳଖ କୁପ୍ରଭାବ ପଡ଼ିବ। ଏନଜିଟି ବହୁ ପୂର୍ବରୁ କରୋନା ମହାମାରୀ ତାଣ୍ଡବ ରଚିବ ବୋଲି ଆଶଙ୍କା କରିଥିଲେ ହେଁ ରାଜ୍ୟରେ କୌଣସି ଜିଲ୍ଲାପ୍ରଶାସନ ଓ କିଛି କୋଭିଡ ହସ୍ପିଟାଲ ଏଥିପ୍ରତି ଗୁରୁତ୍ୱ ଦେଲା ଭଳି ମନେ ହେଉନି। ଫଳରେ ଭବିଷ୍ୟତ ସ୍ଥିତି ସଙ୍ଗିନ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

### 'ଓଡ଼ିଶାବାସୀଙ୍କ ...

ବିଦେଶରେ ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି ଅଧିନରେ ଏହାକୁ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ କରିବା ଉଦ୍ୟମ ବାହାରେ କାମ କରୁଥିବା ଏହାର ପୁରାତନ ଛାତ୍ରମାନଙ୍କୁ ଏସ୍‌ସିବିରେ କାମ କରିବାକୁ ଉତ୍ସାହିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। ଏସ୍‌ସିବିର ଟ୍ରାନ୍ସଫରମେସିନରେ ପୁରାତନ ଛାତ୍ରମାନେ ହିଁ ଗୁଣାତ୍ମକ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିବା ସହ ଏହି ଦୁଇ ୱେବ୍‌ସାଇଟ୍ ଏସ୍‌ସିବିର ଭାବମୂର୍ତ୍ତି ଏବଂ ସେବା ପ୍ରଦାନର ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ଆଶା ପ୍ରକାଶ କରିଥିଲେ। ଝାରସୁଗୁଡାରୁ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଏସ୍‌ସିବି ମେଡିକାଲ କଲେଜର ଗୌରବମୟ ଇତିହାସ ଏକ ଉନ୍ନତି ଚିକିତ୍ସାସେବା ଉପରେ ଆଲୋକପାତ କରିଥିଲେ। ଏସ୍‌ସିବି ମେଡିକାଲ କଲେଜର ପ୍ରଥମ ବ୍ୟାଚ ଛାତ୍ର ତଥା ବିଶିଷ୍ଟ ଚକ୍ଷୁରୋଗ ବିଶେଷଜ୍ଞ ଡଃ ବିଶ୍ୱମ୍ଭର ରାଜଗୁରୁ ଏହି ଅବସରରେ ଏସ୍‌ସିବିରେ ତାଙ୍କର ଅଭିଜ୍ଞତା ବିଷୟରେ କହିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଏସସିବି ମେଡିକାଲ କଲେଜର ଡିନ୍ ତଥା ପ୍ରିନ୍ସପାଲ ଡଃ ଦଣ୍ଡେଶ୍ୱର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ୧୯୪୪ ମସିହାରେ ଆରମ୍ଭ ହୋଇଥିବା ଏସ୍‌ସିବି ମେଡିକାଲ କଲେଜ ଆଜି ୭୬ ବର୍ଷରେ ପହଞ୍ଚିଛି। ଉନ୍ନତ ସେବା ପାଇଁ ପୂର୍ବ ଭାରତରେ ଏହା ଲୋକପ୍ରିୟ ଚିକିତ୍ସା ଅନୁଷ୍ଠାନ। ପ୍ରତିଦିନ ଏଠାକୁ କୋଡି ହଜାର ଲୋକଙ୍କ ଚିକିତ୍ସା ପାଇଁ ଆସୁଥିବା ବେଳେ ଗତ ଦଶବର୍ଷ ମଧ୍ୟରେ ଏସ୍‌ସିବି ୧୭ ମିଲିୟନ ରୋଗୀଙ୍କୁ ଚିକିତ୍ସା କରିଛି। ରଥଯାତ୍ରା ପରେ ପୁରୀ ଫେରନ୍ତା ତୀର୍ଥଯାତ୍ରୀଙ୍କୁ ଚିକିତ୍ସା ସୁବିଧା ଯୋଗାଇବା ପାଇଁ ମହାନଦୀର ଜୋବ୍ରା ଇବରେ ଆରମ୍ଭ ହୋଇଥିବା ଚିକିତ୍ସା ଶିବିର ଆଜି ଏସ୍‌ସିବି ମେଡିକାଲ କଲେଜ ପରି ଏକ ମହାର୍ଘ ଅନୁଷ୍ଠାନରେ ପରିଣତ ହୋଇ ଲୋକଙ୍କୁ ସେବା ଯୋଗାଇ ଚାଲିଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର ବାଲକ୍ରିଷ୍ଣନ, ଉନ୍ନୟନ କମିଶନର ସୁରେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ।

# ଯୋଗଣ ବିଭାଗ ତରଫରୁ ଆଳୁ ଓ ପିଆଜ ନିର୍ଦ୍ଧାରିତ ଦରରେ ବିକ୍ରୟ ପାଇଁ ଯାଞ୍ଚ



**ଖୋର୍ଦ୍ଧା :** ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀମାନେ ଜିଲ୍ଲାର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ଯା□ କରିଛନ୍ତି। ଯୋଗାଣ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢାଉ କରାଯାଇଥିଲା। ଆଳୁ ଏବଂ ପିଆଜ ପ୍ରଭୃତି ଅତ୍ୟାବଶ୍ୟକୀୟ ଦ୍ରବ୍ୟ ବଜାରରେ ଉପଲବ୍ଧ କରାଇବା ଏବଂ ଖାଉଟି ମାନଙ୍କୁ ସୁଲଭ ମୁଲ୍ୟରେ ବିକ୍ରୀ କରିବା ନିମନ୍ତେ ଯୋଗାଣ ଅଧିକାରୀମାନେ ଜିଲ୍ଲାର ବିଭିନ୍ନ ବ୍ୟବସାୟ କେନ୍ଦ୍ରରେ କଡ଼ାକଡ଼ି ଯା□ କରିଥିଲେ। ବାଲକାଟି, ବନମାଳିପୁର, ଜଟଣୀ, ଖୋର୍ଦ୍ଧା, ଟାଙ୍ଗୀ, ବାଲୁଗାଁ, ବାଣପୁର ଏବଂ ଭୁବନେଶ୍ୱର ବଜାରରେ ବିଭିନ୍ନ ବିପଣନ କେନ୍ଦ୍ରରେ ବିକ୍ରେତାମାନଙ୍କୁ ଆଳୁ ଏବଂ ପିଆଜ ପ୍ରଭୃତି ଅତ୍ୟାବଶ୍ୟକୀୟ ସାମଗ୍ରୀରେ ଅଧିକ ଲାଭ ନ ରଖି ଖାଉଟିମାନଙ୍କୁ ନିର୍ଦ୍ଧାରିତ ଦରରେ ବିକ୍ରୟ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଦୋକାନ ସମ୍ମୁଖରେ ଦର ତାଲିକା ପ୍ରଦର୍ଶନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ବଜାରରେ ଆଳୁ କି.ଗ୍ରା. ପ୍ରତି ୩୮ ଟଙ୍କାରୁ ୪୦ଟଙ୍କା ଏବଂ ପିଆଜ କି.ଗ୍ରା ପ୍ରତି ୪୫ ଟଙ୍କାରୁ ୫୦ ଟଙ୍କା ଦରରେ ବିକ୍ରି କରାଯାଉଥିବା ଜଣାପଡ଼ିଥିଲା। ଆଳୁ ଓ ପିଆଜର ପାଇକାରି ମୁଲ୍ୟ ଓ ଖୁଚୁରା ମୁଲ୍ୟରେ ଅଳ୍ପ ତାରତମ୍ୟ ରଖିବାକୁ ଯୋଗାଣ ବିଭାଗ ଅଧିକାରୀ କରିଥିଲେ। ଲୋକମାନେ ଯେପରି ନିୟନ୍ତ୍ରିତ ଦରରେ ଓ ସୁବିଧାରେ ଆଳୁ ପିଆଜ ପାଇବେ ଏବଂ ବ୍ୟବସାୟୀମାନେ ଏଥିରେ ସହଯୋଗ କରିବା ପାଇଁ ଖୋରଧା ଜିଲ୍ଲା ଯୋଗାଣ ଅଧିକାରୀ ଜଣାଇଛନ୍ତି।

# ଆଇଏନଏସ୍ ଚିଲିକାରେ ନୌସେନା ଦିବସ ପାଳିତ



**ଖୋର୍ଦ୍ଧା :** ଆଇ.ଏନ.ଏସ. ଚିଲିକାରେ ନୌସେନା ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷ ନୌସେନା ଦିବସର ବିଷୟବସ୍ତୁ ରହିଛି ଯୁଦ୍ଧ ପ୍ରସ୍ତୁତ ଭାରତୀୟ ନୌସେନା ବିଶ୍ୱସନୀୟ ଏବଂ ସମନ୍ୱୟ। ଚଳିତ ବର୍ଷ ମଧ୍ୟ ପାକିସ୍ଥାନ ବିରୋଧରେ ୧୯୭୧ ମସିହାରେ ଭାରତର ଗୌରବମୟ ବିଜୟର ୫୦ତମ ବାର୍ଷିକୀ। ତେଣୁ ଚଳିତ ବର୍ଷକୁ ମଧ୍ୟ ସ୍ୱର୍ଣ୍ଣିମ ବିଜୟ ଦିବସ ଭାବରେ ସାରା ଦେଶରେ ପାଳନ କରାଯାଉଛି। ନୌସେନା ଦିବସ ଅବସରରେ ଆଇ.ଏନ.ଏସ୍ ଚିଲିକାର କମାଣ୍ଡିଂ ଅଧିକାରୀ କମୋଡ଼ୋର ରତୁରାଜ ସାହୁ ନୌସେନା କେନ୍ଦ୍ର ପରିସରରେ ଥିବା ଯୁଦ୍ଧ ସ୍ମାରକୀ ପ୍ରେରଣାସ୍ଥଳରେ ଦେଶ ମାତୃକାର ସମ୍ମାନ ପାଇଁ ପ୍ରାଣ ବଳି ଦେଇଥିବା ସହିଦ ନୌସେନିକ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କରୋନା ମହାମାରୀ ଏବଂ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନୌସେନା ଅଧିକାରୀ ଓ କର୍ମଚାରୀ ସ୍ଥାନୀୟ ଅ□ଳର ଜନସାଧାରଣଙ୍କୁ ଭାତୃଭାବ ସହ ନିସ୍ୱାର୍ଥପର ସହାୟତା ଯୋଗାଇ ଦେଇଥିବାରୁ ସେମାନଙ୍କୁ କୃତଜ୍ଞତା ଜଣାଇ ଦେଇଥିଲେ। ଏହି ଅବସରରେ କେନ୍ଦ୍ର ପରିସରରେ ଏକ ଦେଶାତ୍ମକ ବୋଧକ ସାମରିକ ସଂଗୀତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ନୌସେନା ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ୧୯୭୧ ଭାରତ ପାକିସ୍ଥାନ ଯୁଦ୍ଧରେ ନୌସେନାର ରଣନୀତି ସମ୍ପର୍କରେ ଉପସ୍ଥାପନା ଭି□କ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରବ□ୀ ପିଢିକି ନୌସେନା ପ୍ରତି ଆକୃଷ୍ଟ କରିବା ପାଇଁ କେନ୍ଦ୍ର ପରିସରରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ପାଇଁ ଏକ ୱେବନର କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ଛୋଟ ଛୋଟ ଶିଶୁଙ୍କ ମଧ୍ୟରେ ପାଣି ଜାହାଜ ପ୍ରତିକୃତି ନିର୍ମାଣ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଚିକିତ୍ସାରେ ଅର୍ଥ ବାଧକ; ନିବେଦିତାକୁ ସରକାରୀ ସହାୟତା



**ଉଦଳା :** ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। କାମ କଲେ ଚୁଲି ଜଳେ। ଅର୍ଥ ଅଭାବ ଯୋଗୁ ୧୧ ବର୍ଷର ଝିଅକୁ ଚିକିତ୍ସା କରିପାରୁ ନାହାନ୍ତି ପରିବାର ଲୋକ। ନା ଚାଲି ପାରୁଛି ନା କଥା କହିପାରୁଛି। ତେବେ ପରିବାର ଝିଅର ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ଉଦଳା ୩ ନମ୍ବର ୱାର୍ଡ ନାଗପାଳ ଗ୍ରାମର ଏ ହେଉଛନ୍ତି ସଞ୍ଜୟ ନାୟକ। ସଞ୍ଜୟଙ୍କ ପରିବାର ବେଶ ଖୁସିରେ ଥିଲେ। ସଞ୍ଜୟଙ୍କ ଝିଅ ନିବେଦିତା ଏବେ ଅଜଣା ରୋଗରେ ୬ ବର୍ଷ ଧରି ବିଛଣାରେ ପଡି ରହିଛନ୍ତି। ନା କଥା ହୋଇପାରୁଛନ୍ତି ନା ଚାଲି ପାରୁଛନ୍ତି। ଝିଅର ଚିକତ୍ସା ପାଇଁ ପରିବାର ଲୋକ ବାରିପଦା ଓ କଟକ ଡାକ୍ତରଖାନାରେ ଦେଖାଇଥିଲେ ମଧ୍ୟ ଭଲ ହୋଇପାରିନାହିଁ। ଯାହାଦ୍ୱାରା କି ପରିବାର ଲୋକ ବଢ଼ିଲା ଝିଅକୁ କେମିତି ଚିକିତ୍ସା କରି ଭଲ କରିବେ ତାହା ଏବେ ଚିନ୍ତାରେ। ଝିଅ ନିବେଦିତାର ଚିକିତ୍ସା ପାଇଁ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି ମା' ସଂଧ୍ୟା। ମନରେ ଦୁଃଖ ଓ ଆଖିରେ ଲୁହ ଭରି କହୁଛନ୍ତି ମୋ ଝିଅକୁ ଭଲ କରିଦିଅ। କାହିଁକି ନା ଆଜି ପର୍ଯ୍ୟନ୍ତ ଝିଅ ପାଟିରୁ ମା' ବୋଲି ଡାକିନାହିଁ ସଂଧ୍ୟାକୁ। ନିବେଦିତା ଜନ୍ମର ପାଞ୍ଚବର୍ଷ ସବୁ ଠିକଠାକ ଥିଲା, ହେଲେ ତା'ପରେ ଆଉ ଚାଲି ପାରିଲା ନାହିଁ କି କଥା ବି କହିପାରିଲାନାହିଁ। ବାପା ଦିନ ମଜୁରିଆ। ଯାହା କିଛି ଟଙ୍କା ଥିଲା ଝିଅର ଚିକିତ୍ସା ପାଇଁ ସାରିଦେଇଛନ୍ତି। ଏବେ ନିରୁପାୟ। କଣ କରିବେ କେମିତି ଝିଅର ଚିକିତ୍ସା କରିବେ। କେବଳ ଭଗବାନଙ୍କୁ ଭରସା ଓ ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି। ମା' ସଂଧ୍ୟା ଓ ବାପା ସଞ୍ଜୟ ଝିଅ ନିବେଦିତା ପାଇଁ କେତେ ସ୍ୱପ୍ନ ଦେଖିଥିଲେ ହେଲେ ଝିଅ ରୋଗର ଚିକିତ୍ସା ତାଙ୍କ ପୁଅ ସ୍ୱପ୍ନ ଅଧୁରା ହୋଇ ରହିଗଲା। ସରକାରୀ ସହାୟତା ମିଳି ନଥିବା ବେଳେ କେମିତି ଚିକିତ୍ସା କରିବେ ପରିବାର ପାଇଁ ଚିନ୍ତାର ବିଷୟ ହୋଇଛି। ତେବେ ଏ ସମ୍ପର୍କରେ ଆମେ ନିବେଦିତାଙ୍କ ସମସ୍ୟା ଉଦଳା ଏନ୍‌ଏସି ଅଧିକାରୀଙ୍କୁ ଜଣାଇବା ପରେ ସେ ନିବେଦିତାକୁ ଭତ୍ତା, ସାଇକେଲ ଓ ରେସନ ତୁରନ୍ତ ଯୋଗାଇ ଦେବେ ବୋଲି କହିଛନ୍ତି।

# ଗ୍ରାମ୍ୟ ସାମ୍ୟବାଦର ପର୍ବ ଜନ୍ତାଳ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଜନପଦ ଦୁଇ ପ୍ରକାର ପ୍ରଥମ ପ୍ରକାର ଗ୍ରାମା□ଳ, ଦ୍ୱିତୀୟ ପ୍ରକାର ସହରା□ଳ। ଭଗବାନ ଗ୍ରାମ ବସାଇଛନ୍ତି, ମନୁଷ୍ୟ ସହର ପ୍ରସ୍ତୁତ କରିଛନ୍ତି ତେବେ ଯେଉଁଠି ସହର ଏବେ ଦୃଶ୍ୟ ତାହା ବି ଅତୀତରେ ଜଙ୍ଗଲ ଚାଷଜମି ଅବଶ୍ୟ ଥିଲା ଭୁବନେଶ୍ୱର ରାଜଧାନୀର ଆଦି ନାମ ଏକାମ୍ରକାନନ ଅର୍ଥାତ୍ ଏକ ଆମ୍ବତୋଟା। ଦୁଇ ଜନପଦରେ ଲୋକାଚାର, ଧର୍ମଚାର, ଜାତି ଆଚାରର ଅଲଗା ବୋଧ ହୋଇଯାଏ। ଗ୍ରାମରେ ଯେକୌଣସି ଗୃହରେ କାହାର ବିୟୋଗ ହୋଇଗଲେ ସେ ଗୃହରୁ ଶବ ସତ୍କାରକୁ ନଯିବା ଯାଏ ଗ୍ରାମରେ ରୋଷେଇବାସ ନିତ୍ୟଚର୍ଯ୍ୟାଦି ହୁଏନାହିଁ। ଅଥଚ ସହରରେ କେତେକ ସାହିକୁ ବାଦ ଦେଲେ ଏପରି ଆଚାର ଅନ୍ୟମାନେ ମାନନ୍ତି ନାହିଁ। ଗ୍ରାମା□ଳ ମୁଖ୍ୟତଃ ଦୁଇ ପ୍ରକାର ଲୋକ ଅଛନ୍ତି। ଧନୀ ଓ ଦରିଦ୍ର। ଧନୀମାନେ ଜମିବାଡ଼ି କୃଷି ବାଣିଜ୍ୟ ସମୃଦ୍ଧ ବେଳେ ଦରିଦ୍ରଙ୍କର ଶ୍ରମ ହିଁ ଭରସା, ହେଲେ ଗ୍ରାମରେ ସହଯୋଗର ହାତ ପରସ୍ପରକୁ ନିଷ୍ଟେ ମିଳାଇ ଚଳାଇବା କାର୍ଯ୍ୟ ଜାହିର ରହିବା ଜଣାଯାଏ। ଶ୍ରମିକ ନ ହେଲେ ଗ୍ରାମ୍ୟ କ୍ଷେତ୍ର ଗୁଡ଼ିକ ଫଳନଶୀଳ ଅସମ୍ଭବ। ଧନୀ ନହେଲେ ଶ୍ରମିକ କାହାର ପାଇଟି କରି ବ□ିବେ। ପ୍ରତି ଗ୍ରାମରେ ଶୈବପୀଠ, ବୈଷ୍ଣବପୀଠ ଓ ଶାକ୍ତପୀଠ ରହିଛି। କିଛି ସନ୍ଥ ମହାତ୍ମାଙ୍କର



ସମାଧୀପୀଠ ପୀରସ୍ଥାନ ବି ରହିବା ଦେଖାଯାଉଛି। ସବୁଠାରୁ ଆଶ୍ଚର୍ଯ୍ୟ ଶାକ୍ତପୀଠ ମଧରେ ଗ୍ରାମଦେବତୀ ବିଜୟୀ ସ୍ଥଳୀ ନିଷ୍ଟେ ପୁରାତନ ରେଭନ୍ୟୁ ଗ୍ରାମରେ ରହିଛି। ଗ୍ରାମଦେବତୀ ଜାଗ୍ରତ ଦେବୀ, ଜାଗୁଲାଇ, ଜାଗ୍ରତଗୌରୀ ମଙ୍ଗଳା ଚଣ୍ଡୀ ପରି ନାମ ସହିତ ଅନେକ ପ୍ରକାର ନାମରେ ନାମିତ। ମାଆଙ୍କର ସମସ୍ତେ ସନ୍ତାନ ସନ୍ତତି। ଗ୍ରାମ ଦେବତୀ ସିନ୍ଦୁର ବାଲି ଗ୍ରାମର ସଧବା ଧର୍ମ ଆରମ୍ଭ ବିବାହ ପାଇଁ ସେଠାରୁ ଆଦ୍ୟ ସିନ୍ଦୁର ଚଢ଼ାଇ ନଆଣିଲେ ଦିଅଁ ମଙ୍ଗୁଳା ନ ହେଲେ ଯେମିତି ଲୋକ ହେଉ ତାଙ୍କର ବିବାହ କର୍ମ ଆଗେଇ ପାରେ। ଧରାଯାଏ ଗ୍ରାମଦେବୀଙ୍କ ବିନା ଆଦେଶରେ ଗ୍ରାମରେ ରୋଗ ବ୍ୟାଧି ପ୍ରବେଶ କରିନପାରେ। ପୂର୍ବେ ହଇଜା ବସନ୍ତ, ହାଡଫୁଟି ପରି ରୋଗ ଯେ ଏହି ଗ୍ରାମଦେବୀଙ୍କର କୋପରୁ ହେଉଥିଲା ଏପରି ଚିନ୍ତନ ଆସୁଥିଲା। ଦେବୀ କୋପର ଉପଚାର ଦ୍ୱାରା ଏହାକୁ ଶାନ୍ତ ପାଇଁ ପୂଜାଅର୍ଚ୍ଚନା ମାର୍ଜନାଦି କରାଯାଉଥିଲା। ଗ୍ରାମର ଭାଇଚାରା ମହାସ୍ତବ ଏଇ ଗ୍ରାମଦେବତୀ କୌଣସି ଆଚାରଭ୍ରଷ୍ଟ ପରିସ୍ଥିତି ପାଇଁ ଏଇ ଗ୍ରାମଦେବତୀ ପାଖରେ ହଳପ ଦ୍ୱାରା ପୂର୍ବେ ସରଳରେ ସମାଧାନ ହେଉଥିଲା। ଗ୍ରାମରେ ସମସ୍ତ ପରିବାର ଗୃହସ୍ଥ ନିଜର ଧନସମ୍ପ□ ପରି ଏଇ ଗ୍ରାମଦେବୀଙ୍କୁ ବ୍ୟକ୍ତିଗତ ସମ୍ପ□ ଦୈବ ସମ୍ପ□ ମନେକରନ୍ତି। ଦେବୀ ସବୁ ଦେଖୁଛନ୍ତି ଜାଣୁଛନ୍ତି ତାଙ୍କୁ କିଛି ଆଗୋଚର ନାହିଁ ଏହି ବିଶ୍ୱାସ ଏବେ ବି ଗ୍ରାମରେ ଅଛି। ଚାକିରୀ ହେଉ ବିଦ୍ୟାର୍ଜନ ହେଉ ବିବାହ ହେଉ ରୋଗ ବୈରାଗ୍ୟ ହେଉ ସବୁଥିରେ ଏଇ ଠାକୁରାଣୀ ଏବେ ବି ଜଡ଼ିତ ଅଛନ୍ତି। ଗ୍ରାମର ଧନୀ, ଜମିଦାର ସମ୍ଭ୍ରାନ୍ତ ବିଦ୍ୱାନ, ପୁରୋହିତ ବ୍ରାହ୍ମଣ, ସେବା ରହିତ ପଦାଧିକାରୀ ଏମାନଙ୍କୁ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଆଗୁସାର କରିବା ଦେଖାଯାଏ। ହେଲେ ଏସବୁଠାରୁ ଗ୍ରାମର ଦେବତା ସାନ୍ନିଧ୍ୟ ଏକ ପ୍ରକାର ମୂଲ୍ୟବାନ ସ୍ଥାନ ଏଠାରେ ଗ୍ରାମର ସମସ୍ୟା ପକ୍ଷ ମାନଙ୍କର କଳି ଭାଇଚାରା ବିବାଦାଦି ସମାଧାନ କରାଯାଏ। ଗ୍ରାମଦେବତୀ ପୀଠ ଏ ମଧରେ ଏପରି ଏଠାରେ ପାର୍ବଣ ପର୍ବରେ ଏକ ପଂକ୍ତି ଭୋଜନ ବ୍ୟବସ୍ଥା କରାଯାଇ ସବୁ ବ୍ୟକ୍ତି ମାନଙ୍କର ଚାନ୍ଦା ଭେଦା ଓ ସ୍ୱ ସ୍ୱ ବାଡ଼ିର ପନିପରିବା, ନଡ଼ିଆଦି ସଂଗ୍ରହ କରି ଭୋଜନ କରିବା କାର୍ଯ୍ୟ କରାଯାଏ। ଶାରଦୀୟ ବାସନ୍ତିକ ଦୁଇ ପାର୍ବଣରେ ଅଷ୍ଟମୀ ନବମୀରେ ଏକ ସନ୍ଧିସୂଜା ଅଛି। ଏହି ସନ୍ଧିପୂଜା ପରଦିନ ଏହି ପଂକ୍ତିଭୋଜନ ବ୍ୟବସ୍ଥା କରାଯାଏ ଏହା ଜନ୍ତାଳ ପର୍ବ। ଯେପରି ଗୃହରେ କଳିଗୋଳରେ ମନ ମାଳିନ୍ୟ ଶାନ୍ତି ଭୋଜନରେ ଶାନ୍ତି ହୋଇଯାଏ ସେପରି ଗ୍ରାମରେ ଭାଇଚାରା ବିଭିନ୍ନ ପରିବାର ମନମାଳିନ୍ୟ ଏହି ଜନ୍ତାଳର ସମୁହ ଭୋଜନ ଦେବୀଙ୍କ ନିବେଦିତ ଅନ୍ନ ଦ୍ୱାରା ହିଁ ଶାନ୍ତ ହୋଇଥାଏ। ସମସ୍ତେ ଗ୍ରାମର ଦେବୀଙ୍କ ସନ୍ତାନ ସନ୍ତିତ ଯୋଗୁ ମନମାଳିନ୍ୟ ସରଳ ଫସୁକି ଯାଏ।

ଧନୀ ହୁଅନ୍ତୁ ଦରିଦ୍ର ହୁଅନ୍ତୁ ସମୁହ ଭେଦା ଚାନ୍ଦାରେ ଏହି ଜନ୍ତାଳ ପର୍ବର ଖର୍ଚ୍ଚ ନିର୍ବାହ କରିବାକୁ ଚେଷ୍ଟା। ବହୁ ବର୍ଷ ଆଗରୁ ପରମ୍ପରାରେ ରହିଛି। ପୂର୍ବେ ଲୋକେ ଶିକାରକୁ ଯାଇ ଜଙ୍ଗଲରୁ ପଶୁପକ୍ଷୀ ମାରି ତାକୁ ମାଂସାଦି ଦେବୀ ନୈବେଦ୍ୟ କରାଇ ସମୁହ ଭୋଜନରେ ତୃପ୍ତି ହେଉଥିଲା। ତନ୍ତ୍ରରେ ବଳୀ ଥିବାରୁ ଛାଗ ମେଷ ବଳୀ ଗ୍ରାମ ଦେବୀ ପାଖରେ ଅନେକ ମାନସିକ କରୁଥିଲେ। ତାହା ମଧ ବଳୀ ଶେଷ ଠାରେ ପ୍ରସାଦରେ ମାଂସ ଲଗାଯାଉଥିଲା। ବଳୀରେ ମାଛ ପ୍ରୟୋଗ ହୁଏ। ଏଥିପାଇଁ ନଦୀ ସମୁଦ୍ର ପାଖ ପାଖ ଗ୍ରାମ ମାନଙ୍କରେ କୈବର୍ତ୍ତ ମାନେ ଜନ୍ତାଳକୁ ମାଛ ଯୋଗାଡ଼ କରୁଥିଲେ। ପରେ ଲୋକଙ୍କ ପୋଖରୀରୁ ମାଛ ମରାଯାଇ ଏପରି ବ୍ୟବସ୍ଥା ସ୍ଥାନେ ସ୍ଥାନେ ହେଉଛି। ଆମ ରାଜ୍ୟରେ ଗ୍ରାମ ଠାକୁରାଣୀ ମାନକ ମାନେ ବି ଦ୍ୱିବିଧ ପ୍ରଥମ ପ୍ରକାର ଦେବୀଙ୍କ



ପାଖରେ ଆମିଷ ପ୍ରସାଦ ଲାଗେ ଦ୍ୱିତୀୟ ପ୍ରକାର ଦେବୀ ପରମବୈଷ୍ଣବୀ ଯାହାଙ୍କ ପ୍ରସାଦରେ ତୁଳସୀ ପଡ଼େ। ବୈଷ୍ଣବୀ ଦେବୀ ପ୍ରାଧନ୍ୟ ଚୈତନ୍ୟ ଦେବଙ୍କ ନାମ ପ୍ରଚାର ଠାରୁ ଓ ଜଗନ୍ନାଥ ଦାଶଙ୍କ ଭାଗବତ ପ୍ରଚାର ପର ଠାରୁ ରାଜ୍ୟରେ ପ୍ରାଧାନ୍ୟ ହେଲେ ବି ପୂର୍ବରୁ ଏହି ଧାରା ସଂକୁଚିତ ଥିଲା। ଜୀବ ହତ୍ୟାରେ ଯେ ମନୁଷ୍ୟ ଭୋଜନ ତୃପ୍ତି ସାଧିତ ହେଲେ ବି ପ୍ରକୃତରେ ଏହା ସା□ିକ ଖାଦ୍ୟ ନୁହଁ। ତେବତା ସମ୍ବନ୍ଧ ନିଜର ଏକ ବିରାଟ ଭୁଲକୁ ଲୁଚାଇବା ପ୍ରୟାସ ମାତ୍ର। ସା□ିକ ଖାଦ୍ୟ ପରିବେଶ ଶାନ୍ତିମୟ ନିଶ୍ଚିୟ କରାଏ। ତନ୍ତ୍ରରେ ବାମାଚାର ଦକ୍ଷିଣାଚାର ମୁଖ୍ୟତଃ ଦୁଇ ଧାରା। ବାମାଚାରରେ ଏପରି ପଶୁ ପ୍ରେକ୍ଷଣ ପ୍ରକ୍ରିୟା ରହିଛି। ଏଇ ସଂସାରରେ ପ୍ରତି ମନୁଷ୍ୟ ପଶୁଗୁଣ ସମ୍ପନ୍ନ ସ୍ୱାର୍ଥ ପାଇଁ ମାମଲା କଳି ରକ୍ତପାତ ଏସବୁକୁ ଦମନ ପାଇଁ ଏକ ପଶୁର ଆଶ୍ରୟରେ ତହିଁରେ ଭୁଲି, ତହିଁରୁ ସ୍ୱ ଭୋଜନ ଚିନ୍ତାକୁ ପ୍ରାଧାନ୍ୟ ଦେଲେ। ଦେବତା ମଧରେ ସମସ୍ତେ ତାଙ୍କ ସନ୍ତାନ ସନ୍ତତି ଯୋଗୁ ଯେଉଁ ପଶୁକୁ ଦେବତା ଉଦ୍ଦେଶ୍ୟରେ ବଳୀ ଦିଆଯାଉଛି ସେ କଣ ତାଙ୍କ ସନ୍ତାନ ନୁହଁ? ସେ ବଳୀ ବେଳେ ଯେଉଁ କଷ୍ଟଦ ଶବ୍ଦ ଉଚ୍ଚାରଣ କରେ କଣ ତା ଭାଷାରେ ଦେବ ଆରାଧନା ନିବେଦନ ପ୍ରାର୍ଥନା ନୁହଁ? ଦେବତା ନ ଶୁଣିଲେ ବି ଦେବତାର ପୁରୋହିତ କେମିତି ଏତେ ନିର୍ଦ୍ଦୟ ସେତେବେଳେ ହୁଅନ୍ତି? ଶୁଦ୍ଧି ସା□ିକ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ପରି ଭୋଜନ କେଉଁଠି ଅଛିକି? ଷୋଳ ପ୍ରକାର ଭୋଜନ ମଧରେ ଦିବ୍ୟାନ୍ନ ଭୋଜନ ନିଷ୍ଟେ ପ୍ରଥମ ଗ୍ରାମ ଦେବତୀ ପାଖରେ ଜନ୍ତାଳରେ ଶୁଦ୍ଧ ସା□ିକ ଦିବ୍ୟାନ୍ନ ପ୍ରସ୍ତୁତ ପ୍ରକୃତରେ ଗ୍ରାମର ଯୁବକମାନେ ମାଧୁକାରୀରେ ସଂଗ୍ରହ କଲେ ଗ୍ରାମରେ ଶାନ୍ତି ନିଶ୍ଚୟ ସଦା ବିରାଜମାନ ହେବ। ବୈଷ୍ଣବୀ ଅନ୍ନ



ପଶୁତ୍ୱ କୁ ନ୍ୟାସ କରି ଅର୍ଗଳୀ ରଖି ପ୍ରେକ୍ଷଣକରି ସମୁହ ପଶୁତ୍ୱକୁ ନିଃଶେଷ କରାଯିବା ଚିନ୍ତନ ଥିଲା। ପ୍ରକୃତରେ ଏହା ତତ୍କାଳ କଠୋର ଜ୍ଞାନୀଙ୍କୁ ଲୋକେ ମାନି ନେଇ ହିଂସା ଛାଡ଼ିଛନ୍ତି ବୋଲି ଭାବୁଥିଲେ, କାଳକ୍ରମେ କର୍ପୁରଗଲା କନା ପଡ଼ିବା ଧାରା ଆସିଲା। ଲୋକେ ତନ୍ତ୍ରର କଠୋର ଧାରା ମାଧୁକରୀ ଭିକ୍ଷାରେ ହିଁ ସମ୍ପନ୍ନ ହେଉଛି।

ସମୟ ଥିଲା ରାକ୍ଷସୀ ଆନନ୍ଦରେ ରାଜାମାନେ ସୈନ୍ୟ ସଂଗ୍ରହ କରି ପର ରାଜ୍ୟ ଆକ୍ରମଣ କରୁଥିଲେ, ଲୁଟ କରୁଥିଲେ ପର ଦେଶର ବା ରାଜ୍ୟର ଲୋକଙ୍କ ଧନ କଷ୍ଟଦେଇ ରାକ୍ତପାତ ଦେଇ ସଂଗ୍ରହ କରି ଶେଷରେ ସ୍ୱ ରାଜ୍ୟର ସୈନ୍ୟ ମାନଙ୍କର ତୃପ୍ତ ଭୋଜନ ବ୍ୟବସ୍ଥା କରୁଥିଲେ। ଏ ଭୋଜନରେ କଣ ସେ ଦେବତା ଖୁସିରେ ଭୋଜନ ଗ୍ରହଣ କରୁଥିଲେ କି? ଅନେକ ଦେବ ମନ୍ଦିର, ଜୁଲମ ଚାନ୍ଦାରେ, ଆଖି ଦେଖାରେ କରାଯାଇଛି। ମନ୍ଦିର ପୂଜାପୀଠ ଆଖି ଦୃଶିଆ ଦୃଶ୍ୟ ହେଲେ ସେଠାରେ ଆସୀନ ଦେବତା କଣ ସମସ୍ତଙ୍କର ପ୍ରିୟ ଭାଜନ କି? ସ୍ୱଭାବନାରେ ସ୍ୱଇଛାରେ ରାଜାଙ୍କର ବରବାଦ ଯଦି ମିଳିମିଶି ରାଜାଙ୍କୁ ସହାୟାନ ହୋଇ ଏପରି ବଡ଼ ଅନୁଷ୍ଠାନ କୂଅ ପୋଖରୀ ଦେବ ମନ୍ଦିର ଯଜ୍ଞ କେଉଁ ବ୍ୟକ୍ତି କରାଉଥିଲେ ତାଙ୍କୁ ରାଜର୍ଷି କୁହାଯାଉଥିଲା ଏ ଯୁଗରେ ଏପରି ବ୍ୟକ୍ତି ମହାଦୁର୍ଲଭ। ତେବେ ପଂକ୍ତି ଭୋଜନ ସାର୍ବଜନୀନ ଭୋଜନ ଯାହା ଆମ



ରାଜ୍ୟର ଏକ ପ୍ରକାର ନବାନ୍ନ ଭୋଜନ ପରି ପବିତ୍ର ଅନୁଷ୍ଠାନ ଏହି ଶୁଦ୍ଧ ଓ ଅନ୍ନ ଭୋଜନ କର୍ମ ସଂକଳ୍ପ ପୁରୋହିତଙ୍କ କରାଗଲେ ଗ୍ରାମରେ ତାମସିକ ପ୍ରଭାବ ଅବଶ୍ୟ କମିଯିବ। ପୂର୍ବେ ଛୁଆଁଛୁତ୍ ଧାରଣା ବଳବ□ର ଥିଲା ପଂକ୍ତିଭୋଜନ ପାଇଁ କିଏ ଚାଉଳ ଦେବେ କିଏ ପରିବା ଦେବେ, କିଏ ଜାଳେଣୀ କାଠ ଦେବେ କିଏ କାଠ ଚିରୋଟ କରିବେ, କିଏ କଦଳୀ ପତ୍ର ଯୋଗାଇବେ, କିଏ ପଇସା ଦେବେ, କିଏ ତେଲ ଯୋଗାଇବେ, କିଏ ଅନ୍ୟାନ୍ୟ ଦେହ ମେହନତ କରିବେ ଏପରି ବିଧାନ ଥିଲା। ଏଥିରେ ଦେବତା ସମ୍ବନ୍ଧ ଥିବାରୁ କେହି ବିଦ୍ରୋହୀ ନଥିଲେ। ଆଜି ଏପରି ସମୟ ଚାନ୍ଦା ପଇସାରେ ସଂଗ୍ରହ ହେଲାଣି ଏହା ପୁଣି ଏମିତି ସମସ୍ତଙ୍କୁ ସମାଜ ଚାନ୍ଦା ଗ୍ରାମ୍ୟ ଚାନ୍ଦାରେ ଧାର୍ଯ୍ୟ ହେଉଛି ଏଥିରେ ଅସନ୍ତୋଷ ବେଳେ ବେଳେ ଦେଖା ଯାଉଛି। ଦେବ ଉଦ୍ଦେଶ୍ୟରେ ଶାନ୍ତି ବଜାଏ ରଖିଲେ ଜନ୍ତାଳ ଭୋଜନ ନିଶ୍ଚୟ ଭାଇଚାରା ରକ୍ଷାରେ ସହାୟକ ହେବ। ବଙ୍ଗ ରାଜ୍ୟରେ ଜନ୍ତାଳ ଅଛି ସିନ୍ଦୁର ପର୍ବ ଅଛି ବିଜୟା ପର୍ବ ଅଛି। ଆମ ରାଜ୍ୟରେ ଅନେକ ଦୁର୍ଗାପୂଜା, ଚଣ୍ଡୀପୀଠ ଆୟୁଧ ପୂଜା ଜାକଜମକରେ ହେଉଛି ବର୍ଷରେ ଥରେ ରାବଣ ପୋଡ଼ି ହେଉଛି, ହେଲେ ନାରୀଙ୍କ ପ୍ରତି ଆକ୍ରମଣ କମୁ ନାହିଁ। ଦେବତା ଯଦି ଅନ୍ୟାୟକୁ ସ୍ୱାହା କରିବା ବିଶ୍ୱାସ ଅଛି। ତେବେ ଦେବତାର ମହିମା ବୁଝିବାକୁ ଚେଷ୍ଟା କରାଯାଉ।

*ସମ୍ପାଦକ 'ବରେଣ୍ୟବାଣୀ'*
*ଅରୁଣଦୋୟ ନଗର, କଟକ*
*ଦୂରଭାଷ : ୯୪୩୭୦୩୧୨୫୩*

**ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସୁନ୍ଦରଗଡ ଜିଲ୍ଲାରେ ଅତ୍ୟାଧୁନିକ ପରିମଳ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ**

# 'ପରିମଳ କର୍ମଚାରୀମାନେ ସମାଜର ଶ୍ରେଷ୍ଠ ସେବକ'

**ଭୁବନେଶ୍ୱର :** ଗାନ୍ଧିଜୀ ତାଙ୍କ ଆଶ୍ରମର ପରିମଳ କାମ ସମସ୍ତଙ୍କ ସହ ମିଶି ନିଜେ କରୁଥିଲେ। ତେଣୁ ପରିମଳ ଦାୟିତ୍ୱରେ ଥିବା ଆମର କର୍ମଚାରୀମାନେ ହେଉଛନ୍ତି ସମାଜର ଶ୍ରେଷ୍ଠ ସେବକ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ ଜିଲ୍ଲାରେ ଅତ୍ୟାଧୁନିକ ପରିମଳ ବ୍ୟବସ୍ଥାର ଶୁଭାରମ୍ଭ କରିବା ଅବସରରେ ଏହା କହିଛନ୍ତି। ସୁନ୍ଦରଗଡ ଜିଲ୍ଲାର ରାଉରକେଲା ମହାନଗର ନିଗମ ସହିତ ବୀରମିତ୍ରପୁର ପୌରସଂସ୍ଥା ଏବଂ କୋଇଡା ଓ କୁତ୍ରା ବ୍ଲକରେ ଅତ୍ୟାଧୁନିକ ପରିମଳ ସେବା ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ୨୪ ପ୍ରକାରର ୧୯୦ଟି ଅତ୍ୟାଧୁନିକ ଗାଡି ଓ ମେସିନ୍ ନିୟୋଜିତ କରାଯାଇଛି। ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ମେସିନ୍ ଚାଳିତ କରିବା ସହିତ ମାଇକ୍ରୋ କମ୍ପୋଷ୍ଟିଙ୍ଗ୍ ସେଣ୍ଟର ଓ ବର୍ଜ୍ୟ ବସ୍ତୁ ପରିଚାଳନା ବ୍ୟବସ୍ଥା ମଧ କାର୍ଯ୍ୟକାରୀ କରାଯାଇଛି। ମିଶନ ଶକ୍ତିର ମହିଳା ମାନଙ୍କୁ ପରିମଳ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରିବାର ଦାୟିତ୍ୱ ଅର୍ପଣ




କରାଯାଇଛି। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଗାନ୍ଧିଜୀଙ୍କ ଆଦର୍ଶକୁ ଉପସ୍ଥାପନ କରି କହିଥିଲେ ଯେ, ପରିମଳ କଥା ଆସିଲେ, ଗାନ୍ଧିଜୀଙ୍କ କଥା ହିଁ ମନକୁ ଆସିଥାଏ। ପରିମଳକୁ ଗାନ୍ଧିଜୀ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଥିଲେ। ଗାନ୍ଧିଜୀଙ୍କ ଭାଷାରେ ପରିମଳ ସ୍ୱାଧୀନତା ଠାରୁ ଗୁରୁତ୍ୱପୂର୍ଣ୍ଣ। ସୁସ୍ଥ ପରିବେଶ ହିଁ ସମୃଦ୍ଧିର ଆଧାର ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଆଧୁନିକ ବ୍ୟବସ୍ଥା ଏକ ସ୍ୱୟଂ ସମ୍ପୂର୍ଣ୍ଣ ବ୍ୟବସ୍ଥା। ଏଥିରେ ବର୍ଜ୍ୟବସ୍ତୁ ସଂଗ୍ରହ ଠାରୁ ଆରମ୍ଭ କରି ବାୟୁ ପ୍ରଦୂଷଣ ରୋକିବା ପାଇଁ ମଧ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଖଣି ଅଞ୍ଚଳର ଲୋକମାନେ ବିଶେଷ ଉପକାର ପାଇବେ ବୋଲି ସେ କହିଥିଲେ। ଓଡ଼ିଶାର ବିଭିନ୍ନ ବିକାଶ କାର୍ଯ୍ୟକ୍ରମରେ ମିଶନ ଶକ୍ତିର ମା' ମାନଙ୍କ ଯୋଗଦାନକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପରିମଳ ବିଷୟରେ ସଚେତନତା ସୃଷ୍ଟି କରିବାରେ ସାରା ଓଡ଼ିଶାର ମିଶନ ଶକ୍ତିର ମା' ମାନେ ବହୁତ ଭଲ କାମ କରୁଛନ୍ତି। ସେଥିପାଇଁ ସେ ମିଶନ ଶକ୍ତିର ମା'ମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ପରିମଳକୁ ଜୀବନର ମନ୍ତ୍ର କରିବା ସହିତ ନିଜ ପାଇଁ ତଥା ନିଜ ପିଲାମାନଙ୍କୁ ଏକ ସୁସ୍ଥ ସୁନ୍ଦର ପରିବେଶ ସୃଷ୍ଟିରେ ସହାୟକ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଜିର ଏହି କାର୍ଯ୍ୟକ୍ରମ ରାଉରକେଲାକୁ ଦେଶର ଏକ ସ୍ୱଚ୍ଛ ସହରର ପରିଚୟ ଦେବାରେ ସହାୟକ ହେବ। କାର୍ଯ୍ୟକ୍ରମରେ ଏହି ଅତ୍ୟାଧୁନିକ ବ୍ୟବସ୍ଥା ସମ୍ପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା। ସୁନ୍ଦରଗଡ ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ରାଉରକେଲା ମହାନଗର ନିଗମର କମିଶନର ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ ମୀନା ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି.ମାଥିଭାତନନ୍ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳୟନ କରିଥିଲେ।

# ବାଇକ୍ ପଛରେ ବସିଲେ ମଧ୍ୟ ହେଲମେଟ୍

**ଭୁବନେଶ୍ୱର :** ଏଣିକି ବାଇକ, ସ୍କୁଟର ଆଦି ଦୁଇଚକିଆ ଯାନର ପଛ ସିଟ୍‌ରେ ବସିଥିବା ବ୍ୟକ୍ତି ହେଲମେଟ୍ ପିନ୍ଧିବା ବାଧତାମୂଳକ ହେବ। ପଛ ସିଟ୍‌ରେ ବସିଥିବା ବ୍ୟକ୍ତି ହେଲମେଟ ପିନ୍ଧି ନଥିଲେ, ଗାଡି ଚଳାଉଥିବା ବ୍ୟକ୍ତିର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହେବ। ଟ୍ୱିଟ୍ କରି ଏପରି ଚେତାବନୀ ଶୁଣାଇଛନ୍ତି ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ)। ଏସ୍‌ଟିଏ ପକ୍ଷରୁ କରାଯାଇଥିବା ଟ୍ୱିଟ୍‌ରେ ଆହୁରି ମଧ କୁହାଯାଇଛି ଯେ, ଦୟାକରି ହେଲମେଟ ପିନ୍ଧନ୍ତୁ ଓ ନିଜ ଜୀବନ ବଞ୍ଚାଇବା ସହ ଜୋରିମାନା ଦେବାରୁ ବଞ୍ଚନ୍ତୁ। ଗତକାଲି ଆରଟିଓ କଟକ ପକ୍ଷରୁ ଟ୍ରାଫିକ ନିୟମ ଉଲ୍ଲଘଂନକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପ୍ରାୟ ୪୦ ଜଣ ବ୍ୟକ୍ତିଙ୍କ ଡ୍ରାଇଭିଂ ଲାଇସେନ୍ସ ଜବତ ହୋଇଥିଲା। କଟକ ଓଲଟପୁରଠାରେ ହୋଇଥିବା ଯାଞ୍ଚ ବେଳେ ୯୨ଜଣ ବାଇକ ଚାଳକ ହେଲମେଟ ପିନ୍ଧି ନଥିବା ଦେଖାଯାଇଥିଲା। ସେମାନଙ୍କ ମଧ୍ୟରୁ ୪୨ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇଥିଲା ଓ ମୋଟ ୧ଲକ୍ଷ ୩୪ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଥିଲା।



# ‘୨୦୨୨ ସୁଦ୍ଧା ଅଶୋଧିତ ତୈଳ ଆମଦାନୀ ୧୦% ହ୍ରାସ ହେବ’



**ନୂଆଦିଲ୍ଲୀ/ଭୁବନେଶ୍ୱର :** ୨୦୨୨ ସୁଦ୍ଧା ଦେଶର ଅଶୋଧିତ ତୈଳ ଆମଦାନୀ ୧୦ ପ୍ରତିଶତ ହ୍ରାସ କରିବା ପାଇଁ ଭାରତ ସରକାର ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି ବୋଲି ବୁଧବାର ସ୍ୱରାଜ୍ୟ ପକ୍ଷରୁ ଆୟୋଜିତ ‘ଆତ୍ମନିର୍ଭର ଭାରତରେ ତୈଳ ଓ ଗ୍ୟାସ କ୍ଷେତ୍ର ପାଇଁ ୨୦୩୦ର ଭିଜନ’ ଶୀର୍ଷକ ୱେବିନାରରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍‌କୁ ସର୍ବାଧିକ ପ୍ରାଥମିକତା ଦେଉଥିବା ବେଳେ ଆଗାମୀ ଦିନରେ ଭାରତ ବିଶ୍ୱ ଉର୍ଜା ଚାହିଦା ଅଭିବୃଦ୍ଧିର ନେତୃତ୍ୱ ନେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ବର୍ତ୍ତମାନ ଭାରତ ବିଶ୍ୱ ପ୍ରାଥମିକ ଉର୍ଜାର କେବଳ ୬% ବ୍ୟବହାର କରୁଛି। ଏହା ସତ୍ତ୍ୱେ ଭାରତର ମୁଣ୍ଡ ପିଛା ଉର୍ଜା ବ୍ୟବହାର ବିଶ୍ୱ ହାରାହାରିର ଏକ ତୃତୀୟାଂଶ। ମାତ୍ର ଏଥିରେ ଦ୍ରୁତ ବୃଦ୍ଧି ପରିଲକ୍ଷିତ ହେଉଛି। ଆଗାମୀ ଦିନରେ ଭାରତ ବିଶ୍ୱ ଉର୍ଜା ଚାହିଦା ଅଭିବୃଦ୍ଧିର ନେତୃତ୍ୱ ନେବ। କାରଣ ୨୦୪୦ ସୁଦ୍ଧା ଭାରତର ନିଜର ବାର୍ଷିକ ଉର୍ଜା ବ୍ୟବହାରରେ ୩ ପ୍ରତିଶତ ବୃଦ୍ଧି ଘଟିବ ବୋଲି ଆକଳନ କରାଯାଇଛି। ୨୦୪୦ ସୁଦ୍ଧା ମଜବୁତ୍ ଅର୍ଥନୈତିକ ଅଭିବୃଦ୍ଧି ସହ ଭାରତର ମୋଟ୍ ବିଶ୍ୱ ପ୍ରାଥମିକ ଉର୍ଜା ଚାହିଦାର ସେୟାର ଦୁଇଗୁଣା ବୃଦ୍ଧି ପାଇ ପ୍ରାୟ ୧୧% ହେବ। ଅପରପକ୍ଷରେ ଉର୍ଜା କ୍ଷେତ୍ର ତଥା ବିକଳ୍ପ ଇନ୍ଧନ ପ୍ରସ୍ତୁତ ଦିଗରେ ଆମର ବିଭିନ୍ନ ପଦକ୍ଷେପ ସତ୍ତ୍ୱେ ୨୦୪୦ ସୁଦ୍ଧା ଭାରତର ତୈଳ ଚହିଦା ଦୁଇଗୁଣିତ ହେବ ଏବଂ ଗ୍ୟାସ ଚାହିଦା ତିନିଗୁଣା ବୃଦ୍ଧିପାଇବ। ଅର୍ଥନୀତି ଅଭିବୃଦ୍ଧି କରିବା ଓ ଉର୍ଜା ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଦେଶର ବିଶୋଧନାଗାର କ୍ଷମତା ୨୫୦ ଏମଏମଟିପିଏରୁ ୪୫୦ ଏମଏମଟିପିଏ ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଉଛି। ପେଟ୍ରୋଲିୟମ ସାମଗ୍ରୀ ଯୋଗାଣରେ ଭାରତକୁ ଆତ୍ମନିର୍ଭର କରିବାରେ ସହାୟକ ହେବ। ଭାରତର ଉର୍ଜା ନ୍ୟାୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ବିଶେଷ ରୋଡମ୍ୟାପ ରହିଛି। ଉର୍ଜାର ଉପଲବ୍ଧି, ସମସ୍ତଙ୍କୁ ଉର୍ଜା ଯୋଗାଇବା, ଗରିବଙ୍କ ପାଇଁ ସୁଲଭ ମୂଲ୍ୟରେ ଉର୍ଜା , ଉର୍ଜା ବ୍ୟବହାରରେ ଦକ୍ଷତା ଏବଂ ଜଣେ ଦାୟିତ୍ୱବାନ ବୈଷୟିକ ନାଗରିକ ଭାବେ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ସ୍ଥାୟୀ ଉର୍ଜାକୁ ଆଧାର କରି ଆମେ ଆଗାମୀ ପିଢିର ଭିତ୍ତିଭୂମି ବିକାଶ କରୁଛୁ। ୨୦୩୦ ସୁଦ୍ଧା ଅକ୍ଷୟ ଉର୍ଜା କ୍ଷେତ୍ରରେ ୪୫୦ ଗିଗାୱାଟ ଲକ୍ଷ୍ୟ ହାସଲ କରିବା ବ୍ୟତିତ ଭାରତ ଗ୍ୟାସ ଆଧାରିତ ଅର୍ଥନୀତି ଦିଗରେ ସମନ୍ୱିତ ବିକାଶ, ଜୀବାଶ୍ମ ଇନ୍ଧନର ବ୍ୟବହାର, ହାଇଡ୍ରୋଜେନ ଭଳି ଇନ୍ଧନକୁ ଗୁରୁତ୍ୱ ଓ ଡିଜିଟାଲ ଟେକ୍ନୋଲୋଜି ଉପରେ ଅଧିକ ଧାନ ଦେଉଛି। ଆମର ଉର୍ଜା ଏଜେଣ୍ଡା ଅନ୍ତର୍ଭୁକ୍ତିକରଣ ଏବଂ ବଜାର ଆଧାରିତ। ଏହା ମଧ୍ୟ ଜଳବାୟୁ ସହଯୋଗୀ। କରୋନା ମହାମାରୀ ମଧ୍ୟରେ ଭାରତୀୟମାନେ ଆତ୍ମନିର୍ଭର ହେବାକୁ ସଂକଳ୍ପବଦ୍ଧ ଅଛନ୍ତି ଏବଂ ଆତ୍ମନିର୍ଭର ଭାରତ ସମସ୍ତଙ୍କ ମନରେ ଅଛି। ଏହି ସ୍ୱପ୍ନ ଏକ ପ୍ରତିଶ୍ରୁତିରେ ପରିଣତ ହେଉଛି। ଆଜି ୧୩୦ କୋଟି ଭାରତୀୟଙ୍କ ପାଇଁ ଆତ୍ମନିର୍ଭର ଭାରତ ଏକ ମନ୍ତ୍ର ହୋଇଛି ବୋଲି କହିଛନ୍ତି ଶ୍ରୀ ପ୍ରଧାନ।

## ୧୨ରେ ଭୁବନେଶ୍ୱର ଓକିଲ ସଂଘ ନିର୍ବାଚନ

# ନିର୍ବାଚନ ପରିଚାଳନା କରିବେ ଆଇନଜୀବୀ ଅଶୋକ ପାତ୍ର



**ଭୁବନେଶ୍ୱର :** ଆସନ୍ତା ୧୨ ତାରିଖରେ ଭୁବନେଶ୍ୱର ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହେବ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚଳିତ ବର୍ଷ ମହମ୍ମଦ ଜିୱାଲ୍ ହକ୍ ନିର୍ଦ୍ୱନ୍ଦ୍ୱରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ଉପସଭାପତି ଭାବେ ପ୍ରଶାନ୍ତ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଭାବେ ବିଶ୍ୱରଞ୍ଜନ ସାହୁ ନିର୍ବାଚିତ ହୋଇଛନ୍ତି। ଅଭିଜିତ୍ ମିଶ୍ର, ଅମୂଲ୍ୟ ପ୍ରସାଦ ନାୟକ, ଅନିଲ କୁମାର ଶାହା, ଅନ୍ତର୍ଯ୍ୟାମୀ ବିଶ୍ୱାଳ, କାଳୁଚରଣ ସେଠୀ, ନାରାୟଣ ଜେନା, ସୁରେଶ କୁମାର ଦାସ, ମମତା ମିଶ୍ର ଓ ସୌଭାଗିନୀ ନାୟକ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ନିର୍ବିବାଦରେ ନିର୍ବାଚିତ ହୋଇଛନ୍ତି। କିନ୍ତୁ ସମ୍ପାଦକ, କୋଷାଧ୍ୟକ୍ଷ ଓ ସହ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ହେବ। ଲକ୍ଷ୍ମୀଧର ମହାପାତ୍ର ଓ ରାଜକିଶୋର ଦାସଙ୍କ ମଧ୍ୟରେ ସମ୍ପାଦକ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେବ। ସେହିପରି କୋଷାଧ୍ୟକ୍ଷ ପଦ ପାଇଁ ଲିଙ୍ଗରାଜ ମହାରଣା, ରଶ୍ମିଜିତ୍ କେଶରୀ, ଶକ୍ତିପ୍ରସାଦ ଛୋଟରାୟଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଜଣାପଡିଛି। ସହ ସମ୍ପାଦକ ପଦବୀ ପାଇଁ ରୋଜାଲିନ ପ୍ରଧାନଙ୍କ ସହ ଶିବନାରାୟଣ ସାହୁ ନିର୍ବାଚନ ଲଢ଼ିବେ। ଚଳିତବର୍ଷ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପାତ୍ର ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିବେ ବୋଲି ସୂଚନା ମିଳିଛି।

# ‘ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପ୍ରତାରଣା କରିଛନ୍ତି ରାଜ୍ୟ ସରକାର’



**ଭୁବନେଶ୍ୱର :** କୋଭିଡ-୧୯ ମହାମାରୀରେ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ମିଥ୍ୟା ପ୍ରତିଶୃତି ଦେଇ ପଂଚାୟତ ସ୍ତରରେ ତାଲିମ ପ୍ରାପ୍ତ ମହିଳା ସ୍ୱାସ୍ଥ୍ୟ କର୍ମୀମାନଙ୍କୁ (ଏଏନଏମ) ନିଯୁକ୍ତି ଦେଲେ। ଏହି ମହାମରୀ ସମୟରେ ସମସ୍ତେ ଘରେ ରହିଥିବାବେଳେ ଏଏନଏମ ମାନଙ୍କୁ କରୋନା ମୁକାବିଲା ନିମନ୍ତେ କରୋନା ଯୋଦ୍ଧା ଭାବେ ନିୟୋଜିତ କରାଇ ତାଙ୍କ ଜୀବନକୁ ବାଜି ଲଗାଇଥିଲେ। ରାଜ୍ୟ ସରକାରଙ୍କ ସମସ୍ତ ନୀତିନିୟମକୁ ପାଳନ କରି ଘର ଘର ବୁଲି ଲୋକଙ୍କ ପାଖକୁ ଯାଇ ସ୍ୱାସ୍ଥ୍ୟ ସେବା ଯୋଗାଇଥିଲେ। ବର୍ତ୍ତମାନ କରୋନା କମି ଯିବାର ଆଳ ଦେଖାଇ ରାଜ୍ୟ ସରକାର ସମସ୍ତ କୋଭିଡ କେୟାର ହସପିଟାଲ (ସିସିଏଚ୍)ରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଛଟେଇ କରି ସେମାନଙ୍କୁ ପ୍ରତାରଣା କରିଛନ୍ତି ବୋଲି ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ପାରିଶ୍ରମିକ ତଥା ଦରମା ନପାଇ ଗତ ୯ ଦିନ ଧରି ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ଧାରଣାରତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ବିଜେପି ପ୍ରତିନିଧି ଦଳ ଭେଟି ତାଙ୍କ ସମସ୍ୟା ଏବଂ ଦାବୀ ପ୍ରସଙ୍ଗରେ ଅବଗତ ହୋଇଥିଲେ।ଧାରଣାକାରୀଙ୍କ ଦାବୀ ଯୁକ୍ତିଯୁକ୍ତ ଓ ଯଥାର୍ଥ ବୋଲି କହିବା ସହ ରାଜ୍ୟ ସରକାର ତୁରନ୍ତ ଆଲୋଚନା କରି ସେମାନଙ୍କ ଦାବୀ ଓ ସମସ୍ୟା ସମାଧାନ ପାଇଁ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଡ.ଲେଖାଶ୍ରୀ କହିଛନ୍ତି। ଭାରତୀୟ ଜନତା ପାର୍ଟୀ ଆନ୍ଦୋଳନରତ ମହିଳା ସ୍ୱାସ୍ଥ୍ୟ କର୍ମୀମାନଙ୍କ ଯଥାର୍ଥ ଦାବୀ ସହ ଠିଆ ହୋଇଛି। ରାଜ୍ୟ ସରକାର ଯଥାଶୀଘ୍ର ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ବିଧାନସଭା ଭିତରେ ଓ ବାହାରେ ଛଟେଇ ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କ ସହ ମିଶି ବିଜେପି ଲଢେଇରେ ସାମିଲ ହେବ ବୋଲି ଡ.ଲେଖାଶ୍ରୀ କହିଛନ୍ତି। ଏହି ପ୍ରତିନିଧି ଦଳରେ ଦିଲୀପ ମଲ୍ଲିକ ଏବଂ ସୁରଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ।

# ‘ଓଡ଼ିଶାରେ ହ୍ରାସ ପାଉଛି କରୋନା ଗ୍ରାଫ୍’



**ଭୁବନେଶ୍ୱର :** ମହାମାରୀ କରୋନର ଦ୍ୱିତୀୟ ଲହରି ଆଶଙ୍କା ଓଡ଼ିଶାରେ ନାହିଁ। ଏନେଇ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ବିଭାଗ ବୈଷୟିକ କମିଟି ମୁଖପାତ୍ର ଡାକ୍ତର ଜୟନ୍ତ ପଣ୍ଡା। କଟକ ଏସ୍‌ସିବି ମେଡିକାଲ କଲେଜର ୱେବ୍‌ସାଇଟ୍ ଉନ୍ମୋଚନ ଅବସରରେ ସେ ଏହା କହିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟରେ କରୋନା ଗ୍ରାଫ୍ ଢ଼େର ହ୍ରାସ ପାଇଛି। କରୋନାକୁ ହରାଇବା ପାଇଁ ସାଧାରଣ ଲୋକେ ଓ କରୋନା ଯୋଦ୍ଧା ବହୁ ତ୍ୟାଗ କରିଛନ୍ତି। ତେବେ ଶୀତ ଦିନ ଡିସେମ୍ବର ମାସରେ କରୋନାର ଦ୍ୱିତୀୟ ଲହରି ଆସିବ ବୋଲି ଆଶଙ୍କା କରାଯାଉଥିଲା। ତାହା ଆଉ ଆସିନପାରେ। ଏହା ସତ୍ତ୍ୱେ ଫେବୃଆରୀ ଯାଏଁ ସମସ୍ତଙ୍କୁ ସତର୍କ ରହିବାକୁ ପଡିବ। ଆଉ କିଛି ସପ୍ତାହ ମଧ୍ୟରେ ଟିକା ଆସିବ ଏବଂ ଟିକାକରଣ ପରେ ହର୍ଡ ଇମ୍ୟୁନିଟି ହାସଲ କରିହେବ। ଏଇ ମାସରେ ହିଁ ବୋଧେ ଆମେ ଆମ ଲୋକଙ୍କୁ ଟିକା ଦେଇପାରିବା ବୋଲି ସୂଚନା ଦେଇଛନ୍ତି। ସେହିପରି ସେ ଆହୁରି କହିଥିଲେ ଯେ, ରାଜ୍ୟରେ କରୋନା ଗ୍ରାଫ୍ ଢ଼େର ହ୍ରାସ ପାଇଛି। ମୃତ୍ୟୁସଂଖ୍ୟାରେ ମଧ୍ୟ ବ୍ରେକ୍ ଲାଗିଛି। ଗତ ଦୁଇମାସରୁ ଅଧିକ ସମୟ ହେବ ରାଜ୍ୟରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଦିଲ୍ଲୀ, ମହାରାଷ୍ଟ୍ର ଓ କେରଳରେ କରୋନାର ଦ୍ୱିତୀୟ ଲହର ଦେଖି ରାଜ୍ୟରେ ମଧ୍ୟ ଆଶଙ୍କା ପ୍ରକାଶ ପାଇଥିଲା। ଦ୍ୱିତୀୟ ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଏବେ ରାଜ୍ୟରେ କରୋନା ପ୍ରକୋପ ନାହିଁ କହିଲେ ଚଳେ। ଆଉ ସେ ଭୟନାହିଁ। ଡା. ପଣ୍ଡାଙ୍କ ଠାରୁ ଏହି ଶୁଭସୂଚନା ମିଳିବା ପରେ ସମଗ୍ର ରାଜ୍ୟରେ କରୋନାକୁ ନେଇ ସୃଷ୍ଟି ହୋଇଥିବା ଭୟ ଓ ଆଶଙ୍କା ପ୍ରଶମିତ ହୋଇଛି।

# ରାଜ୍ୟରେ କରୋନା ଟିକାକରଣ କମିଟି ଗଠିତ

**ଭୁବନେଶ୍ୱର :** ମହାମାରୀ କରୋନାର ପ୍ରତିଷେଧକ ପାଇଁ ଟିକାର ବିକାଶିତ କରାଯାଉଛି। ଖୁବ୍‌ଶୀଘ୍ର ଏହି ଟିକା ଦେଶରେ ଉପଲବ୍ଧ ହେବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଟିକାକରଣ ବ୍ୟବସ୍ଥା ଯେପରି ସୁଗମ ହୋଇପାରିବ ସେଥିପାଇଁ ବିଭିନ୍ନ କମିଟି ଗଠନ କରିଛନ୍ତି ରାଜ୍ୟ ସରକାର। ଆଜି ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଉଭୟ ରାଜ୍ୟ ଓ ଜିଲ୍ଲାସ୍ତରରେ କମିଟିମାନ ଗଠନ କରାଯାଇଛି। ୨୧ ଜଣିଆ ରାଜ୍ୟସ୍ତରୀୟ ଟିକାକରଣ କମିଟିର ଅଧକ୍ଷ ରହିବେ ପରିବାର କଲ୍ୟାଣ ନିର୍ଦ୍ଦେଶକ। ଏଥିରେସଦସ୍ୟ ଭାବେ କାମ କରିବେ ରାଜ୍ୟ ଟିକାକରଣ ଅଧିକାରୀ। ସେହିପରି ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର, କ୍ୟାପିଟାଲ ହସ୍ପିଟାଲ ଓ ଏସ୍‌ସିବି ବଡ ମେଡିକାଲର କେତେକ ବିଭାଗୀୟ ମୁଖ୍ୟଙ୍କ ସହ ଅନ୍ୟ ସମ୍ବନ୍ଧିତ ବିଭାଗର ଅଧିକାରୀ ଏବଂ ବିଶେଷଜ୍ଞ ଏହି କମିଟିରେ ସଦସ୍ୟ ରହିବେ। ରାଜ୍ୟସ୍ତରୀୟ କମିଟି ଜିଲ୍ଲାସ୍ତରୀୟ କାର୍ଯ୍ୟର ସମୀକ୍ଷା କରିବା ସହ ବିଭିନ୍ନ ଜିଲ୍ଲା ଗସ୍ତ କରି ବ୍ୟବସ୍ଥା ପରଖିବ। ସେହିପରି ୧୪ ଜଣିଆ ଜିଲ୍ଲାସ୍ତରୀୟ ଟିକାକରଣ କମିଟିର ମୁଖ୍ୟ ରହିବେ ସିଡିଏମ୍‌ଓ। ଏଥିରେ ଜିଲ୍ଲାର ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସଦସ୍ୟ ସଚିବ ଭାବେ କାମ କରିବେ। ଜିଲ୍ଲା ମୁଖ୍ୟ ହସ୍ପିଟାଲରେ କାମ କରୁଥିବା ବିଶେଷଜ୍ଞମାନଙ୍କ ସହ ଜିଲ୍ଲାର ବିଭିନ୍ନ ସହରାଞ୍ଚଳର ନିର୍ବାଚିତ ଲୋକ ପ୍ରତିନିଧି ମଧ୍ୟ ସଦସ୍ୟ ରହିବେ। ଜିଲ୍ଲାରେ ଠିକ ଭାବେ ଯେଭଳି ଟିକାକରଣ ହେବ, ସେଥିପ୍ରତି ଦୃଷ୍ଟି ଦେବେ ଜିଲ୍ଲାସ୍ତରୀୟ କମିଟି।

# ବାହାରୁନି ନିଷ୍କର୍ଷ, ଚିନ୍ତାରେ ସରକାର



**ନୂଆଦିଲ୍ଲୀ :** ନୂଆ କୃଷିଆଇନ ପ୍ରତ୍ୟାହାର ଦାବିରେ ୧୦ ଦିନ ହେଲା କୃଷକ ଆନ୍ଦୋଳନ ଚାଲିଥିଲା ବେଳେ ଶନିବାର କେନ୍ଦ୍ର ସରକାରଙ୍କ ସହ ବିଭିନ୍ନ କୃଷକ ସଂଗଠନର ନେତାମାନଙ୍କ ସହ ଅନୁଷ୍ଠିତ ପଞ୍ଚମ ପର୍ଯ୍ୟାୟ ବୈଠକ ଏକ ପ୍ରକାର ଫେଲ୍ ମାରିଛି। ଆସନ୍ତା ୯ ତାରିଖରେ ଷଷ୍ଠ ପର୍ଯ୍ୟାୟ ଆଲୋଚନା ହେବ ବୋଲି କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଗଣମାଧ୍ୟମକୁ କହିଛନ୍ତି। ନୂଆଦିଲ୍ଲୀର ବିଜ୍ଞାନଭବନରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ କୃଷକ ସଂଗଠନର ନେତାମାନଙ୍କ ସହ ଦୀର୍ଘ ୪ ଘଣ୍ଟା ଧରି ଆଲୋଚନା କରାଯାଇଥିଲା। ବୈଠକରେ ପରେ କେନ୍ଦ୍ର କୃଷିମନ୍ତ୍ରୀ ତୋମାର କହିଛନ୍ତି, ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସ୍‌ପି) ବ୍ୟବସ୍ଥା ବଳବତ୍ତର ରହିବ। ଏଥିରେ ପରିବର୍ତ୍ତନ ହେବନାହିଁ। ଏ ସମ୍ପର୍କରେ କୃଷକମହଲରେ ସୃଷ୍ଟି ହୋଇଥିବା ଆଶଙ୍କା ଅମୂଳକ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, କୃଷି ଉତ୍ପାଦ ବିପଣନ କମିଟି (ଏପିଏମ୍‌ସି) ଆଇନ କିମ୍ବା ରାଜ୍ୟଗୁଡିକର ମଣ୍ଡି ବ୍ୟବସ୍ଥାରେ ଆଞ୍ଚ ଆଣିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ। ବରଂ ନୂଆ କୃଷିଆଇନ ଦ୍ୱାରା କେନ୍ଦ୍ର ସରକାର ଏପିଏମ୍‌ସି ଆଇନକୁ ଅଧିକ ସଶକ୍ତ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ଏହି ଅବସରରେ କୃଷିମନ୍ତ୍ରୀ ତୋମାର କୃଷକ ଆନ୍ଦୋଳନରେ ସାମିଲ ହୋଇଥିବା ବୃଦ୍ଧ ଓ ମହିଳାମାନଙ୍କୁ ଘରକୁ ପଠାଇ ଦିଆଯିବା ପାଇଁ କୃଷକନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ପ୍ରବଳ ଶୀତ ଓ କରୋନା ସମୟରେ ଆନ୍ଦୋଳନରେ ଏମାନଙ୍କୁ ସାମିଲ କରାଯିବା ଉଚିତ୍ ହେବନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ରଖିବାକୁ ତୋମାର କୃଷକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଶନିବାର କୃଷକନେତାମାନଙ୍କ ସହ କେନ୍ଦ୍ର ସରକାରଙ୍କ ଆଲୋଚନା ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଲୋଚନା ସମୟରେ କେନ୍ଦ୍ର କୃଷିମନ୍ତ୍ରୀ ତୋମାରଙ୍କ ସମେତ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବାଣିଜ୍ୟମନ୍ତ୍ରୀ ପିୟୁଷ ଗୋୟଲ ମଧ୍ୟ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଭାରତୀୟ କିଶାନ ୟୁନିୟନର ଅଧ୍ୟକ୍ଷ ରାକେଶ ଟିକାୟତ୍ କହିଛନ୍ତି, ପଞ୍ଚମ ପର୍ଯ୍ୟାୟ ବୈଠକରେ କୌଣସି ସମାଧାନ ପନ୍ଥା ନବାହାରିବାରୁ ଆସନ୍ତା ୮ରେ ପ୍ରସ୍ତାବିତ ଭାରତବନ୍ଦ ନିଷ୍ପତ୍ତି ଅପରିବର୍ତ୍ତିତ ରହିଛି। ଏବେ ଦିଲ୍ଲୀ ସୀମାର ୩ଟି ସ୍ଥାନରେ କୃଷକମାନେ ଧାରଣାରେ ବସିଛନ୍ତି। କୃଷକଙ୍କ ଆନ୍ଦୋଳନ ଯୋଗୁଁ ରାସ୍ତା ଅବରୋଧ ଯୋଗୁଁ ଜରୁରୀ ମେଡ଼ିକାଲ ସେବା ବାଧାପ୍ରାପ୍ତ ହେଉଥିବାରୁ ଇତିମଧ୍ୟରେ ସୁପ୍ରିମକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଛି। ଅନ୍ୟପକ୍ଷରେ ଶନିବାର ପଞ୍ଚମ ପର୍ଯ୍ୟାୟ ଆଲୋଚନା ଅବ୍ୟବହିତ ପୂର୍ବରୁ ଗତ ଶୁକ୍ରବାର ୪୦ ଜଣ କୃଷକନେତା ଦିଲ୍ଲୀ-ହରିଆଣା ସୀମାରେ ଏକତ୍ର ହୋଇ ରଣନୀତି ସ୍ଥିର କରିଥିଲେ।

# ଦୈନିକ ଟେଷ୍ଟିଂ କମୁଛି

**ଭୁବନେଶ୍ୱର :** ଭୁବନେଶ୍ୱରରୁ ସଂକ୍ରମଣ ଦିନକୁ ଦିନ ହ୍ରାସ ପାଉଛି। କ୍ରମାଗତ ଭାବେ ପଜିଟିଭ୍ ହାର ତଳକୁ ଖସୁଥିବା ପରିଲିକ୍ଷିତ ହେଉଥିବାବେଳେ ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ଆଉ ୩୪ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କିନ୍ତୁ ସମୟାନୁକ୍ରମେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା କରାଯାଉଥିବା ନମୁନା ପରୀକ୍ଷଣ ମଧ୍ୟ ହ୍ରାସ ପାଇଥିବା ନଜରକୁ ଆସିଛି। ଯେଉଁଠି ଦିନକୁ ପାଖାପାଖି ୫ ହଜାର ଲୋକଙ୍କ ନମୁନା ସଂଗୃହିତ ହେବା ସହ ପରୀକ୍ଷଣ ହେଉଥିଲା ସେଠାରେ ଏବେ ଟେଷ୍ଟିଂ ଦିନକୁ ୨ ହଜାର ଡେଉଁନି। ଫଳରେ ସହରରୁ କମ୍ ସଂଖ୍ୟକ ପଜିଟିଭ୍ ଚିହ୍ନଟ ହେଉଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।










Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି